# ଧରିତ୍ରୀ
DHARITRI

ବ୍ରହ୍ମପୁର, ସୋମବାର, ଏପ୍ରିଲ ୧୯/୨୦୨୧ (୧୨ ପୃଷ୍ଠା) | Berhampur, Monday, April 19/2021 | ★★★

୧୭ଶ ଭାଗ ୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଉର୍ବଶୀଙ୍କୁ ବ୍ଲକ୍ କରିଥିଲେ ପନ୍ତ**

କ୍ରିକେଟର ରଷଭ ପନ୍ତଙ୍କ ସହ ଉର୍ବଶୀ ରୌତେଲା ଡେଟ୍ କରୁଥିବା ନେଇ ଚର୍ଚ୍ଚା ହେଉଥିବାବେଳେ ଅଭିନେତ୍ରୀଙ୍କୁ ହ୍ୱାଟ୍ସଆପ୍‌ରେ ବ୍ଲକ କରିଦେଇଥିଲେ ପନ୍ତ।

୧୦

୧୨

**ଡି'ଭିଲର୍ସଙ୍କ ମ୍ୟାଚ ବିଜୟୀ ଇନିଂସ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରବିବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପାଇଁ ମ୍ୟାଚ ବିଜୟୀ ଇନିଂସ ଖେଳିଛନ୍ତି ଦକ୍ଷିଣ ଆଫ୍ରିକାର ଏବି ଡି'ଭିଲର୍ସ।



# ସଂକ୍ରମଣର ଭୀଷଣ ରୂପ


## ରେଡ୍ ଜୋନ୍‌ରେ ୫ ଜିଲା

- ୨୪ ଘଣ୍ଟାରେ ୩,୬୬୪ ଚିହ୍ନଟ, ୨ ମୃତ
- ଖୋର୍ଦ୍ଧା, ଦିନକରେ ୭୦୪ ଚିହ୍ନଟ

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

ରାଜ୍ୟକୁ ମାଡ଼ି ଆସୁଛି କରୋନା ସଂକ୍ରମଣର ବଡ଼ ବିପଦ। ବର୍ତ୍ତମାନର ସଂକ୍ରମଣ ଓ ସ୍ୱାସ୍ଥ୍ୟ ପରିଚାଳନା ସ୍ଥିତିକୁ ଦେଖିଲେ ଏଭଳି ଆଶଙ୍କା ଦୃଢ଼ୀଭୂତ ହେବାରେ ଲାଗିଛି। ପ୍ରଥମେ ପଡୋଶୀ ଛତିଶଗଡ଼ ପାଇଁ ଓଡ଼ିଶାରେ ସଂକ୍ରମଣ ବଢ଼ିଥିଲା। ଏବେ ଦେଶର ସର୍ବାଧିକ ସଂକ୍ରମିତ ରାଜ୍ୟରୁ ପ୍ରବାସୀଙ୍କ ଘରବାହୁଡ଼ା ରାଜ୍ୟର ସ୍ଥିତିକୁ ଆହୁରି ବିଗାଡି ଦେଇଛି। ଫଳରେ ୩ଦିନ ହେବ ରାଜ୍ୟରେ ଦୈନିକ ସଂକ୍ରମଣ ୩ହଜାର ଉପରେ ରହିବା ସହ ୪ହଜାର ମୁହାଁ ହୋଇଛି। ଶେଷ ୨୪ ଘଣ୍ଟାରେ ୩,୬୬୪ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଆଉ ୨ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟପଟେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଗୋଟିକ ପରେ ଆଉ ଗୋଟିଏ ଜିଲା ରେଡ୍ ଜୋନ୍‌କୁ ଚାଲିଯାଉଛି। ଶନିବାର ସୁଦ୍ଧା ୪ ଜିଲା ସୁନ୍ଦରଗଡ଼, ଖୋର୍ଦ୍ଧା, ନୂଆପଡ଼ା ଓ ସମ୍ବଲପୁର ରେଡ୍ ଜୋନ୍‌ରେ ରହିଥିଲା। ରବିବାର ଆଉ ୨ଟି ଜିଲା ବରଗଡ଼ ଓ କଟକ ରେଡ୍ ଜୋନ୍‌ରେ ସାମିଲ ହୋଇଛି। କିନ୍ତୁ ରେଡ୍ ଜୋନ୍‌ରେ ଥିବା ନୂଆପଡ଼ା ଜିଲା ୟେଲୋ ଜୋନ୍‌କୁ ଖସି ଆସିଥିବାରୁ ଏବେ ୫ ଜିଲା ରେଡ୍ ଜୋନ୍‌ରେ ରହିଛି। ତେବେ ପଶ୍ଚିମ ଓଡ଼ିଶାରେ ଭୟଙ୍କର ସ୍ଥିତି ଉପୁଜିଛି। ରେଡ୍ ଜୋନ୍‌ରେ ଥିବା ୩ ଜିଲାରେ ସଂକ୍ରମଣ ଏପରି ସ୍ଥିତିରେ ପହଞ୍ଚିଛି କୋଭିଡ୍ ହସ୍ପିଟାଲରେ ବେଡ୍‌ଠାରୁ ଅଧିକ ସଂଖ୍ୟାରେ ରୋଗୀ ଭର୍ତ୍ତି ହେଉଛନ୍ତି। ସେହିପରି ଡାକ୍ତର ଓ କର୍ମଚାରୀ ଅଭାବ ଯୋଗୁ ଚିକିତ୍ସା ସେବା ବାଧାପ୍ରାପ୍ତ ହେଉଛି। ଯେଉଁଥିପାଇଁ ମୃତ୍ୟୁ ସଂଖ୍ୟା ବଢୁଥିବା କୁହାଯାଉଛି।

ସେପଟେ ଚିନ୍ତା ବଢ଼ାଇଲାଣି ଖୋର୍ଦ୍ଧା ଜିଲା। ସୁନ୍ଦରଗଡ଼ ପରେ ଏବେ ଖୋର୍ଦ୍ଧା ଦ୍ୱିତୀୟ ଲହର ସଂକ୍ରମଣର ହଟ୍‌ସ୍ପଟ୍ ପାଲଟିଛି। ଚିହ୍ନଟ ହୋଇଥିବା ☞ପୃଷ୍ଠା–୪



## ଲିଭୁନି ଚିତା, ବଢୁଛି ଚିନ୍ତା

- ଦେଶରେ ୧୮ ଲକ୍ଷ ଟପିଲା ସକ୍ରିୟ ମାମଲା
- ଦିନକରେ ୨.୬୧ ଲକ୍ଷ ଆକ୍ରାନ୍ତ, ୧,୫୦୧ ମୃତ
- ସବୁଠି ଅକ୍ସିଜେନ ସଙ୍କଟ, ମିଳୁନି ଚିକିତ୍ସା ଉପକରଣ

ନୂଆଦିଲ୍ଲୀ, ୧୮।୪

କୋଭିଡ୍-୧୯ ସଂକ୍ରମଣର ଦ୍ୱିତୀୟ ଲହର ଭାରତକୁ ବଡ଼ ବିପତ୍ତି ଆଣିଛି। ୨୪ ଘଣ୍ଟାରେ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିବା ଏହା ହିଁ ସୂଚାଉଛି। ତେବେ ଏହି ମୃତ୍ୟୁ ସଂଖ୍ୟା କେବଳ ସରକାରୀ ତଥ୍ୟ ଅନୁସାରେ ଗଣନା କରାଯାଉଛି। ହିସାବ ବହିର୍ଭୂତ ମୃତ୍ୟୁକୁ ଏଥିରେ ମିଶାଇଲେ ବାସ୍ତବ ଚିତ୍ର ସ୍ପଷ୍ଟ ହୋଇପାରିବ ବୋଲି କୁହାଯାଉଛି। ଏସବୁ ଭିତରେ ଅକ୍ସିଜେନ ସିଲିଣ୍ଡର ଓ ଜରୁରୀ ଚିକିତ୍ସା ଉପକରଣର ଅଭାବ ଦେଶରେ ଏକପ୍ରକାର ହେଲ୍‌ଥ ଏମର୍ଜେନ୍ସି ସ୍ଥିତି ସୃଷ୍ଟି କରିଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରିପୋର୍ଟ ଅନୁସାରେ ରବିବାର ପୂର୍ବାହ୍ନ ୧୦ଟା ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ଦେଶରେ ୨,୬୧,୫୦୦ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧,୫୦୧ ଜଣଙ୍କର ଜୀବନ ଯାଇଛି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧,୪୭,୮୮,୧୦୯ରେ ପହଞ୍ଚିଥିବାବେଳେ ☞ପୃଷ୍ଠା–୪

# 'ଖୁସି'ରେ ଖୁସି

ଅନିଲ ଦାସ

ଭୁବନେଶ୍ୱର, ୧୮।୪

ଟିକସଦାତାଙ୍କ ପଇସା ଲୁଟିବା ଘରୋଇ ସଂସ୍ଥାଙ୍କ ପାଇଁ ଓଡ଼ିଶା ଏକ ସହଜ ଲକ୍ଷ୍ୟସ୍ଥଳ ହୋଇଛି। କେତେଜଣ ସରକାରୀ ବାବୁଙ୍କୁ ହାତକରି ଘରୋଇ କମ୍ପାନୀ ରାଜକୋଷକୁ ଲୁଟି ଚାଲିଛନ୍ତି। ସେହି ଅର୍ଥରୁ ଅଧିକାଂଶ ଭାଗ ବାବୁମାନଙ୍କ ପକେଟକୁ ଚାଲିଯାଉଛି। ବାଳିକାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ରାଜ୍ୟ ସରକାର ବହୁ ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ଏହି ଟଙ୍କାରେ କିଶୋରୀମାନଙ୍କ ସ୍ୱାସ୍ଥ୍ୟରକ୍ଷା ହେବା ପରିବର୍ତ୍ତେ ଦାୟିତ୍ୱରେ ଥିବା ଅଧିକାରୀ ଓ ଘରୋଇ ସଂସ୍ଥାର ସ୍ୱାର୍ଥରକ୍ଷା ହେଉଛି। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ତାଙ୍କ ରିପୋର୍ଟରେ ଏକଥା ଦର୍ଶାଇଛନ୍ତି।

ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ବାଳିକାମାନଙ୍କ ମାସିକ ଋତୁସ୍ରାବ ସ୍ୱଚ୍ଛତା ପାଇଁ ରାଜ୍ୟ ସରକାର ୨୦୧୮ ଫେବୃୟାରୀ ୨୬ରେ 'ଖୁସି' ଯୋଜନା କାର୍ଯ୍ୟକାରୀ କରିଥିଲେ। ଏଥିପାଇଁ ବାର୍ଷିକ ୭୦କୋଟି ଟଙ୍କା ଖର୍ଚ୍ଚ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ଯୋଜନାରେ ବାଳିକାମାନଙ୍କୁ ସାନିଟାରି ନାପ୍‌କିନ ମାଗଣାରେ ଯୋଗାଇଦେବା ବ୍ୟବସ୍ଥା କରାଯାଇଛି। ଏହାର ଯୋଗାଣ ଦାୟିତ୍ୱ ଓଡ଼ିଶା ରାଜ୍ୟ ଔଷଧ ନିଗମ(ଓଏସ୍ଏମ୍‌ସିଏଲ୍) ଉପରେ ନ୍ୟସ୍ତ କରାଯାଇଛି। ତେବେ ନିଗମ ଦ୍ୱାରା କ୍ରୟ କରାଯାଇଥିବା ସାନିଟାରି ନାପ୍‌କିନ କିଣାରେ ବ୍ୟାପକ ହେରଫେର ହୋଇଛି। ୨୦୧୮ ଜାନୁୟାରୀରେ ରାଜ୍ୟ ସରକାର ୧୭.୨୬ ଲକ୍ଷ ବାଳିକାଙ୍କୁ ସାନିଟାରି ନାପ୍‌କିନ ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଥିଲେ। ୨୦୧୮ ମେ' ମାସରେ ନିଗମ ପକ୍ଷରୁ ଏଥିପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ବିଭିନ୍ନ ରାଜ୍ୟର ୫ଟି ସଂସ୍ଥା ଟେଣ୍ଡର ପାଇଁ ବିଡ୍ ଦାଖଲ କରିଥିଲେ। ଔଷଧ ନିଗମର ଟେଣ୍ଡର ମୂଲ୍ୟାୟନ କମିଟି (ଟିଇସି) ୨୦୧୮ ଜୁଲାଇରେ ଆବଶ୍ୟକ କାଗଜପତ୍ର ☞ପୃଷ୍ଠା–୪






ବିଏମ୍‌ସି ପକ୍ଷରୁ ଭୁବନେଶ୍ୱର ରେଳ ଷ୍ଟେଶନଠାରେ ରବିବାର ଟ୍ରେନ୍ ଯୋଗେ ବିଭିନ୍ନ ରାଜ୍ୟରୁ ଫେରୁଥିବା ପ୍ରବାସୀମାନଙ୍କ ନାମ ପଞ୍ଜୀକରଣ କରାଯିବା ସହ ସ୍କ୍ରିନିଂ ପରେ ଛଡ଼ାଯାଉଛି।

# ଜେଇଇ ମେନ୍ ସ୍ଥଗିତ

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ପରିଚାଳିତ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ମେନ୍ ସ୍ଥଗିତ ରଖାଯାଇଛି। ଦେଶରେ କରୋନା ମହାମାରୀର ଭୟାବହତା ଓ ପରୀକ୍ଷାର୍ଥୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏନ୍‌ଟିଏ ଏହି ପଦକ୍ଷେପ ନେଇଛି। ରବିବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ଟୁଇଟ୍ କରି ଏନେଇ ସୂଚନା ଦେଇଛନ୍ତି। ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଦ୍ୱାରା ଲଗାତାର-ଉଠୁଥିବା ଦାବିକୁ ଗୁରୁତ୍ୱ ଦେଇ ଏନ୍‌ଟିଏ ୧୦ଦିନ ପୂର୍ବରୁ ପରୀକ୍ଷାକୁ ସ୍ଥଗିତ ରଖିଛି। ପରବର୍ତ୍ତୀ ସମୟରେ ପରୀକ୍ଷା ନେଇ ନିଷ୍ପତ୍ତି ହେବ। ପରୀକ୍ଷାର ୧୫ଦିନ ପୂର୍ବରୁ ନୂଆ ତାରିଖ ଘୋଷଣା କରାଯିବ। ☞ପୃଷ୍ଠା–୪

# ସ୍ୱର୍ଣ୍ଣ ଜିତିଲେ ଓଡ଼ିଆ ଝିଅ ଝିଲ୍ଲୀ



ଝିଲ୍ଲୀ ଦଲବେହେରା ଭାରୋତ୍ତୋଳନ କରୁଛନ୍ତି।

**ଏସୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୧୮।୪ (କ୍ରୀଡ଼ା ପ୍ରତିନିଧି)

ଏସୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରୁ ରବିବାର ଖୁସି ଖବର ଆଣିଛନ୍ତି ଓଡ଼ିଶାର ଝିଲ୍ଲୀ ଦଲବେହେରା। ଉଜବେକିସ୍ତାନର ତାସକେଣ୍ଟରେ ଚାଲିଥିବା ଏସୀୟ ଚାମ୍ପିୟନଶିପ୍‌ର ୪୫ କେଜି କାଟେଗୋରିରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଜୁନିୟର ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ପୂର୍ବରୁ ବ୍ରୋଞ୍ଜ ପଦକ ହାସଲ କରିଥିବା ଓଡ଼ିଆ ଝିଅ ଝିଲ୍ଲୀ ତାସକେଣ୍ଟରେ ସ୍ନାଚ୍‌ରେ ୬୯ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୮୮ କେଜି ଏହିପରି ମୋଟ ☞ପୃଷ୍ଠା–୪

# କାର୍‌ରେ ରୋଗୀଙ୍କୁ ଅକ୍ସିଜେନ

**ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ସ୍ଥିତି ବିଗୁଡୁଛି**



କାର ଭିତରେ ଜଣେ ରୋଗୀଙ୍କୁ ଅକ୍ସିଜେନ୍ ଲଗାଯାଇଛି।

ବଲାଙ୍ଗୀର ଅଫିସ, ୧୮।୪

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଜରୁରିକାଳୀନ ଚିକିତ୍ସା ସେବା ସ୍ଥିତି ବିଗିଡିବାରେ ଲାଗିଛି। କରୋନା ଦ୍ୱିତୀୟ ଲହର ଯୋଗୁ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବାବେଳେ ପ୍ରତିଦିନ ହସ୍ପିଟାଲକୁ ଆସୁଥିବା ଜରୁରିକାଳୀନ ରୋଗୀଙ୍କ ଚିକିତ୍ସା ସେବାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ମେଡିକାଲ କର୍ତ୍ତୃପକ୍ଷ। ଏବେ ହସ୍ପିଟାଲରେ ମାତ୍ର ୫୦ଟି ଆଇସିୟୁ ବେଡ୍ ରହିଛି। ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଥିବା ବେଳେ ସେମାନଙ୍କୁ ଆବଶ୍ୟକ ବେଡ୍ ମିଳୁ ନ ଥିବାରୁ ଚୌକିରେ ବସି ଅକ୍ସିଜେନ୍ ଲଗାଯାଇଥିବା ଦୃଶ୍ୟ ଦେଖାଯାଇଛି। ଏପରି କି ଜଣେ ☞ପୃଷ୍ଠା–୪

# ନବୀନଙ୍କ ସହଯୋଗ ଲୋଡ଼ିଲେ ଜଗନ

**ନେରେଡ଼ି ବ୍ୟାରେଜ**

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନ୍‌ମୋହନ ରେଡ୍ଡୀ ଶନିବାର ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାର ଗଜପତି ଏବଂ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲା ମଧ୍ୟରେ ଥିବା ବଂଶଧାରା ନଦୀର ନେରେଡ଼ି ବ୍ୟାରେଜ ସଂକ୍ରାନ୍ତରେ ଚିଠି ଲେଖିଛନ୍ତି।

ଜଗନ୍‌ମୋହନ ତାଙ୍କ ପତ୍ରରେ ବଂଶଧାରା ପ୍ରକଳ୍ପରେ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ଆଶା କରିଥିବା ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ରହିଥିବା ବିବାଦ ବୁଝାମଣା ଜରିଆରେ ସମାଧାନ କରାଯାଇପାରିବ। ନେରେଡ଼ି ଜଳପ୍ରକଳ୍ପ ହେଲେ ଉଭୟ ରାଜ୍ୟର ସୀମାନ୍ତ ଚାଷୀ ଉପକୃତ ହେବେ। ଏଥିଲାଗି ଆଲୋଚନା କରିବାକୁ ସେ ସକାରାତ୍ମକ ଅଛନ୍ତି। ଓଡ଼ିଶା ଆସି ଆଲୋଚନା କରିବାକୁ ମଧ୍ୟ ସେ ଆଗ୍ରହ ପ୍ରକାଶ କରିଛନ୍ତି। ବଂଶଧାରାରେ ପ୍ରବାହିତ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ** 'ଘୋ'ରେ ମାତିଛୁ




**ଭୂପିନ୍ଦର ସିଂ ହୁଡ୍ଡା ସଂକ୍ରମିତ**

ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଭୂପିନ୍ଦର ସିଂ ହୁଡ୍ଡା (୭୩) ଓ ସ୍ତ୍ରୀ ଆଶା ହୁଡ୍ଡା ରବିବାର କରୋନାରେ ସଂକ୍ରମିତ ହୋଇଛନ୍ତି। ଉଭୟେ ଗୁରୁଗ୍ରାମସ୍ଥିତ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି।



## ସଂକ୍ଷେପରେ

### ଏବେ ଗର୍ଭଧାରଣ କରନାହିଁ

**ମହିଳାଙ୍କୁ ବ୍ରାଜିଲ ସରକାରଙ୍କ ପରାମର୍ଶ**

**ବ୍ରାସିଲିଆ, ୧୮।୪:** ବ୍ରାଜିଲରେ କରୋନା ସଂକ୍ରମଣ ଅତ୍ୟଧିକ ବୃଦ୍ଧି ପାଉଥିବାରୁ ସେଠାକାର ମହିଳାମାନଙ୍କୁ ଗର୍ଭଧାରଣ ଯୋଜନା ସ୍ଥଗିତ ରଖିବା ଲାଗି ସରକାର ପରାମର୍ଶ ଦେଇଛନ୍ତି। ବ୍ରାଜିଲରେ କରୋନା ଭୂତାଣୁର ନୂଆ ରୂପ ଗର୍ଭବତୀ ମହିଳାମାନଙ୍କୁ ଅଧିକ ସଂକ୍ରମିତ କରୁଥିବାରୁ ମହାମାରୀ ଜନିତ ଖରାପ ସମୟ ଅତିକ୍ରାନ୍ତ ନ ହେବା ପର୍ଯ୍ୟନ୍ତ ଗର୍ଭଧାରଣ ନ କରିବାକୁ ଦେଶର ପ୍ରାଥମିକ ସ୍ୱାସ୍ଥ୍ୟସେବା ସଚିବ ରାଫାଏଲ କାମାରା କହିଛନ୍ତି। ଏହି ପରାମର୍ଶ ୪୨/୪୩ ବର୍ଷୀୟଙ୍କ ପାଇଁ ନୁହେଁ, ଯୁବ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ କିଛିଦିନ ଅପେକ୍ଷା କରିପାରିବେ ବୋଲି ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି। କରୋନା ମୃତ୍ୟୁରେ ଆମେରିକା ପରେ ବ୍ରାଜିଲ ଦ୍ୱିତୀୟ ସ୍ଥାନରେ ରହିଛି। ସେଠାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧.୩୮ କୋଟିରୁ ଅଧିକ ହୋଇଥିବାବେଳେ ମୃତ୍ୟୁସଂଖ୍ୟା ୩,୬୮,୭୪୯ରେ ପହଞ୍ଚିଲାଣି।

### ମସ୍‌ଜିଦ୍‌ରେ ଗୁଳିକାଣ୍ଡ: ୮ ମୃତ

**କାବୁଲ, ୧୮।୪:** ଆଫଗାନିସ୍ତାନର ନଙ୍ଗରହର ପ୍ରଦେଶରେ ଏକ ମସ୍‌ଜିଦରେ କେତେଜଣ ବନ୍ଧୁକଧାରୀ ଆଖିବୁଜା ଗୁଳିଚାଳନା କରିଛନ୍ତି। ଏଥିରେ ଗୋଟିଏ ପରିବାରର ୮ ଜଣଙ୍କ ମୃତ୍ୟୁ ଘଟିଥିବା ରବିବାର ଗର୍ଭନର ଜିଆଉଲ୍ଲହକ୍ ଅମରଖଇଲ ସୂଚନା ଦେଇଛନ୍ତି। କୌଣସି ବିବାଦୀୟ ଜମିକୁ କେନ୍ଦ୍ରକରି ଏହି ଗୁଳିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ଏନ୍ ୯୫ ମାସ୍କ ପିନ୍ଧିବାକୁ ପରାମର୍ଶ

**ନୂଆଦିଲ୍ଲୀ, ୧୮।୪:** ବାୟୁରେ କରୋନା ସଂକ୍ରମଣ ବ୍ୟାପୁଥିବା ନେଇ ନିକଟରେ ଲାନ୍‌ସେଟ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇବା ପରେ ଲୋକେ କପଡ଼ା ମାସ୍କ ବଦଳରେ ଏନ୍ ୯୫ କିମ୍ବା କେଏନ୍ ୯୫ ମାସ୍କ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି ବିଶେଷଜ୍ଞ। ମାରିଲାଣ୍ଡ୍ ବିଶ୍ୱ ବିଦ୍ୟାଳୟର ସଂକ୍ରାମକ ରୋଗ ମୁଖ୍ୟ ବିଶେଷଜ୍ଞ ଡା. ଫହିମ୍ ୟୁନସ୍ ଏକ ଟୁଇଟ୍‌ରେ କହିଛନ୍ତି, ବାୟୁ ଯୋଗେ ବ୍ୟାପୁଥିବା ପାଥୋଜେନ୍ ସଂକ୍ରମଣରୁ ବର୍ତ୍ତିବା ପାଇଁ ଆମକୁ ଦୁଇଟି ଏନ୍ ୯୫ କିମ୍ବା କେଏନ୍ ୯୫ ମାସ୍କ କିଣିବାକୁ ପଡ଼ିବ। ଗୋଟିଏ ଦିନ ବ୍ୟବଧାନରେ ୨ଟିକୁ ବ୍ୟବହାର କରିବା ଉଚିତ୍। ବ୍ୟବହାର କରିଥିବା ମାସ୍କକୁ ପେପର ବ୍ୟାଗ୍‌ରେ ରଖି ତାହାକୁ ପରଦିନ ପିନ୍ଧିହେବ।

### ମହିଳାଙ୍କୁ ଗଣବଳାତ୍କାର ୮ ଅଭିଯୁକ୍ତ କରୋନା ପଜିଟିଭ୍

**ପାକୁଡ(ଝାଡ଼ଖଣ୍ଡ), ୧୮।୪:** ଝାଡ଼ଖଣ୍ଡର ପାକୁଡ ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ବାହାରକୁ ଶୌଚ ହେବାକୁ ଯାଇଥିବା ଜଣେ ୩୫ ବର୍ଷୀୟା ମହିଳାଙ୍କୁ ୧୧ ଜଣ ଗଣବଳାତ୍କାର କରିଥିଲେ। ସେମାନଙ୍କୁ ଗିରଫ କରାଯିବା ପରେ ୮ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ପୀଡ଼ିତା ମଧ୍ୟ ସଂକ୍ରମିତ ଥିବା ଜଣାପଡ଼ିଛି। ଗତ ୧୩ ତାରିଖ ସନ୍ଧ୍ୟାରେ ମହିଳା ଶୌଚ ପାଇଁ ବାହାରକୁ ଯାଉଥିବାବେଳେ ୧୧ ଜଣ ମଦ୍ୟପ ଯୁବକ ତାଙ୍କୁ ଉଠାଇ ନେଇ ବଳାତ୍କାର କରିଥିଲେ। ଦୁଇଦିନ ପର୍ଯ୍ୟନ୍ତ ପୀଡ଼ିତା ବେହୋସ ହୋଇଯାଇଥିଲେ। ସାମାନ୍ୟ ସୁସ୍ଥ ହେବା ପରେ ସେ ପରିବାର ସଦସ୍ୟଙ୍କ ସହ ମୁଫସିଲ୍ ଥାନାକୁ ଯାଇ ଏତଲା ଦେଇଥିଲେ। ଅଭିଯୁକ୍ତଙ୍କ ମଧ୍ୟରେ ପୀଡ଼ିତାଙ୍କ ସମ୍ପର୍କୀୟ ଥିବା ଜଣାପଡ଼ିଛି।



## ଇଲିଆନାଙ୍କ ଟୁଇଟର ହ୍ୟାକ୍

ବଲିଉଡ୍ ବିୟୁଟି ଇଲିଆନା ଡି'କ୍ରୁଜ୍‌ଙ୍କ ଟୁଇଟର ଆକାଉଣ୍ଟ ହ୍ୟାକ ହୋଇଛି। ଏ ସମ୍ପର୍କରେ 'ଦି ବିଗ୍ ବୁଲ୍' ଅଭିନେତ୍ରୀ ତାଙ୍କ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ସୂଚନା ଦେଇଛନ୍ତି। ତାଙ୍କ ଟୁଇଟର୍ ଆକାଉଣ୍ଟରୁ କୌଣସି ପୋଷ୍ଟ ଅପଲୋଡ୍ ହେଲେ କିମ୍ବା ମେସେଜ ପଠାଗଲେ ତାହାକୁ ଅଣଦେଖା କରିବାକୁ ସେ ତାଙ୍କ ପ୍ରଶଂସକଙ୍କୁ ଅନୁରୋଧ କରିଛନ୍ତି। କିଛିଦିନ ହେଲା ଲଗାତାର ସିନେ ସେଲିବ୍ରିଟିଙ୍କ ସୋସିଆଲ ଆକାଉଣ୍ଟ ହ୍ୟାକ୍ ଘଟଣା ସାମ୍‌ନାକୁ ଆସୁଛି। ଫର୍‌ହା ଖାନ, ଇଶା ଦେଓଲ, ଅମିଷା ପଟେଲ ପ୍ରମୁଖ କଳାକାରଙ୍କ ପରେ ଏବେ ଇଲିଆନାଙ୍କ ଆକାଉଣ୍ଟ ହ୍ୟାକ୍ କରାଯାଇଛି।

## 'କାର୍‌ଗିଲଠାରୁ କୋଭିଡ୍ ମୃତ୍ୟୁ ଅଧିକ'



ଦେଶରେ ଦୈନିକ କୋଭିଡ୍ ସଂକ୍ରମିତଙ୍କ ମୃତ୍ୟୁକୁ ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି ଭାରତର ପୂର୍ବତନ ସେନା ମୁଖ୍ୟ ବେଦ ପ୍ରକାଶ ମଲିକ। ୨ ମାସ ଧରି ଚାଲିଥିବା କାର୍‌ଗିଲ ଯୁଦ୍ଧ ଅପେକ୍ଷା କରୋନାରେ ଅଧିକ ଲୋକଙ୍କ ମୃତ୍ୟୁ ଘଟୁଛି ବୋଲି ସେ ରବିବାର ଏକ ଟୁଇଟ୍‌ରେ କହିଛନ୍ତି। ଦେଶରେ ସଂକ୍ରମଣର ଘାତକ ଦ୍ୱିତୀୟ ଲହର ଚାଲିଥିବା ସମୟରେ ନିର୍ବାଚନ ରାଲି ଆୟୋଜନ, କୃଷକ ଆନ୍ଦୋଳନ, ଧର୍ମୀୟ ସମାବେଶ ସହ ଜନ ସମାଗମ ହେଉଥିବା ଭଳି କାର୍ଯ୍ୟକ୍ରମକୁ ସେ ସମାଲୋଚନା କରିଛନ୍ତି। ଶନିବାର କୋଭିଡ୍ ମୃତ୍ୟୁସଂଖ୍ୟା ୧୩୩୮ ଥିଲା, ଯାହାକି କାର୍‌ଗିଲ ଯୁଦ୍ଧରେ ଯାଇଥିବା ପ୍ରାଣ ହରାଇଥିବା ଲୋକଙ୍କଠାରୁ ଅଢ଼େଇ ଗୁଣ ଅଧିକ ବୋଲି ସେ କହିଛନ୍ତି।

# 'ପ୍ରଧାନମନ୍ତ୍ରୀ ନୁହନ୍ତି, ଭାଜପା ପ୍ରଚାରକ'



ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ମମତା



ମୋଦି ଏକ ପିଆର୍ କମ୍ପାନୀର କ୍ୟାମ୍ପେନର: ୟେଚୁରୀ



ନିର୍ବାଚନୀ ପ୍ରଚାର ବାତିଲ କଲେ ରାହୁଲ

**ପଶ୍ଚିମବଙ୍ଗ ପ୍ରଚାରରୁ ସଂକ୍ରମଣ ବୃଦ୍ଧି**



**ନୂଆଦିଲ୍ଲୀ/କୋଲକାତା,୧୮।୪**

ମହାମାରୀ କରୋନା ଯୋଗୁ ଭାରତରେ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହୋଇଛି। ରବିବାର ୨,୬୧,୫୦୦ରୁ ଊର୍ଦ୍ଧ୍ୱ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧,୫୦୧ ଜଣ ଭୂତାଣୁ ଆକ୍ରାନ୍ତ ପ୍ରାଣ ହରାଇଛନ୍ତି। ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଛତିଶଗଡ଼, ମଧ୍ୟପ୍ରଦେଶ, କର୍ଣ୍ଣାଟକ, କେରଳ ସମେତ ଜାତୀୟ ରାଜଧାନୀ ଦିଲ୍ଲୀରେ ସ୍ଥିତି ଅଣାୟତ୍ତ ହୋଇଯାଇଛି। ଅଧିକାଂଶ ରାଜ୍ୟରେ କୋଭିଡ୍-୧୯ ଭାକ୍ସିନ ନିଅଣ୍ଟ ଯୋଗୁ ଟିକାକରଣ କେନ୍ଦ୍ରଗୁଡ଼ିକ ବନ୍ଦ ହୋଇଗଲାଣି। ହସ୍ପିଟାଲଗୁଡ଼ିକରେ ଶଯ୍ୟା ଅଭାବ ଯୋଗୁ ରୋଗୀଙ୍କ ଚିକିତ୍ସା ହୋଇପାରୁ ନାହିଁ। ଜରୁରୀ ଇଞ୍ଜେକ୍ସନ ଓ ଔଷଧ କଳାବଜାର ହୋଇ ଚଢ଼ା ଦରରେ ବିକ୍ରି ହେଉଛି। ସବୁଠି ଅକ୍ସିଜେନ ସଙ୍କଟ ଲାଗି ରହିଛି। ଫଳରେ ଉପଯୁକ୍ତ ଚିକିତ୍ସା ନ ପାଇ ଲୋକେ ମରୁଛନ୍ତି। ଶ୍ମଶାନରେ ମୃତଦେହଗୁଡ଼ିକୁ ଦାହ କରିବା ପାଇଁ ସ୍ଥାନାଭାବ ହେଉଛି। ଏସବୁ ଭିତରେ ନିଜକୁ ଦେଶର ପ୍ରଧାନ ସେବକ ବୋଲାଉଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାରରେ ବ୍ୟସ୍ତ ଥିବା ଦେଖି ବିରୋଧୀ ଦଳଗୁଡ଼ିକ ତାଙ୍କୁ ଟାର୍ଗେଟ କରିଛନ୍ତି। ମୋଦି ଦେଶର ପ୍ରଧାନମନ୍ତ୍ରୀ ରୂପେ ନୁହେଁ, ବରଂ ଭାଜପାର ଜଣେ ପ୍ରଚାରକ ରୂପେ ଭୂମିକା ନିଭାଉଛନ୍ତି ବୋଲି ଭାରତୀୟ କମ୍ୟୁନିଷ୍ଟ ପାର୍ଟି-ମାର୍କ୍ସବାଦୀ (ସିପିଆଇଏମ୍) ସମାଲୋଚନା କରିଛି।

ପୂର୍ବରୁ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ପଶ୍ଚିମବଙ୍ଗରେ କରୋନାର ଭୟାବହତା ସେତେଟା ନ ଥିଲା। କିନ୍ତୁ ପଶ୍ଚିମବଙ୍ଗରେ ସର୍ବାଧିକ ୮ ପର୍ଯ୍ୟାୟରେ (ମାର୍ଚ୍ଚ ୨୭ରୁ ଏପ୍ରିଲ ୨୯) ବିଧାନସଭା ନିର୍ବାଚନ ପାଇଁ ଚାଲିଥିବା ପ୍ରଚାର ଯୋଗୁ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଶନିବାର ୭୭୧୩ ନୂଆ ସଂକ୍ରମିତଙ୍କୁ ମିଶାଇ ରାଜ୍ୟର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬,୫୧,୫୦୮ରେ ପହଞ୍ଚିଥିଲା। ସେହିପରି ୩୪ ମୃତକଙ୍କୁ ମିଶାଇ ମୃତ୍ୟୁସଂଖ୍ୟା ୧୦,୫୪୦ ଛୁଇଁଥିଲା। ପଶ୍ଚିମବଙ୍ଗରେ କରୋନା ସଂକ୍ରମଣ ବୃଦ୍ଧି ପାଇଁ ରବିବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଧାନମନ୍ତ୍ରୀଙ୍କୁ ଦାୟୀ କରିବା ସହ ମୋଦି ଇସ୍ତଫା ଦିଅନ୍ତୁ ବୋଲି ଦାବି କରିଛନ୍ତି। ଦିଲ୍ଲୀରୁ ନିର୍ବାଚନ ପ୍ରଚାରରେ ଆସୁଥିବା ଭାଜପା ନେତାମାନେ ବାହାର ଲୋକଙ୍କୁ ଆଣୁଛନ୍ତି। ସେମାନେ କୋଭିଡ୍-୧୯ ଭୂତାଣୁ ନେଇ ଆସୁଛନ୍ତି। ଦେଶରେ ଲୋକେ ମରୁଥିବାବେଳେ ମୋଦି ବିଦେଶକୁ ଭାକ୍ସିନ ପଠାଉଛନ୍ତି। ଭାକ୍ସିନ ନାହିଁ କି ଅକ୍ସିଜେନ ନାହିଁ। ରାଜ୍ୟକୁ ୫.୪ କୋଟି ଭାକ୍ସିନ ଦିଆଯାଉ ବୋଲି କେନ୍ଦ୍ର ସରକାରଙ୍କ ନିକଟରେ ମମତା ଦାବି କରିଛନ୍ତି। ସେହିପରି ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଏକାଧିକ ଟୁଇଟ୍‌ରେ କହିଛନ୍ତି, ଦେଶରେ କରୋନା କାୟା ବିସ୍ତାର କରୁଥିବାବେଳେ ମୋଦି ପ୍ରଧାନମନ୍ତ୍ରୀ ଭୂମିକା ନିଭାଉନାହାନ୍ତି। ସେ ଭାଜପାର ଜଣେ ସଦସ୍ୟ ଓ ପ୍ରଚାରକ ଦାୟିତ୍ୱ ତୁଲାଉଛନ୍ତି। ମହାମାରୀ ସମୟରେ ଦୁର୍ଭାଗ୍ୟବଶତଃ ଆମର ଏକ କେନ୍ଦ୍ର ସରକାର ନାହିଁ। ଯାହା ଅଛି ତାହା ହେଉଛି ଏକ ପିଆର୍ (ଲୋକ ସମ୍ପର୍କ) କମ୍ପାନୀ। ମୋଦି ହେଉଛନ୍ତି ଏହାର ପକ୍ଷପାତୀ ନିର୍ବାଚନୀ ପ୍ରଚାରକ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଧ୍ୟ ନିଜ ଦାୟିତ୍ୱ ଭୁଲି ଭାଜପା ପ୍ରଚାରକ ସାଜିଛନ୍ତି। ଭାରତୀୟଙ୍କ ଜୀବନଠାରୁ ଭାଜପାର ପ୍ରଚାର ଅଧିକ ମୂଲ୍ୟବାନ କି ବୋଲି ଟୁଇଟର୍‌ରେ ୟେଚୁରୀ ପ୍ରଶ୍ନ କରିଛନ୍ତି। ଇତିମଧ୍ୟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରଚାର ବାତିଲ କରିଛନ୍ତି। ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟରେ ପ୍ରଚାର ନ କରିବାକୁ ନିଜ ଦଳର ସମସ୍ତ ନେତାଙ୍କୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ରାହୁଲ ନିର୍ବାଚନୀ ପ୍ରଚାର କରୁଥିବା ମୋଦି ଓ ଶାହାଙ୍କୁ ସମାଲୋଚନା କରିଛନ୍ତି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ନିଜ ଡେସ୍କରେ ବସି ନିଜ କର୍ତ୍ତବ୍ୟ ପାଳନ କରିବା ଉଚିତ। ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହ ସ୍ଥିତି ସମ୍ପର୍କରେ ଆଲୋଚନା କରିବା ଜରୁରୀ। ବରିଷ୍ଠ କଂଗ୍ରେସ ନେତା କପିଲ ସିବଲ ଦେଶରେ ହେଲ୍‌ଥ ଏମର୍ଜେନ୍ସି ବା ସ୍ୱାସ୍ଥ୍ୟ ପାଇଁ ଜରୁରୀ ପରିସ୍ଥିତି ଘୋଷଣା କରାଯାଉ ବୋଲି ଦାବି କରିଛନ୍ତି।

## ସମ୍ପର୍କୀୟଙ୍କ ପାଇଁ ବେଡ୍ ଯୋଗାଇବାକୁ କେନ୍ଦ୍ରମନ୍ତ୍ରୀଙ୍କ ଟୁଇଟ୍

**ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ**

**ନୂଆଦିଲ୍ଲୀ, ୧୮।୪**



ଭି.କେ. ସିଂ

କେନ୍ଦ୍ରମନ୍ତ୍ରୀ ଜେନେରାଲ ଭି.କେ. ସିଂ ନିଜ ନିର୍ବାଚନ ମଣ୍ଡଳୀର ଜଣେ କରୋନା ରୋଗୀଙ୍କୁ ବେଡ୍ ଯୋଗାଇଦେବାକୁ ଟୁଇଟ୍ କରି ବିବାଦ ଘେରକୁ ଆସିଛନ୍ତି। ତାଙ୍କର ଏଭଳି ଟୁଇଟ୍‌ରୁ ଦେଶର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିର ଦୁର୍ବଳ ସ୍ଥିତି ସ୍ପଷ୍ଟ ହୋଇଥିବା କୁହାଯାଉଛି। ଯେତେବେଳେ ନିର୍ବାଚିତ ଜନପ୍ରତିନିଧି ତଥା କେନ୍ଦ୍ରମନ୍ତ୍ରୀ ହସ୍ପିଟାଲରେ ସମ୍ପର୍କୀୟ ଭାଇଙ୍କ ପାଇଁ ବେଡ୍ ନିମନ୍ତେ ଗାଜିଆବାଦ ଜିଲା କର୍ତ୍ତୃପକ୍ଷଙ୍କୁ ନିବେଦନ କରୁଛନ୍ତି, ସେଠାରେ ସାଧାରଣ ଲୋକଙ୍କୁ କିଭଳି ଚିକିତ୍ସା ସୁବିଧା ମିଳୁଥିବ ତାହା ସହଜେ ଅନୁମେୟ ବୋଲି ଚର୍ଚ୍ଚା ହେଉଛି। ଜେନେରାଲ ସିଂଙ୍କ ଟୁଇଟ୍‌କୁ ନେଇ ବିବାଦ ବଢ଼ିବା ପରେ ସେ ଏହାକୁ ଡିଲିଟ୍ କରିଦେଇଛନ୍ତି।

## 'ମୃତ୍ୟୁ ପ୍ରମାଣପତ୍ରରେ ରହୁ ମୋଦିଙ୍କ ଫଟୋ'

**ଚଣ୍ଡିଗଡ଼, ୧୮।୪**


ଟିକା ପ୍ରମାଣପତ୍ରରେ ଯଦି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରେୟ ନେବାକୁ ନିଜ ଫଟୋ ଛାପୁଛନ୍ତି ତେବେ କୋଭିଡ୍‌ରେ ପ୍ରାଣ ହରାଉଥିବା ଲୋକଙ୍କ ମୃତ୍ୟୁ ସାର୍ଟିଫିକେଟରେ ମଧ୍ୟ ମୋଦିଙ୍କ ଫଟୋ ରହୁ ବୋଲି କହିଛନ୍ତି ମହାରାଷ୍ଟ୍ର ମନ୍ତ୍ରୀ ତଥା ଏନ୍‌ସିପି ନେତା ନୱାବ ମଲିକ। ସଂକ୍ରମଣ ବୃଦ୍ଧି ଓ ଏଥିଜନିତ ମୃତ୍ୟୁ ପାଇଁ ମୋଦି ଉତ୍ତରଦାୟୀ ରହିବା କଥା ବୋଲି ନୱାବ କହିଛନ୍ତି। ଦେଶରେ ସଂକ୍ରମଣ ବଢ଼ି ଚାଲିଥିବାବେଳେ ମୃତଦେହ ସତ୍କାର ପାଇଁ ମଧ୍ୟ ଜାଗା ନାହିଁ। ଏ ବାବଦରେ ମୋଦି ଜନସାଧାରଣଙ୍କ ନିକଟରେ ଉତ୍ତର ରଖନ୍ତୁ ବୋଲି ମହାରାଷ୍ଟ୍ର ମନ୍ତ୍ରୀ ଦାବି କରିଛନ୍ତି।



**ଅହମଦାବାଦ:** ଆତ୍ମୀୟଙ୍କୁ ହରାଇ ଜଣେ ମହିଳା ଏକ ଶବାଗୃହ ବାହାରେ କାନ୍ଦୁଛନ୍ତି।

## କେନ୍ଦ୍ରର ସହାୟତା ଲୋଡ଼ିଲେ କେଜ୍‌ରିୱାଲ

**ନୂଆଦିଲ୍ଲୀ, ୧୮।୪**



- ଦିଲ୍ଲୀରେ ଦିନକରେ ୨୫,୫୦୦ ସଂକ୍ରମିତ
- ଚିକିତ୍ସା ପାଇଁ ରହିଛି ମାତ୍ର ୧୦୦ ଆଇସିୟୁ ବେଡ୍

ଦିଲ୍ଲୀରେ କୋଭିଡ୍ ସ୍ଥିତି ନିୟନ୍ତ୍ରଣ ବାହାରେ। ୨୪ ଘଣ୍ଟା ମଧ୍ୟରେ ସେଠାରେ ୨୫,୫୦୦ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏତେ ସଂଖ୍ୟାରେ ରୋଗୀଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଶଯ୍ୟାର ଅଭାବ ଦେଖାଯିବା ସହ ଅକ୍ସିଜେନ୍ ସମସ୍ୟା ସୃଷ୍ଟି ହୋଇଛି। ଏଭଳି ସଙ୍କଟର ମୁକାବିଲା ପାଇଁ ଅଧିକ ବେଡ୍ ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ୩ ଦିନ ମଧ୍ୟରେ ଦିଲ୍ଲୀରେ ପାଖାପାଖି ୭୦ ହଜାର ମାମଲା ସାମନାକୁ ଆସିଛି। ଆକ୍ରାନ୍ତଙ୍କ ସଂଖ୍ୟାରେ ଦ୍ରୁତ ବୃଦ୍ଧି ହେଉଥିବାରୁ ହସ୍ପିଟାଲ ବେଡ୍ ଏବଂ ଅକ୍ସିଜେନ ଅଭାବ ଦେଖାଦେଇଥିବା କେଜ୍‌ରିୱାଲ କେନ୍ଦ୍ରକୁ ଜଣାଇଛନ୍ତି। ଆଇସିୟୁ ବେଡ୍ ମଧ୍ୟ ଯଥେଷ୍ଟ ନାହିଁ। ବର୍ତ୍ତମାନ ସୁଦ୍ଧା କୋଭିଡ୍ ରୋଗୀଙ୍କ ପାଇଁ ମାତ୍ର ୧୦୦ ଆଇସିୟୁ ବେଡ୍ ଥିବା କେଜ୍‌ରିୱାଲ କହିଛନ୍ତି। ପ୍ରତି ୩ ଜଣରେ ଜଣେ ପଜିଟିଭ୍ ବାହାରୁଛନ୍ତି। କେଜ୍‌ରିୱାଲ ରବିବାର ସକାଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହ ଫୋନ୍ ଯୋଗେ କଥା ହୋଇ ହସ୍ପିଟାଲ ବେଡ୍ ଅଭାବ ସମ୍ପର୍କରେ ଜଣାଇଥିଲେ। ଶନିବାର ମଧ୍ୟ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କ ସହ କଥା ହୋଇ କେନ୍ଦ୍ର ପରିଚାଳିତ ହସ୍ପିଟାଲରେ ଅନ୍ୟୂନ ୭,୦୦୦ ବେଡ୍ କୋଭିଡ୍ ରୋଗୀଙ୍କ ପାଇଁ ସଂରକ୍ଷିତ ରଖିବାକୁ ଏବଂ ତୁରନ୍ତ ଅକ୍ସିଜେନ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ।

## ବିହାରରେ ନାଇଟ କର୍ଫ୍ୟୁ

**ପାଟନା, ୧୮।୪**

ବିହାରରେ କରୋନା ସଂକ୍ରମଣ ରୋକିବା ପାଇଁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଜ୍ୟରେ ନାଇଟ୍ କର୍ଫ୍ୟୁ ଲାଗୁ କରିବା ସହ କେତେକ କଟକଣା ଘୋଷଣା କରିଛନ୍ତି। ସମସ୍ତ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ସନ୍ଧ୍ୟା ୬ଟା ସୁଦ୍ଧା ଏବଂ ସରକାରୀ କାର୍ଯ୍ୟାଳୟ ୫ଟାରେ ବନ୍ଦ କରିବାକୁ କୁହାଯାଇଛି। ଏଥିସହିତ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ, ମଲ୍, ସିନେମା ହଲ୍ ଏବଂ ଉପାସନା ସ୍ଥଳକୁ ମେ' ୧୫ ପର୍ଯ୍ୟନ୍ତ ବନ୍ଦ ଘୋଷଣା କରାଯାଇଛି। ବିହାରରେ ଗତ ୨୪ ଘଣ୍ଟା ମଧ୍ୟରେ ୮,୬୯୦ ନୂଆ ମାମଲା ଚିହ୍ନଟ ହୋଇଛି, ଯାହା ସର୍ବାଧିକ ଦୈନିକ ସଂକ୍ରମଣ।

## ରେଲୱେ ଚଳାଇଲା ଅକ୍ସିଜେନ୍ ଏକ୍ସପ୍ରେସ୍

**ନୂଆଦିଲ୍ଲୀ, ୧୮।୪**

ଅନେକ ରାଜ୍ୟରେ କରୋନା ରୋଗୀଙ୍କ ପାଇଁ ଅକ୍ସିଜେନ ସଙ୍କଟ ଦେଖାଦେଇଥିବାବେଳେ ଭାରତୀୟ ରେଲୱେ ଏଥିରେ ସହାୟତା କରିବା ପାଇଁ ଆଗେଇ ଆସିଛି। ମେଡିକାଲ ଅକ୍ସିଜେନ୍ ଏବଂ ସିଲିଣ୍ଡର ପରିବହନ ଲାଗି ରେଲୱେ 'ଅକ୍ସିଜେନ୍ ଏକ୍ସପ୍ରେସ୍' ଚଳାଇବାକୁ କହିଛି। ତରଳ ମେଡିକାଲ ଅକ୍ସିଜେନ (ଏଲ୍‌ଏମ୍‌ଓ)ର ତ୍ୱରିତ୍ ପରିବହନ ନିମନ୍ତେ ଗ୍ରୀନ୍ କରିଡର ସୃଷ୍ଟି କରିବା ପାଇଁ ରେଲୱେ କହିଛି। ଫ୍ଲାଟ୍ ୱାଗରେ ରୋଡ୍ ଟ୍ୟାଙ୍କର ରଖାଯାଇ ଏହାକୁ ରୋଲ୍ ଅନ୍ ରୋଲ୍ ଅଫ୍ ସର୍ଭିସ ମାଧ୍ୟମରେ ପରିବହନ କରାଯିବ। ସେଥିପାଇଁ ୩୩୨୦ଏମ୍‌ଏମ୍ ଉଚ୍ଚତା ବିଶିଷ୍ଟ ରୋଡ୍ ଟ୍ୟାଙ୍କରକୁ ବ୍ୟବହାର କରାଯିବ। ଏଥିପାଇଁ କେତେକ ସ୍ଥାନରେ ରେଲୱେ ପକ୍ଷରୁ ଏହାର ପରୀକ୍ଷାମୂଳକ ପରିବହନ କରାଯାଇଛି।




## ଅକ୍ସିଜେନ୍ ଅଭାବରୁ ୧୦ ରୋଗୀଙ୍କ ମୃତ୍ୟୁ

**ଭୋପାଳ, ୧୮।୪**

**ଖଣ୍ଡନ କଲେ ହସ୍ପିଟାଲ କର୍ତ୍ତୃପକ୍ଷ**

ମଧ୍ୟପ୍ରଦେଶର ଶାହଡୋଲ ଜିଲାରେ ଥିବା ସରକାରୀ ମେଡିକାଲ କଲେଜରେ ତରଳ ଅକ୍ସିଜେନ୍ ଟ୍ୟାଙ୍କରେ କମ୍ ଚାପ ଯୋଗୁ ୧୦ ଜଣ କରୋନା ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ତେବେ ଜିଲା ପ୍ରଶାସନ ଏବଂ ହସ୍ପିଟାଲ କର୍ତ୍ତୃପକ୍ଷ ଉକ୍ତ ଅଭିଯୋଗକୁ ମିଥ୍ୟା ଓ ଭିତ୍ତିହୀନ କହି ଖଣ୍ଡନ କରିଛନ୍ତି। ଶନିବାର ରାତିରେ ଆଇସିୟୁରେ ୬ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହା ଅକ୍ସିଜେନ୍ ଅଭାବ ଜନିତ ନୁହେଁ। ଆଇସିୟୁରେ ମୋଟ ୬୨ ଜଣ ଗୁରୁତର ରୋଗୀ ଥିଲେ। ମୋଟ ଉପରେ ଗତ ରାତିରେ କୋଭିଡ୍ ହସ୍ପିଟାଲରେ ୨୫୫ ଜଣ ରୋଗୀ ଥିଲେ ଓ ସେମାନଙ୍କ ମଧ୍ୟରୁ ୧୫୫ ଜଣଙ୍କୁ ଅକ୍ସିଜେନ ଯୋଗାଇ ଦିଆଯାଇଥିଲା ବୋଲି ମେଡିକାଲ କଲେଜ ଡିନ୍ ଡ. ମିଲିନ୍ଦ ଶିରଲକର କହିଛନ୍ତି। ଅକ୍ସିଜେନ ଅଭାବ କିମ୍ବା ଅକ୍ସିଜେନ ଟାଙ୍କିରେ ଚାପ କମ୍ ଯୋଗୁ କାହାର ମୃତ୍ୟୁ ଘଟି ନ ଥିବା ଜିଲାପାଳ ସତ୍ୟେନ୍ଦ୍ର ସିଂ କହିଛନ୍ତି।

## କୋଭିଡ୍ ହସ୍ପିଟାଲରେ ନିଆଁ: ୫ ମୃତ

**ରାୟପୁର, ୧୮।୪**



ଛତିଶଗଡ଼ ରାଜଧାନୀ ରାୟପୁରର ଏକ ଘରୋଇ ହସ୍ପିଟାଲର କୋଭିଡ୍ ୱାର୍ଡରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୫ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ସେଠାରେ ପ୍ରାୟ ୩୦ କରୋନା ସଂକ୍ରମିତଙ୍କ ଚିକିତ୍ସା ଚାଲିଥିଲା। ଘଟଣାର ତଦନ୍ତ ପାଇଁ ରାୟପୁର ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରେ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଶୋକ ବ୍ୟକ୍ତ କରିବାସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ଘୋଷଣା କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୪,୧୮,୦୧,୭୫୮ | ୩୦,୨୯,୦୮୭ | ୧୨,୦୩,୪୪,୨୩୪ |
| ଭାରତ | ୧,୫୦,୪୦,୯୧୮ | ୧,୭୮,୫୬୭ | ୧,୨୯,୩୨,୫୭୪ |
| ଓଡ଼ିଶା | ୩,୬୮,୨୫୮ | ୧୯୪୪(+୫୩) | ୩,୪୪,୮୨୫ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଝାଡ଼ଖଣ୍ଡ ରାଜ୍ୟପାଳଙ୍କୁ କରୋନା
#### ମୁଖ୍ୟମନ୍ତ୍ରୀଙ୍କ ଆଶୁ ଆରୋଗ୍ୟ କାମନା



**ଭୁବନେଶ୍ୱର, ୧୮।୪(ବ୍ୟୁରୋ):** ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ କୋଭିଡ୍-୧୯ ସଂକ୍ରମିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଖବର ପାଇବାପରେ ଟୁଇଟ୍ କରି ମୁର୍ମୁଙ୍କ ଆଶୁ ଆରୋଗ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି। ଏହାସହ ରାଜ୍ୟର ଏବଂ ରାଜ୍ୟ ବାହାରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମୁର୍ମୁଙ୍କ ଆଶୁ ଆରୋଗ୍ୟ କାମନା ସହିତ ଟୁଇଟ୍ କରି ତୁରନ୍ତ ସ୍ୱାସ୍ଥ୍ୟ ଭଲ ହେବା ନେଇ ଜଣାଇଛନ୍ତି।

### କରୋନାରେ ଓଟିଡିସି ପୂର୍ବତନ ପରିଚାଳକଙ୍କ ପରଲୋକ

**ଭୁବନେଶ୍ୱର, ୧୮।୪ (ବ୍ୟୁରୋ):** ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି)ର ପୂର୍ବତନ ପରିଚାଳକ ସୁଶୀଲ କୁମାର ରାଉତ(୬୬)ଙ୍କ ଶନିବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କ ପୈତୃକ ଘର କଟକ ଜିଲା କଖଡ଼ିରେ ହୋଇଥିବାବେଳେ ପୁରୀ ମାଟି ମଣ୍ଡପ ସାହିରେ ରହୁଥିଲେ। କିଛିଦିନ ତଳେ ସେ କରୋନାରେ ଆକ୍ରାନ୍ତ ହୋଇ ପୁରୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ଭୁବନେଶ୍ୱରର ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। କୋଭିଡ୍ ନିୟମ ଅନୁଯାୟୀ ଭୁବନେଶ୍ୱରର ସତ୍ୟନଗର ଶ୍ମଶାନଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

### ଦିଲ୍ଲୀରେ ଚିକିତ୍ସା ମିଳିଲାନି
### କରୋନାରେ ଆଖି ବୁଜିଲେ ଓଡ଼ିଆ ଯୁବ ଇଞ୍ଜିନିୟର

**ସଜନାଗଡ଼, ୧୮।୪(ଡି.ଏନ୍.ଏ.):** ଦିଲ୍ଲୀର କୌଣସି ମେଡିକାଲରେ ଚିକିତ୍ସା ସୁବିଧା ନ ମିଳିବାରୁ କରୋନାରେ ଆଖି ବୁଜିଛନ୍ତି ଜଣେ ଓଡ଼ିଆ ଯୁବ ଇଞ୍ଜିନିୟର ସୁକୁମାର ପରିଡ଼ା (୩୬)। ତାଙ୍କ ଘର ବାଲେଶ୍ୱର ଜିଲା ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଶ୍ରୀଦେଇପୁର ଗ୍ରାମରେ। ସେ ଦିଲ୍ଲୀ ଗାଜିଆବାଦ ଅଞ୍ଚଳରେ ଏକ କମ୍ପାନୀରେ ସଫ୍ଟୱେୟାର ଡିଜାଇନର ଭାବେ କାର୍ଯ୍ୟ କରି ଆସୁଥିଲେ। କିଛିଦିନ ହେବ ସୁକୁମାରଙ୍କୁ ଜ୍ୱର ଲାଗି ରହିବାରୁ ସେ ସ୍ୱାବ ପରୀକ୍ଷା କରାଇଥିଲେ। ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ଚିକିତ୍ସା ପାଇଁ ସେ ବିଭିନ୍ନ ମେଡିକାଲରେ ବେଡ୍ ଖୋଜି ଖୋଜି ନୟାନ୍ତ ହୋଇଥିଲେ ମଧ ତାଙ୍କୁ ଚିକିତ୍ସା ମିଳି ନ ଥିଲା। ଫଳରେ ସେ ଦିଲ୍ଲୀସ୍ଥିତ ଘରକୁ ଫେରିଆସିଥିଲେ। ଶନିବାର ବିଳମ୍ବିତ ରାତିରେ ସୁକୁମାରଙ୍କ ସ୍ୱାସ୍ଥ୍ୟ ହଠାତ୍ ଗୁରୁତର ହେବାରୁ ଦିଲ୍ଲୀରେ ଥିବା ତାଙ୍କ ସମ୍ପର୍କୀୟମାନେ ଏକ ମେଡିକାଲକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମରଶରୀର ନିକଟରେ ତାଙ୍କ ସ୍ତ୍ରୀ ଓ ଦେଢ଼ବର୍ଷର ପୁଅ ଅଛନ୍ତି। ସୁକୁମାରଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ତାଙ୍କ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଦିଲ୍ଲୀରେ ତାଙ୍କର ଶେଷକୃତ୍ୟ କରାଯିବ ବୋଲି ସୂଚନା ମିଳିଛି। ପୁଅର ମୃତ୍ୟୁ ଖବର ପାଇ ବାପା ସୁବଳ ପରିଡା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

### ଶ୍ୱାସରୁଦ୍ଧ ହୋଇ ଶ୍ରମିକ ମୃତ

**ନୟାଗଡ଼ ଅଫିସ,୧୮।୪:** ନୟାଗଡ଼ ବ୍ଲକ ଶଙ୍ଖେଇ ଫାଶିପଡା ରାସ୍ତାର ଫାଶିପଡାରେ ଚାଲିଥିବା ପୋଲର ସିମେଣ୍ଟ କୂଅରେ ଶ୍ୱାସରୁଦ୍ଧ ହୋଇ ଜଣେ ଶ୍ରମିକଙ୍କ ଶନିବାର ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଜିଲା ଭିସରପଟା ଗାଁର ବିଦ୍ୟାଧର ମହାନ୍ତି(୫୫)। ଇଟାମାଟି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରିବାର ଲୋକେ ପହଞ୍ଚି ନ ଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ପୋଲିସଏକ ଅପମୃତ୍ୟୁ ମାମଲା(ନଂ.୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଫାଶିପଡାରେ ଚାଲିଥିବା ପୋଲର ସିମେଣ୍ଟ କୂଅ ଭିତରକୁ କେତେଜଣ ଶ୍ରମିକ ଅକ୍ସିଜେନ ନେଇ ଯାଇଥିଲେ। ବିଦ୍ୟାଧର ବି ଅକ୍ସିଜେନ ନେଇଥିଲେ। ହେଲେ ବିଦ୍ୟାଧରଙ୍କ ଅକ୍ସିଜେନ ପାଇପ୍ ଅଧାବାଟରେ ଖସି ପାଣି ଉପରକୁ ଚାଲି ଆସିଥିଲା। ଫଳରେ ଅମ୍ଳଜାନ ଅଭାବରୁ ଅଣନିଃଶ୍ୱାସୀ ହୋଇ ବିଦ୍ୟାଧର ପାଣି ଭିତରେ ପ୍ରାଣ ହରାଇଥିଲେ। ଏକଥା ଜଣାପଡିବା ପରେ ଅନ୍ୟ ଶ୍ରମିକମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କୋଭିଡ୍ ବେଡ୍ ୫ ଗୁଣା ବଢ଼ିବ

**ଭୁବନେଶ୍ୱର, ୧୮।୪(ବ୍ୟୁରୋ)**

- ଏବେ ୩୦% ବେଡ୍‌ରେ ରୋଗୀ ଅଛନ୍ତି
- ୬୦% ବ୍ୟବହାର ହେଉଛି ଆଇସିୟୁ ବେଡ୍
- ରାଜ୍ୟରେ ଅକ୍ସିଜେନର ଅଭାବ ରହିବ ନାହିଁ

ରାଜ୍ୟରେ କରୋନା ସ୍ଥିତି ଅସମ୍ଭାଳ ହେଉଥିବାବେଳେ ବେଡ୍, ଆଇସିୟୁ, ଭେଣ୍ଟିଲେଟର ଓ ଅକ୍ସିଜେନ୍‌ର ଆବଶ୍ୟକତା ବଢ଼ିଛି। ତେଣୁ ରବିବାର ଏକ ଜରୁରୀ ବୈଠକ ବସି କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ବେଡ୍ ବୃଦ୍ଧି ପାଇଁ ପ୍ରସ୍ତୁତି ଚାଲିଛି। ଏଥିପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗତବର୍ଷ ଅପେକ୍ଷା ୪ରୁ ୫ ଗୁଣ ଅଧିକ ବେଡ୍ ବୃଦ୍ଧି କରାଯିବ। ଆଇସିୟୁ ବଢ଼ାଇବା ଏତେଟା ସମ୍ଭବପର ନୁହେଁ। କାରଣ ଆଇସିୟୁ ପାଇଁ ସେଟ୍‌ଅପ୍ ଦରକାର। ତଥାପି ପ୍ରାୟ ୨ ଗୁଣ ଆଇସିୟୁ ବେଡ୍ ବୃଦ୍ଧି କରାଯିବ। ୪ଟି ଶ୍ରେଣୀର ବେଡ୍‌ର ଆବଶ୍ୟକତା ରହିଛି। ସାଧାରଣ ବେଡ୍, ଅକ୍ସିଜେନ ସପୋର୍ଟ ବେଡ୍, ଆଇସିୟୁ ବେଡ୍ ଏବଂ ଆଇସିୟୁ ସହ ଭେଣ୍ଟିଲେଟର ଥିବା ବେଡ୍। ନିୟମାନୁସାରେ ୧୦୦ ବେଡ୍‌ରେ ହାରାହାରି ୬ ପ୍ରତିଶତ ଆଇସିୟୁ ବେଡ୍ ଦରକାର। ତେବେ ବର୍ତ୍ତମାନ ସ୍ଥିତି ଦେଖି ଅକ୍ସିଜେନ ସପୋର୍ଟ ବେଡ୍ ଅଧିକ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଡା. ମିଶ୍ର କହିଛନ୍ତି।

ଡିଏମ୍‌ଇଟି ସିବିକେ ମହାନ୍ତି କହିଛନ୍ତି, ବର୍ତ୍ତମାନ ସୁଦ୍ଧା ପଶ୍ଚିମ ଓଡ଼ିଶାରେ କୌଣସି ସ୍ଥାନରେ ରୋଗୀ ତଳେ ଶୋଇବା ନଜରକୁ ଆସିନାହିଁ। ବିଭିନ୍ନ ସ୍ଥାନର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକତା ଅନୁସାରେ ବେଡ୍, ଆଇସିୟୁ ଓ ଲଜିଷ୍ଟିକ ବୃଦ୍ଧି କରାଯାଉଛି। ଦ୍ୱିତୀୟ ଲହର କରୋନାରେ ସଂକ୍ରମଣ ହାର ବଢ଼ିଛି କିନ୍ତୁ ମୃତ୍ୟୁହାର କମ୍ ରହୁଛି। ତେବେ ବର୍ତ୍ତମାନ ୩୦ପ୍ରତିଶତ ବେଡ୍‌ରେ ରୋଗୀ ଅଛନ୍ତି। ଆହୁରି ୭୦ ପ୍ରତିଶତ ବେଡ୍ ଖାଲି ଅଛି। ଆଇସିୟୁ ବେଡ୍ ୬୦ପ୍ରତିଶତ ବ୍ୟବହାର ହେଉଛି। ଶୀଘ୍ର ବେଡ୍ ସଂଖ୍ୟା ବଢ଼ାଇବା ପାଇଁ ପଦକ୍ଷେପ ନିଆଯାଉଛି। ତେଣୁ ଆଶା ଅଛି କୌଣସି ସ୍ଥିତିରେ ବେଡ୍ ଓ ଆଇସିୟୁର ଅଭାବ ରହିବ ନାହିଁ। ସେହିପରି ଡାକ୍ତରଙ୍କର ଅଭାବ ନାହିଁ। ପୂର୍ବରୁ ଗବେଷକମାନେ ଆକଳନ କରିଥିଲେ ଏପ୍ରିଲ ମାସରେ ସଂକ୍ରମଣ ବୃଦ୍ଧି ପାଇବ। କିନ୍ତୁ ଏବେ ଯାହା ଆକଳନ ହୋଇଛି, ମେ’ ମାସରେ ଆହୁରି ବୃଦ୍ଧି ପାଇବ। ଯେଉଁ ସ୍ଥାନରେ ଆବଶ୍ୟକ ସେହି ସ୍ଥାନରେ ବେଡ୍ ବୃଦ୍ଧି କରାଯିବ। ନିଷ୍ପତ୍ତି ଅନୁସାରେ, ଆହୁରି ଆଇସିୟୁ ବେଡ୍ କିଣାଯିବ। ଅନ୍ୟପକ୍ଷରେ ଭେଣ୍ଟିଲେଟର ଆବଶ୍ୟକ କରୁଥିବା ରୋଗୀ ମାତ୍ର ୧୬ ପ୍ରତିଶତ ଅଛନ୍ତି। ବୁର୍ଲାରେ ଏଚ୍‌ଡିୟୁ ଓ ଆଇସିୟୁକୁ ମିଶାଇ ୧୨୫ଟି ବେଡ୍ ବଢ଼ାଇବାକୁ ଯୋଜନା ହୋଇଛି। ଏସ୍‌ସିବିରେ ୫୦ ଓ ବଲାଙ୍ଗୀରରେ ୪୦ଟି ଆଇସିୟୁ ବେଡ୍ ବଢ଼ାଯିବ। ରାଜ୍ୟରେ ୨୯ଟି ସଂସ୍ଥା ଅକ୍ସିଜେନ ପ୍ରସ୍ତୁତ କରି ଆବଶ୍ୟକତା ପୂରଣ କରୁଛନ୍ତି। ଷ୍ଟିଲ ପ୍ଲାଣ୍ଟ, ପେଟ୍ରୋକେମିକାଲ ଶିଳ୍ପ ଭଳି ଶିଳ୍ପାନୁଷ୍ଠାନଗୁଡ଼ିକ ମଧ୍ୟ ଅକ୍ସିଜେନ ଯୋଗାଇ ପାରିବେ। ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଏକାକୀ ୧୭୦୦ ମେଟ୍ରିକ ଟନ୍ ଅକ୍ସିଜେନ ଉତ୍ପାଦନ କରିବାକୁ ସକ୍ଷମ। ତେଣୁ ଦରକାର ପଡ଼ିଲେ କେନ୍ଦ୍ର ସରକାରଙ୍କ ସହଯୋଗ ନେଇ ଅକ୍ସିଜେନ ଆବଶ୍ୟକତାକୁ ପୂରଣ କରିପାରିବୁ। ସେଥିପାଇଁ କୌଣସି ପରିସ୍ଥିତିରେ ରାଜ୍ୟରେ ଅକ୍ସିଜେନ ଅଭାବ ହେବ ନାହିଁ ବୋଲି କହିଛନ୍ତି ଡିଏମ୍‌ଇଟି।

# ୨ ‘ଭି’, ୩ ‘ଟି’ ସୁରକ୍ଷା ଦେବ

**ଭୁବନେଶ୍ୱର, ୧୮।୪(ବ୍ୟୁରୋ)**



ଓଡ଼ିଶାର କରୋନା ପରିସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ମନୋଜ କୁମାର ସାହୁ କହିଛନ୍ତି, ଭାରତରେ ବିଗତ ୧୦ଦିନ ମଧ୍ୟରେ ସଂକ୍ରମଣ ସଂଖ୍ୟା ଦ୍ୱିଗୁଣିତ ହେବା ସମସ୍ତଙ୍କର ଚିନ୍ତା ବଢାଇଛି। ସରକାର ଏକୁଟିଆ ଚାହିଁଲେ ଏ ଯୁଦ୍ଧ ଜିତିପାରିବେ ନାହିଁ। ଦ୍ୱିତୀୟ ଲହରରେ ଶୀଘ୍ର ଲକ୍ଷଣ ଆସୁଥିବା ଏବଂ ଶୀଘ୍ର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ନଷ୍ଟ ହେଉଥିବାରୁ ମୁକାବିଲା ପାଇଁ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି। ଏଥିସହିତ ସୁରକ୍ଷିତ ରହିବାକୁ ହେଲେ ଦୁଇଟି ‘ଭି’(Social Vaccine & Ventilation) ଓ ତିନୋଟି ‘ଟି’ (Testing, Tracking & Treatment)ର ମନ୍ତ୍ର ଦେଇଛନ୍ତି ଡା. ସାହୁ। ଅଧିକ ଟିକା ଉତ୍ପାଦନ ଓ ଟିକାକରଣକୁ ଗୁରୁତ୍ୱ ଦେଇ ସେ କହିଛନ୍ତି, ପ୍ରଥମ ଅପେକ୍ଷା ଦ୍ୱିତୀୟ ଲହରରେ ୧ ରୁ ୫ ବର୍ଷ ଶିଶୁଙ୍କୁ ଅଧିକ ସଂକ୍ରମଣ ହେଉଥିବାବେଳେ ଭାରତରେ ୨୦ ରୁ ୪୦ ବର୍ଷର ବ୍ୟକ୍ତି ମଧ୍ୟ ବହୁ ସଂକ୍ରମିତ ହେଉଛନ୍ତି। କିନ୍ତୁ ସରକାରଙ୍କ ଦ୍ୱାରା କିଛି ନିର୍ଦ୍ଦିଷ୍ଟ ବର୍ଗର ଲୋକଙ୍କୁ ଟିକାକରଣ କରାଯାଉଛି। କିନ୍ତୁ ଏହା ଯଥେଷ୍ଟ ନୁହେଁ। ବର୍ତ୍ତମାନ ଭାରତରେ ମାତ୍ର ୧.୧ପ୍ରତିଶତ ଲୋକଙ୍କୁ ଟିକାକରଣ କରାଯାଇପାରିଥିବାବେଳେ ସିରମ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଭାରତ ବାୟୋଟେକ୍ ଇନଷ୍ଟିଚ୍ୟୁଟ୍ ୨ଟି ସଂସ୍ଥା ଟିକା ପ୍ରସ୍ତୁତ କରାଉଛନ୍ତି। ସିରମ ଇନଷ୍ଟିଚ୍ୟୁଟ ଗୋଟିଏ ମାସରେ ୭୦ ମିଲିୟନ ଓ ଭାରତ ବାୟୋଟେକ ଇନଷ୍ଟିଚ୍ୟୁଟ୍ ୧୦ମିଲିୟନ ଟିକା ପ୍ରସ୍ତୁତ କରିପାରୁଛନ୍ତି। ମାତ୍ର ଆମକୁ ଦୈନିକ ୩୫ ଲକ୍ଷ ହାରରେ ମାସକୁ ୧୦ କୋଟି ଟିକାର ଆବଶ୍ୟକତା ରହିଛି। ତେଣୁ ସରକାର ଟିକା ପ୍ରସ୍ତୁତି ଏବଂ ଆମଦାନୀ ଉପରେ ଗୁରୁତ୍ୱ ଦେଇ ସବୁ ବର୍ଗର ଲୋକଙ୍କୁ ଟିକାକରଣ କରାଇବା ସମେତ ଦୁଇଟି ‘ଭି’ ଏବଂ ତିନୋଟି ‘ଟି’ ମାନି ଚାଲିଲେ ଆମେ ସଂକ୍ରମଣରୁ ରକ୍ଷା ପାଇପାରିବା ବୋଲି ଡା. ସାହୁ କହିଛନ୍ତି।



ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥରେ ଶେଷସ୍ପର୍ଶ ଦେଉଛନ୍ତି ଜଣେ ଶିଳ୍ପୀ।

# ଶ୍ରଦ୍ଧାଳୁଙ୍କ ପାଇଁ ଲିଙ୍ଗରାଜ ମନ୍ଦିର ବନ୍ଦ

**ଭୁବନେଶ୍ୱର,(ବ୍ୟୁରୋ)/ପୁରୁଣା ଭୁବନେଶ୍ୱର, ୧୮।୪ (ଡି.ଏନ.ଏ.)**

- ୪ ସେବାୟତ ପଜିଟିଭ୍, ଆଉ ୧୫୮ ନମୁନା ସଂଗ୍ରହ
- ସେବାୟତଙ୍କ ଦ୍ୱାରା ସମସ୍ତ ନୀତିକାନ୍ତି ଜାରି ରହିବ

ରାଜଧାନୀରେ କରୋନାର ଦ୍ରୁତ ସଂକ୍ରମଣ ଯୋଗୁ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସାଧାରଣ ଦର୍ଶନ ପ୍ରଭାବିତ ହୋଇଛି। ମନ୍ଦିରର ୪ଜଣ ସେବାୟତଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ସର୍ବସାଧାରଣ ଦର୍ଶନକୁ ବନ୍ଦ କରି ଦିଆଯାଇଛି। ଏଣିକି ଶ୍ରଦ୍ଧାଳୁମାନେ ଆଉ ମନ୍ଦିରକୁ ଯାଇ ପ୍ରଭୁଙ୍କୁ ଦର୍ଶନ କରିପାରିବେ ନାହିଁ। ଏନେଇ ରବିବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୂଚନା ଦିଆଯିବା ସହ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ସେବାୟତଙ୍କ ଦ୍ୱାରା ପୂର୍ବପରି ମନ୍ଦିରରେ ନୀତିକାନ୍ତି ଜାରି ରହିବ। ପୂର୍ବରୁ ନିର୍ଦ୍ଧାରିତ ଅଶୋକାଷ୍ଟମୀ ମଧ୍ୟ କଟକଣା ଭିତରେ ଆୟୋଜନ କରାଯିବ। ସେହିପରି ମହାପ୍ରଭୁ ଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରାର ପରିଚାଳନା ଲିଙ୍ଗରାଜ ମନ୍ଦିର ପ୍ରଶାସନ ଦ୍ୱାରା କରାଯିବ। ୧୪୪ ଧାରା ଭିତରେ ସେବାୟତ ଓ ପୋଲିସ ରଥ ଟାଣିବେ। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ପ୍ରବେଶ ବନ୍ଦ ରହିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ଶନିବାର ଲିଙ୍ଗରାଜ ମନ୍ଦିରର ୬୦ଜଣ ସେବାୟତଙ୍କ ନମୁନା ପରୀକ୍ଷା କରାଯାଇଥିଲା। ୪ଜଣ ସେବାୟତଙ୍କ ରିପୋର୍ଟ ପଜିଟିଭ୍ ବାହାରିଥିଲା। ତେଣୁ ରବିବାର ୧୮୫ଜଣ ସେବାୟତଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଏହାକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ଦର୍ଶନ ଉପରେ ରୋକ୍ ଲଗାଯାଇଛି।

### ଆସିଲା ୨ଲକ୍ଷ ଟିକା
#### ୫୦ଲକ୍ଷ ଟପିଲା ଟିକାକରଣ

**ଭୁବନେଶ୍ୱର, ୧୮।୪(ବ୍ୟୁରୋ)**

ରାଜ୍ୟରେ ରବିବାର ଆଉ ୨ ଲକ୍ଷ କୋଭିଶିଲ୍ଡ ଟିକା ପହଞ୍ଚିଛି। ଏହି ଟିକା ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସିଧା ରାଜ୍ୟ ଭାକ୍ସିନ ସେଣ୍ଟରକୁ ନିଆଯାଇଥିଲା। ସେଠାରୁ ଟିକାକୁ ରାଜ୍ୟର ବିଭିନ୍ନ ଜିଲାକୁ ପଠାଯିବ। ଗୋଟିଏ ପଟେ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଟିକାକରଣକୁ ଜୋର୍‌ଦାର କରିବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ହେଲେ ଟିକା ଅଭାବ ଯୋଗୁ ରାଜ୍ୟରେ ପ୍ରାୟ ୧ହଜାର ଟିକାଦାନ କେନ୍ଦ୍ର ବନ୍ଦ ରହିଥିଲା। ୪୨୭ଟି କେନ୍ଦ୍ରରେ ଟିକାଦାନ ଚାଲିଥିବାବେଳେ ୮ଟି ଜିଲାରେ ଟିକାକରଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଅଧିକ ଟିକା ଯୋଗାଇବା ପାଇଁ ପୂର୍ବରୁ କେନ୍ଦ୍ର ସରକାରଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିବାବେଳେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଲେଖିଥିବା ଚିଠିରେ ଟିକା ଅଭାବ ସଂକ୍ରାନ୍ତରେ ଦୃଷ୍ଟି ଆକର୍ଷଣ କରିବା ସହ ଅଧିକ ଟିକା ଯୋଗାଣ ଉପରେ ଆଶାବ୍ୟକ୍ତ କରିଥିଲେ। ତେବେ ରାଜ୍ୟରେ ଗଚ୍ଛିତ ଥିବା ଟିକା ଓ ଆସିଥିବା ୨ଲକ୍ଷ ଟିକା ମଧ୍ୟ ଆସନ୍ତା ଦୁଇ ତିନିଦିନ ପର୍ଯ୍ୟନ୍ତ ଚାଲିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ସେପଟେ ରାଜ୍ୟରେ ୫୦ଲକ୍ଷ ଟପିଛି ଟିକାକରଣ। ରବିବାର ୫୨,୦୪୧ ଟିକାକରଣ ହୋଇଛି। ଏହାକୁ ମିଶାଇ ଏବେ ମୋଟ ଟିକାକରଣ ସଂଖ୍ୟା ୫୦,୧୦,୪୮୮ରେ ପହଞ୍ଚିଛି।

# ଆଜିଠୁ ଉଚ୍ଚ ଶିକ୍ଷାନୁଷ୍ଠାନ ବନ୍ଦ

**ଭୁବନେଶ୍ୱର, ୧୮।୪(ବ୍ୟୁରୋ)**

**ଘରମୁହାଁ ହଷ୍ଟେଲ ଛାତ୍ରୀଛାତ୍ର**

ରାଜ୍ୟର ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନ ସୋମବାରଠାରୁ ବନ୍ଦ ରହିବ। କଲେଜ ଓ ବିଶ୍ୱବିଦ୍ୟାଳୟକୁ ଛାତ୍ରୀଛାତ୍ରଙ୍କ ପାଇଁ ବନ୍ଦ ଘୋଷଣା କରାଯାଇଥିବାବେଳେ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏହା ପୂର୍ବରୁ ହଷ୍ଟେଲ ଖାଲି କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ରବିବାର ସୁଦ୍ଧା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ଖାଲି ହୋଇଛି। ବିଭିନ୍ନ ହଷ୍ଟେଲରୁ ପିଲାମାନେ ନିଜ ନିଜ ଘରକୁ ଫେରିଛନ୍ତି। ଏଥିପାଇଁ ବସ୍‌ଷ୍ଟାଣ୍ଡ ଓ ରେଳ ଷ୍ଟେଶନରେ ପ୍ରବଳ ଗହଳି ହୋଇଥିବା ଦେଖିବାକୁ ମିଳିଥିଲା। ତେବେ କଲେଜ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ବନ୍ଦ ରହୁଥିଲେ ମଧ୍ୟ ୫୦ପ୍ରତିଶତ କର୍ମଚାରୀଙ୍କୁ ନେଇ ଏସବୁ ଶିକ୍ଷାନୁଷ୍ଠାନ ଚାଲିବ। ସିଲାବସ୍ ଶେଷ କରିବା ପାଇଁ ଅନ୍‌ଲାଇନ୍ କ୍ଲାସ୍ କରାଯିବ। ଏ ନେଇ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି, ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଦେଇଛନ୍ତି।

ସେହିପରି ରାଜ୍ୟର ସମସ୍ତ ବୈଷୟିକ ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ ଓ ପ୍ରଫେଶନାଲ କଲେଜ, ଡିପ୍ଲୋମା ଇନ୍‌ଷ୍ଟିଚ୍ୟୁଟ୍, ଆଇଟିଆଇଗୁଡ଼ିକ ବନ୍ଦ ରହିବ। ଏ ନେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ପୂର୍ବରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏଥିସହ ସମସ୍ତ କ୍ଲାସ୍ ବନ୍ଦ କରାଯାଇଥିବାବେଳେ ପରୀକ୍ଷା ଓ ସିଲାବସ୍ ସାରିବା ପାଇଁ ଅନ୍‌ଲାଇନ୍‌ରେ କ୍ଲାସ୍ କରିବାକୁ କୁହାଯାଇଛି। ତେବେ ଗବେଷଣା ବା ପ୍ରୋଜେକ୍ଟ ପାଇଁ ସ୍କଲାର୍, ରିସର୍ଚ୍ଚର ଓ ଛାତ୍ରୀଛାତ୍ର ହଷ୍ଟେଲରେ ରହିପାରିବେ। କିନ୍ତୁ ଏଥିପାଇଁ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆଣିବା ନିମନ୍ତେ ବାଧ୍ୟତାମୂଳକ କରାଯାଇଛି।

# ବେଆଇନ ପିସ୍ତଲ, ଗୁଳି ଜବତ: ୨ ଗିରଫ

**ଦେବଗଡ଼,୧୮।୪(ଡି.ଏନ୍.ଏ.)**

ଦେବଗଡ଼ ଜିଲା ତିଲେଇବଣିଠାରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚବେଳେ ଏକ କାରରୁ ପିସ୍ତଲ ଓ ଗୁଳି ଜବତ ହୋଇଛି। ଏହି ଘଟଣାରେ ଜଣେ ଯୁବ ଠିକାଦାରଙ୍କ ସମେତ ୨ଜଣଙ୍କୁ ଗିରଫ କରାଯାଇଛି। ରବିବାର ଦେବଗଡ଼ ଆଦର୍ଶ ଥାନାରେ ଜିଲା ପୋଲିସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ମନୋଜ କୁମାର ମାହାନ୍ତ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଶନିବାର ତିଲେଇବଣି ଫାଣ୍ଡି ଅଞ୍ଚଳରେ ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ତିଲେଇବଣି ଗ୍ରାମର ସୋଭେନ କୁମାର ସାମଲ ଓରଫ ସିଲୁ (୨୮) ନାମକ ଜଣେ ଯୁବ ଠିକାଦାର ନିଜର କାର ନଂ. ଓଡି ୦୨ଭି-୯୦୦୦ ଯୋଗେ ସମ୍ବଲପୁର ପଟୁ ନିଜ ଘରକୁ ଫେରୁଥିଲେ। ଥାନା ଅଧିକାରୀ ନାୟକ ଓ ସବ୍‌ଇନ୍ସପେକ୍ଟର ବୁଦ୍ଧରାୟ ମାଝି ଉକ୍ତ କାରକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଉକ୍ତ କାର ମଧ୍ୟରୁ ଗୋଟିଏ ପିସ୍ତଲ ଓ ୨ଟି ଜୀବନ୍ତ ଗୁଳି ବାହାରିଥିଲା। ଫଳରେ ପୋଲିସ ତାଙ୍କ ନିକଟରୁ ଉକ୍ତ ବେଆଇନ ପିସ୍ତଲ, ଗୁଳି, ୨ଟି ମୋବାଇଲ ଫୋନ ଓ ସମ୍ପୃକ୍ତ କାରକୁ ଜବତ କରିବା ସହ ଥାନାକୁ ଆଣି ପଚରାଉଚରା କରୁଥିଲା। ପଚରାଉଚରା ସମୟରେ ସୋଭେନ ଉକ୍ତ ବେଆଇନ ପିସ୍ତଲଟି ସମ୍ବଲପୁର ଦଳେଇପଡାର ଏମ୍‌ଡି ନଇମ ଖାଁ ନିକଟରୁ ଆଣିଥିବା ସ୍ୱୀକାର କରିବା ପରେ ଦେବଗଡ଼ ଥାନା ପୋଲିସ ସମ୍ବଲପୁର ଯାଇ ନଇମଙ୍କୁ ଗିରଫ କରିଥିଲା। ଏନେଇ ପୋଲିସ ବେଆଇନ ଅସ୍ତ୍ରଶସ୍ତ୍ର ଆଇନ ସମେତ ବିଭିନ୍ନ ଦଫାରେ ଏକ ମାମଲା ରୁଜୁକରି ରବିବାର ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ଏସ୍‌ପି ମାହାନ୍ତ କହିଛନ୍ତି।

### ଓଡ଼ିଶାରୁ କୁମ୍ଭମେଳା ଯାଇଛନ୍ତି ୪୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

**ଭୁବନେଶ୍ୱର, ୧୮।୪(ବ୍ୟୁରୋ)**

ଓଡ଼ିଶାରୁ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉତ୍ତରାଖଣ୍ଡର କୁମ୍ଭମେଳାକୁ ଯାଇଛନ୍ତି। ୧୫୦ରୁ ଊର୍ଦ୍ଧ୍ୱ ପରିବାରରୁ ଏହି ଶ୍ରଦ୍ଧାଳୁ ରହିଛନ୍ତି। ଉତ୍ତରାଖଣ୍ଡ ସରକାରଙ୍କ ପଞ୍ଜୀକରଣ ରିପୋର୍ଟରୁ ଏହି ତଥ୍ୟ ମିଳିଛି। ଏମାନଙ୍କ ମଧ୍ୟରୁ ଗଞ୍ଜାମରୁ ସର୍ବାଧିକ ୨୫ ପରିବାର ଥିବାବେଳେ ନବରଙ୍ଗପୁର ୨୩, ପୁରୀ ୨୦, ଖୋର୍ଦ୍ଧା ୧୧, କଟକ ୯, ବାଲେଶ୍ୱର ୭, ଝାରସୁଗୁଡ଼ା ୧, କୋରାପୁଟ ୯, ଅନୁଗୋଳ ୪, ବରଗଡ଼ ୩, ଭଦ୍ରକ ୨, ବଲାଙ୍ଗୀର ୭, ବୌଦ୍ଧ ୧, ଢେଙ୍କାନାଳ ୧, ଜଗତ୍‌ସିଂହପୁର ୩, ଯାଜପୁର ୧, କେନ୍ଦ୍ରାପଡ଼ା ୧, କେନ୍ଦୁଝର ୧, ମୟୂରଭଞ୍ଜ ୨, ନୟାଗଡ଼ ୩, ରାୟଗଡ଼ା ୬, ସମ୍ବଲପୁର ୪, ସୋନପୁର ୬ ଓ ସୁନ୍ଦରଗଡ଼ରୁ ୪ ପରିବାର କୁମ୍ଭମେଳା ଯାଇଥିବା ସୂଚନା ମିଳିଛି। ତେବେ କୁମ୍ଭମେଳା ଫେରନ୍ତାଙ୍କ ଓଡ଼ିଶାରେ ସଂକ୍ରମଣ ବୃଦ୍ଧି ଆଶଙ୍କା କରାଯାଉଛି। ଗତବର୍ଷ ଠିକ୍ ମାର୍ଚ୍ଚରେ ଦିଲ୍ଲୀ ନିଜାମୁଦ୍ଦିନ ଫେରନ୍ତା ପାଲଟିଥିଲେ ସୁପରସ୍ପ୍ରେଡର। କୁମ୍ଭମେଳାରେ ୧୭୦୦ରୁ ଊର୍ଦ୍ଧ୍ୱ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଏହାକୁ ବନ୍ଦ କରିଦିଆଯାଇଛି। ତେଣୁ ଯେଉଁମାନେ ଓଡ଼ିଶାରୁ ଯାଇଥିଲେ ସେହି ଫେରନ୍ତାଙ୍କ ପାଇଁ ଏସ୍‌ଆର୍‌ସି ଶନିବାର ନୂଆ ଗାଇଡ୍‌ଲାଇନ୍ ଜାରି କରିଥିଲେ। ସମସ୍ତ କୁମ୍ଭମେଳା ଫେରନ୍ତାଙ୍କ ଆର୍‌ଟିପିସିଆର୍ ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି। ଏନେଇ ସବୁ ଜିଲାପାଳ ଓ ମହାନଗର ନିଗମ କମିସନରଙ୍କୁ ଏସ୍‌ଆର୍‌ସି ଚିଠି ଲେଖିଛନ୍ତି।

# ଶ୍ରୀମନ୍ଦିର ପାଇଁ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ

**ପୁରୀ ଅଫିସ,୧୮।୪**



**ଆଜିଠୁ ସମସ୍ତ ଭକ୍ତଙ୍କ ପାଇଁ ଲାଗୁ**

- ପ୍ରତି ଶନିବାର, ରବିବାର ଦର୍ଶନ ବନ୍ଦ
- ବିଶୋଧନ ହେଲା ମନ୍ଦିର ପରିସର

ଶ୍ରୀମନ୍ଦିରର ବହୁ ସେବାୟତ ଓ କର୍ମଚାରୀ କରୋନାରେ ଆକ୍ରାନ୍ତ ହେବାପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦର୍ଶନ ଉପରେ କଟକଣା ଲଗାଯାଇଛି। ଏଥିସହ ନୂଆ ଏସ୍‌ଓପିକୁ ସୋମବାରଠାରୁ ଲାଗୁ କରାଯାଇଛି। ଏଣିକି ରାଜ୍ୟ ତଥା ବାହାରୁ ଆସୁଥିବା ଭକ୍ତଙ୍କ ପାଇଁ ନେଗେଟିଭ୍ ରିପୋର୍ଟ କିମ୍ବା ଦୁଇ ଡୋଜ୍ ଟିକା ପ୍ରମାଣପତ୍ରକୁ ବାଧ୍ୟତାମୂଳକ କରାଯାଇଛି। ପୂର୍ବରୁ କେବଳ ରାଜ୍ୟ ବାହାର ଭକ୍ତଙ୍କ ପାଇଁ ଏହା ଲାଗୁ କରିବାକୁ ଏସ୍‌ଓପି ଜାରି ହୋଇଥିବାବେଳେ ଏବେ ସମସ୍ତଙ୍କ ପାଇଁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭକ୍ତମାନେ ଏସବୁ ଦେଖାଇ ଭିତରକୁ ଯିବାବେଳେ ହାତ ସାନିଟାଇଜ କରିବେ। ସମସ୍ତ କୋଭିଡ ନିୟମ ମାନି ସ୍ୱତନ୍ତ୍ର କିଓସ୍କ ଦେଇ ଶ୍ରୀମନ୍ଦିର ପରିସରକୁ ପ୍ରବେଶ କରିବାକୁ କୁହାଯାଇଛି।

ସେହିଭଳି ପୁରୀରେ ସଂକ୍ରମିତ ସଂଖ୍ୟା ବଢୁଥିବାରୁ ପ୍ରତି ଶନିବାର ଓ ରବିବାର ଶ୍ରୀମନ୍ଦିରର ଦର୍ଶନ ବନ୍ଦ କରାଯାଇ ବିଶୋଧନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରବିବାର ମଧ୍ୟ ଭକ୍ତଙ୍କ ପ୍ରବେଶ ଓ ଦର୍ଶନ ବନ୍ଦ ରଖାଯାଇ ଶ୍ରୀମନ୍ଦିର ଭିତର ଓ ବାହାର ପରିସରକୁ ବିଶୋଧନ କରାଯାଇଥିଲା। ଭକ୍ତମାନେ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ ନିକଟରୁ ପତିତପାବନଙ୍କୁ ଦର୍ଶନ କରି ଫେରିଥିଲେ। କେବଳ ସେବାୟତମାନେ ଶ୍ରୀମନ୍ଦିର ଭିତରକୁ ଯାଇ ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପାଦନ କରିଥିଲେ। ଅଗ୍ନିଶମ ବାହିନୀ, ପୌର ସଂସ୍ଥା ଓ ଜିଲା ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିରର ଚାରିଦ୍ୱାର, ଜୋତା ଷ୍ଟାଣ୍ଡ, କିଓସ୍କ, ବ୍ୟାରିକେଡ ଓ ଅନ୍ୟାନ୍ୟ ସବୁ ସ୍ଥାନକୁ ବିଶୋଧନ କରାଯାଇଥିଲା।

# ଚନ୍ଦାହାଣ୍ଡି ବ୍ଲକ ୫ ଦିନ ଶଟ୍‌ଡାଉନ୍

**ଚନ୍ଦାହାଣ୍ଡି,୧୮।୪(ଡି.ଏନ୍.ଏ.)**

ଛତିଶଗଡ଼ ସୀମାରେ ରହିଥିବା ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକକୁ ୫ ଦିନ ପାଇଁ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ୧୦ ଦିନ ମଧ୍ୟରେ ବ୍ଲକ ଅଞ୍ଚଳରୁ ୧୮୦ରୁ ଊର୍ଦ୍ଧ୍ୱ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

ସୂଚନାଯୋଗ୍ୟ, ଛତିଶଗଡ଼ ସୀମାରେ ରହିଥିବା ଏହି ବ୍ଲକ୍‌ର ୨ ମୁଖ୍ୟ ରାସ୍ତାକୁ ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ତେବେ ଦୁଇ ରାଜ୍ୟକୁ ଯାତାୟାତ ନିମନ୍ତେ ୫୦ରୁ ଊର୍ଦ୍ଧ୍ୱ ଗଳାବାଟ ରହିଥିବାବେଳେ ସେଗୁଡ଼ିକୁ ସିଲ୍ କରିବା ସହଜ ନୁହେଁ। ଚନ୍ଦାହାଣ୍ଡି ବ୍ଲକ ଏବଂ ସୀମାନ୍ତ ଛତିଶଗଡ଼ର ଜନସାଧାରଣଙ୍କ ମଧ୍ୟରେ ବ୍ୟବସାୟିକ ଏବଂ ସାମାଜିକ ସମ୍ପର୍କ ରହିଛି। ପ୍ରତ୍ୟେକ ଦିନ ଲୋକଙ୍କ ଯାତାୟାତ ଲାଗି ରହିଥାଏ। ତେଣୁ ଚନ୍ଦାହାଣ୍ଡି ସଦର ମହକୁମା ବ୍ୟବସାୟୀ ସଂଘ ପକ୍ଷରୁ ସମ୍ପୂର୍ଣ୍ଣ ବ୍ଲକକୁ ଶଟ୍‌ଡାଉନ କରିବା ନିମନ୍ତେ ଦାବି ହୋଇଥିଲା। ଏ ନେଇ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମଧ୍ୟ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ରବିବାର ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ରାଜନୈତିକ ଦଳ ଓ ସାମାଜିକ ସଙ୍ଗଠନ ସହ ଆଲୋଚନା ପରେ ବ୍ଲକକୁ ୧୯ରୁ ୨୩ ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ଏ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ପ୍ରଚାର କରାଯାଇ ଲୋକଙ୍କୁ ସଚେତନ କରାଯାଇଛି।

**ଆଜିର ମନ୍ତବ୍ୟ**

“ କୋଭିଡ୍ ପରିଚାଳନାରେ ବିଫଳ ହେବା ସହ ସ୍ୱାସ୍ଥ୍ୟ ସଙ୍କଟର ମୁକାବିଲା କରିପାରି ନ ଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ତଫା ଦିଅନ୍ତୁ।

**-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଇଲା ରାବଣ, ଧଇଲା ସୀତା ଏଥିପାଇଁ କିଆଁ ପୋଥି ସାତୁଟା।**

ସୀତା ମାତାଙ୍କୁ ଲଙ୍କାର ରାବଣ ଛଦ୍ମବେଶରେ ଆସି ହରଣ କରି ନେଇଯାଇଥିବା ପୁରାଣ ପୃଷ୍ଠାରୁ ଜଣାଯାଏ, ଯାହାକି ରାମାୟଣର ସାତଟି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି। ପରୋକ୍ଷରେ କୌଣସି କଥା ବା ଘଟଣାକୁ ଅଧିକ ଲମ୍ବେଇ କିମ୍ବା ବିସ୍ତୃତ ଭାବେ ବର୍ଣ୍ଣନା କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅତି ଚତୁରର ଭାତ ନାହିଁ; ଅତି ସୁନ୍ଦରୀର ଭାତାର ନାହିଁ।**

ଯିଏ ନିଜକୁ ବେଶି ଚତୁର ବା ଚାଲାଖ ତଥା ପାରିବାର ବୋଲି ଭାବେ ସମୟେ ସମୟେ ଏପରି ଅବସ୍ଥାରେ ପଡେ ଯେ ଅବସ୍ଥା ଅତି ହୀନ ଓ ଘୃଣୀୟ ହୋଇଯାଏ। ସେହିପରି ନିଜକୁ ସବୁଠୁ ସୁନ୍ଦରୀ ବୋଲି ମନେକରୁଥିବା କନ୍ୟା ଓ ଅତି ଧନୀ ଘରର କନ୍ୟା ସଦାସର୍ବଦା ନିଜ ରୂପ ତଥା କୁଳ, ଆଭିଜାତ୍ୟକୁ ନେଇ ଉଚ୍ଚ ଆଶାପୋଷଣ କରିବସିଥାନ୍ତି। ଫଳରେ ଭଲ ବର ଓ ଘର ବାଛିବା ନେଇ ସର୍ବଦା ଦ୍ୱନ୍ଦ୍ୱରେ ପଡିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

## ସ୍ୱର୍ଣ୍ଣ ଜିତିଲେ ଓଡ଼ିଆ ...

୧୫୭ କେଜି ଭାର ଉଠାଇ ଓଡ଼ିଶାକୁ ଗର୍ବିତ କରିଛନ୍ତି। ଏହା ଏକ ଅଲିମ୍ପିକ୍ କ୍ୱାଲିଫାଇଂ ଇଭେଣ୍ଟ ହୋଇଥିଲେ ହେଁ ଝିଲ୍ଲୀଙ୍କ ଓଜନ ବିଭାଗ ୪୫ କେଜି ଏହାର ଅନ୍ତର୍ଭୁକ୍ତ ନୁହେଁ। ତେଣୁ ଏହି ପ୍ରତିଯୋଗିତାରୁ ଝିଲ୍ଲୀଙ୍କ ଅଲିମ୍ପିକ୍ସ ଯୋଗ୍ୟତା ସମ୍ଭବ ହୋଇନାହିଁ। ଫିଲିପାଇନ୍ସର ମାରି ଫ୍ଲୋର ଡିଆଜ ୧୩୫(୬୦+୭୫) କେଜି ଭାରୋତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଛନ୍ତି। ମୀରାବାଈ ଚାନୁଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ଝିଲ୍ଲୀ ଚଳିତ ଏସୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସର ଝିଲ୍ଲୀ ପି. ଧର୍ମାରାଓଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ପୂର୍ବରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନେକ ପ୍ରତିଯୋଗିତାରେ ସଫଳତା ଅର୍ଜନ କରି ସେ ରାଜ୍ୟର ଗୌରବ ବଢ଼ାଇଛନ୍ତି। ୨୦୧୯ ଡିସେମ୍ବରରେ ନେପାଳର ପୋଖରାରେ ଅନୁଷ୍ଠିତ ୧୩ତମ ଦକ୍ଷିଣ ଏସୀୟ କ୍ରୀଡ଼ାରେ ସେ ୪୫ କେଜି କାଟେଗୋରିରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେହିବର୍ଷ ଥାଇଲାଣ୍ଡର ପଟ୍ଟାୟାଠାରେ ଆୟୋଜିତ ବିଶ୍ୱ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ସେ ଅଂଶଗ୍ରହଣ କରିଥିଲେ। ତେବେ ଚାଇନାର ନିଙ୍ଗବୋଠାରେ ଅନୁଷ୍ଠିତ ଏସୀୟ ଭାରୋତ୍ତୋଳନରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଏଥର ଏହି ରୌପ୍ୟକୁ ସ୍ୱର୍ଣ୍ଣରେ ପରିଣତ କରିବାରେ ସକ୍ଷମ ହୋଇଛନ୍ତି ଝିଲ୍ଲୀ। ୨୦୧୮ରେ ଉଜବେକିସ୍ତାନର ତାସକେଣ୍ଟଠାରେ ଆୟୋଜିତ ବିଶ୍ୱ ଜୁନିୟର ଭାରୋତ୍ତୋଳନର ୪୮ କେଜିରେ ବ୍ରୋଞ୍ଜ, ସେହିବର୍ଷ ଉର୍ଗାଞ୍ଚରେ ଆୟୋଜିତ ୨୫ତମ ଏସିଆନ ଜୁନିୟର ଭାରୋତ୍ତୋଳନରେ ରୌପ୍ୟ, ୨୦୧୭ରେ ଅଷ୍ଟ୍ରେଲିଆର ଗୋଲ୍ଡକୋଷ୍ଟରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ୪୮ କେଜି ବିଭାଗରେ ୨ ସ୍ୱର୍ଣ୍ଣ, ୨୦୧୬ରେ ମାଲେସିଆର ପେନାଙ୍ଗରେ ଆୟୋଜିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ରୌପ୍ୟ ପ୍ରଭୃତି ତାଙ୍କ ସଫଳତାର ଆଉ ଗୋଟିଏ ଲେଖାଏ ଇସ୍ତାହାର।

## ଜେଇଇ ମେନ୍ ...

ଏହିସମୟ ମଧ୍ୟରେ ପରୀକ୍ଷାର୍ଥୀମାନେ ଏନ୍‌ଟିଏ ଅଭ୍ୟାସ ଆପ୍ ସାହାଯ୍ୟରେ ପ୍ରାକ୍ଟିସ ଜାରି ରଖିବାକୁ ପରାମର୍ଶ ଦିଆଯାଇଛି। ଚଳିତ ବର୍ଷ ୪ଟି ସେସନରେ ପରୀକ୍ଷା ନିର୍ଦ୍ଧାରିତ ହୋଇଥିଲା। ପ୍ରଥମ ସେସନ ପରୀକ୍ଷା ଫେବୃୟାରୀ ୨୩ରୁ ୨୬ ଓ ଦ୍ୱିତୀୟ ସେସନ ମାର୍ଚ୍ଚ ୧୬ରୁ ୧୮ ଯାଏ ହୋଇଥିଲା। ଏହାର ରେଜଲ୍ଟ ମଧ୍ୟ ପ୍ରକାଶ ପାଇ ସାରିଛି। ଫେବୃୟାରୀରେ ହୋଇଥିବା ପରୀକ୍ଷାରେ ୬,୨୦,୯୭୮ଜଣ ପରୀକ୍ଷା ଦେଇଥିବାବେଳେ ମାର୍ଚ୍ଚ ସେସନ ପରୀକ୍ଷାରେ ୫,୫୬,୨୪୮ଜଣ ସାମିଲ ହୋଇଥିଲେ। କରୋନାର ଦ୍ୱିତୀୟ ଲହର ସଂକ୍ରମଣ ପାଇଁ ଆସନ୍ତା ୨୭, ୨୮ ଓ ୩୦ ତାରିଖରେ ହେବାକୁ ଥିବା ଜେଇଇ ମେନ୍‌ର ତୃତୀୟ ସେସନ ପରୀକ୍ଷାକୁ ସ୍ଥଗିତ ରଖିବାକୁ ପଡ଼ିଛି। ନୂଆ ତାରିଖ ଘୋଷଣା ପରେ jeemain.nic.in ୱେବ୍‌ସାଇଟ୍ ଭିଜିଟ୍ କରି ଛାତ୍ରୀଛାତ୍ର ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ପରୀକ୍ଷା ସମ୍ବନ୍ଧୀୟ ଅନ୍ୟ ସମସ୍ତ ସୂଚନା ୱେବ୍‌ସାଇଟରେ ହିଁ ଜାରି କରାଯିବ ବୋଲି ଏନ୍‌ଟିଏ କହିଛି।

## କାର୍‌ରେ ରୋଗୀଙ୍କୁ ...

ରୋଗୀଙ୍କୁ କାର ଭିତରେ ଅକ୍ସିଜେନ୍ ଲଗାଯାଇଥିବା ଦେଖାଯାଇଛି। ଏ ନେଇ ମେଡିକାଲ କଲେଜ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ମହେନ୍ଦ୍ର କୁମାର ନାୟକଙ୍କୁ ପଚରାଯିବାରୁ ହସ୍ପିଟାଲରେ ରୋଗୀ ସଂଖ୍ୟା ବୃଦ୍ଧି ହୋଇଛି। ଏଣୁ ରୋଗୀଙ୍କୁ ଆସିବା କ୍ଷଣି ବେଡ୍ ଦିଆଯାଇ ପାରୁନାହିଁ। ଫଳରେ ଚୌକିରେ ବସାଇ ଅକ୍ସିଜେନ୍ ଲଗାଯାଉଛି। ହସ୍ପିଟାଲରେ ଥିବା ୫୦ ଆଇସିୟୁ ବେଡ୍‌କୁ ଖୁବ୍‌ଶୀଘ୍ର ଶହେକୁ ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି।

# ପ୍ରଥମ ପୃଷ୍ଠାରୁ...

## ରେଡ୍ ଜୋନ୍‌ରେ ...

ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୭୦୪ଜଣ ରହିଥିବାବେଳେ ସୁନ୍ଦରଗଡ଼ ୩୪୦, କଳାହାଣ୍ଡି ୩୨୪, ନୂଆପଡ଼ା ୨୨୧, ବରଗଡ଼ ୨୧୦, ସମ୍ବଲପୁର ୧୯୯, କଟକ ୧୯୮, ଝାରସୁଗୁଡ଼ା ୧୮୩, ପୁରୀ ୧୪୩ ଓ ମୟୂରଭଞ୍ଜରୁ ୧୧୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନ୍ୟସବୁ ଜିଲାରେ ଦୈନିକ ସଂକ୍ରମଣ ସଂଖ୍ୟା ଶହେ ତଳକୁ ରହିଛି। ଏହାକୁ ମିଶାଇ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୩,୬୮,୨୫୮କୁ ବୃଦ୍ଧି ପାଇଛି। ସେହିପରି ୨ ମୃତକମାନେ ହେଲେ ସୁନ୍ଦରଗଡ଼ର ୩୨ବର୍ଷୀୟା ଓ ବରଗଡ଼ର ୭୫ ବର୍ଷୀୟା ମହିଳା। ଫଳରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୯୪୪କୁ ଛୁଇଁଛି।

## ଲିଭୁନି ଚିତା, ବଢ଼ୁଛି ...

ସମୁଦାୟ ମୃତ୍ୟୁସଂଖ୍ୟା ୧,୭୭,୧୫୦ ହୋଇଛି। ଦେଶରେ ଏବେ ସକ୍ରିୟ ମାମଲା ୧୮ ଲକ୍ଷ ଅତିକ୍ରମ କରିଛି, ଅର୍ଥାତ୍ ୧୮,୦୧,୩୧୬ ଜଣ କରୋନା ରୋଗୀ ଚିକିତ୍ସାଧୀନ ଅଛନ୍ତି। ଏହା ମୋଟ ସଂକ୍ରମଣର ୧୨.୧୮ ପ୍ରତିଶତ। ଏପର୍ଯ୍ୟନ୍ତ ମୋଟ ୧,୨୮,୦୯,୬୪୩ ଜଣ ସୁସ୍ଥ ହୋଇଛନ୍ତି। କେବଳ ମହାରାଷ୍ଟ୍ରରେ ଦିନକରେ ୬୮,୬୩୧ କରୋନା ପଜିଟିଭ୍ ଚିହ୍ନଟ ହେବା ସହ ୫୦୩ ଜଣଙ୍କ ଜୀବନ ଯାଇଛି। ସେହିପରି ଦିଲ୍ଲୀରେ ଗୋଟିଏ ଦିନରେ ୨୫ ହଜାରରୁ ଊର୍ଦ୍ଧ୍ୱ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଦିଲ୍ଲୀରେ ସଂକ୍ରମଣ ବୃଦ୍ଧିକୁ ନେଇ ଚିନ୍ତିତ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କେନ୍ଦ୍ରର ସହାୟତା ଲୋଡ଼ିଛନ୍ତି। ଦିଲ୍ଲୀରେ ୧୦୦ରୁ କମ୍ ଆଇସିୟୁ ବେଡ୍ ରହିଛି। ସ୍ଥିତି ଦିନକୁ ଦିନ ଖରାପ ଆଡ଼କୁ ଗତି କରୁଥିବାବେଳେ ଅକ୍ସିଜେନ୍ ସଙ୍କଟ ଦୁର୍ଦ୍ଦଶାକୁ ବହୁଗୁଣିତ କରିଥିବା କେଜ୍‌ରିୱାଲ କହିଛନ୍ତି। ଦିନକୁ ଦିନ କରୋନା ମୃତ୍ୟୁ ବଢ଼ିବାରେ ଲାଗିଥିବାରୁ ମୃତଦେହଗୁଡ଼ିକୁ ସତ୍କାର କରିବା ପାଇଁ ସ୍ଥାନାଭାବ ହେବାରେ ଲାଗିଛି। କବର ଦେବା ପାଇଁ ହେଉ କି ଦାହ କରିବା ଲାଗି ମୃତକଙ୍କ ଆତ୍ମୀୟସ୍ୱଜନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଅନେକ ସ୍ଥଳେ ରାଜ୍ୟ ସରକାର ମୃତ୍ୟୁ ସଂଖ୍ୟା ଲୁଚାଉଥିବା ଅଭିଯୋଗ ହେଉଛି। ଦିଲ୍ଲୀର ନିଗମବୋଧ ଶ୍ମଶାନ ଘାଟରେ କରୋନା ମୃତକଙ୍କ ମୃତଦେହ ସତ୍କାର ପାଇଁ ସ୍ଥାନାଭାବ ହେଲାଣି। ସେହିପରି ବାରାଣସୀର ହରିଶ୍ଚନ୍ଦ୍ର ଶ୍ମଶାନ ଓ ମଣିକର୍ଣ୍ଣିକା କ୍ରେମେଟୋରିୟମ୍‌ରେ ଯେତିକି ମୃତଦେହ ଦାହ କରାଯାଉଛି ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ତା'ର ଅଧା ମୃତ୍ୟୁସଂଖ୍ୟା ମଧ୍ୟ ରେକର୍ଡ କରାଉନାହାନ୍ତି।
ମଧ୍ୟପ୍ରଦେଶରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଛି। ଶାହଡୋଲ ଜିଲା ସରକାରୀ ମେଡିକାଲ କଲେଜରେ ଅକ୍ସିଜେନ୍ ଟ୍ୟାଙ୍କରେ କମ୍ ଚାପ ଯୋଗୁ ୧୦ ସଂକ୍ରମିତ ଆଖି ବୁଜିଦେଇଛନ୍ତି। ହେଲେ ଶିବରଜ ସିଂ ଚୌହାନ ସରକାର ମୃତ୍ୟୁ ସଂଖ୍ୟା ଲୁଚାଉଥିବା ଅଭିଯୋଗ ହୋଇଛି। ପ୍ରବାସୀ ଓଡ଼ିଆଙ୍କ କର୍ମଭୂମି ପାଲଟିଥିବା ଗୁଜରାଟର ଶିଳ୍ପ ନଗରୀ ସୁରଟରେ ଦିନକରେ ୨୬ ସଂକ୍ରମିତ ପ୍ରାଣ ହରାଇଛନ୍ତି। ସେଠାକାର ଶ୍ମଶାନ ଘାଟରେ ନିଆଁ ଲିଭୁ ନ ଥିବାବେଳେ କବର ଦେବା ପାଇଁ ଜେସିବି ମେଶିନ ଗାତ ଖୋଳୁଛି। କରୋନା ଭାଇରସ୍‌ର ହଟ୍‌ସ୍ପଟ ପାଲଟିଥିବା ମହାରାଷ୍ଟ୍ରରେ ରୋଗୀଙ୍କ ପାଇଁ ଅକ୍ସିଜେନ ସିଲିଣ୍ଡର, ଶଯ୍ୟା ଓ ଚିକିତ୍ସା ଉପକରଣ ଅଭାବ ଦେଖାଦେଇଛି। ମହାମାରୀର ଦ୍ୱିତୀୟ ଲହର ଭାରତକୁ କିପରି ଗ୍ରାସ କରିଛି ଏବଂ ଏହାର ମୁକାବିଲା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାରମାନେ କେତେ ପ୍ରସ୍ତୁତ ଉପରୋକ୍ତ ଘଟଣାସବୁ ତା'ର ଅସଲ ଚିତ୍ର ପଦାକୁ ଆଣିଛି।

## ମୋଦିଙ୍କୁ ୫ ଉପାୟ ବତାଇଲେ ମନମୋହନ

ଦେଶରେ କୋଭିଡ୍-୧୯ ସଂକ୍ରମଣର ଭୟାବହତା ଉଦ୍‌ବେଗଜନକ ହୋଇଥିବାବେଳେ ସାମ୍ପ୍ରତିକ ସଙ୍କଟର ମୁକାବିଲା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ କେନ୍ଦ୍ର ସରକାରଙ୍କୁ ୫-ସୂତ୍ରୀ ପ୍ରସ୍ତାବ ଦେଇଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ପତ୍ର ଲେଖି ଟିକାକରଣ କାର୍ଯ୍ୟକ୍ରମର ବିସ୍ତାର ଉପରେ ଗୁରୁତ୍ୱାରୋପ କରିଛନ୍ତି। ମନମୋହନ ଉକ୍ତ ପତ୍ରରେ ଲେଖିଛନ୍ତି, ମହାମାରୀ ମୁକାବିଲାରେ ଟିକାକରଣର ପ୍ରମୁଖ ଭୂମିକା ରହିଛି। କେତେ ସଂଖ୍ୟାରେ ଟିକା ଦିଆଗଲା ତାକୁ ନେଇ ଉତ୍ସାହିତ ନ ହୋଇ ଜନସଂଖ୍ୟାର କେତେ ପ୍ରତିଶତ ଟିକା ନେଲେ ତାକୁ ଦେଖିବା ଆବଶ୍ୟକ। ଆଗାମୀ ୬ ମାସ ମଧ୍ୟରେ କେଉଁ କମ୍ପାନୀକୁ କେତେ ଟିକା ପାଇଁ ଅର୍ଡର କରାଯାଇଛି ଏବଂ ସେମାନେ କେତେ ପରିମାଣରେ ଟିକା ଯୋଗାଇଛନ୍ତି, ସରକାର ତାହା ସର୍ବସାଧାରଣରେ ପ୍ରକାଶ କରିବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଅଧିକ ଲୋକଙ୍କୁ ଟିକା ଦେବାକୁ ହେଲେ ଅଧିକରୁ ଅଧିକ ଅଗ୍ରୀମ ଅର୍ଡର ରଖିବାକୁ ହେବ। କେନ୍ଦ୍ର ସରକାର ନିଜ ପାଖରେ ଜରୁରୀ ଆବଶ୍ୟକତା ଲାଗି ୧୦ ପ୍ରତିଶତ ଟିକା ରଖି ଅବଶିଷ୍ଟ ୯୦ ପ୍ରତିଶତ ତୁରନ୍ତ ରାଜ୍ୟଗୁଡ଼ିକ ପାଖକୁ ପଠାଇଦେବା ଆବଶ୍ୟକ। ଏପରି କରାଗଲେ ରାଜ୍ୟଗୁଡ଼ିକ ଟିକାକରଣ ତ୍ୱରାନ୍ୱିତ କରିବା ନେଇ ଯୋଜନା ପ୍ରସ୍ତୁତ କରିପାରିବେ। ସେହିପରି ଟିକାକରଣରେ କେଉଁ ବର୍ଗଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯିବ, ତାହା ଚୟନ କରିବା ସ୍ୱାଧୀନତା ରାଜ୍ୟଗୁଡ଼ିକୁ ଦେବା ପାଇଁ ମନମୋହନ ପରାମର୍ଶ ଦେଇଛନ୍ତି। ଟିକା ପ୍ରସ୍ତୁତକାରୀ କମ୍ପାନୀ ଉତ୍ପାଦନ ବଢ଼ାଇବା ପାଇଁ ସରକାର ସେମାନଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବା ଆବଶ୍ୟକ। ଘରୋଇ ଟିକା ଯୋଗାଣ ଯଥେଷ୍ଟ ହେଉ ନ ଥିବାରୁ ୟୁରୋପୀୟ ମେଡିକାଲ ସଂସ୍ଥା କିମ୍ବା ୟୁଏସ୍ଏଫ୍‌ଡିଏ ମଞ୍ଜୁରୀପ୍ରାପ୍ତ ଟିକା ଆମଦାନୀକୁ ଅନୁମତି ଦେବା ନିମନ୍ତେ ସେ ପ୍ରସ୍ତାବ ଦେଇଛନ୍ତି।

## 'ଖୁସି'ରେ ଖୁସି...

ଅଭାବ ଦେଖାଇ ୩ଟି ସଂସ୍ଥାର ଟେଣ୍ଡର ଆବେଦନକୁ ଖାରଜ କରିଦେଇଥିଲା। ଅବଶିଷ୍ଟ ୨ଟି ଆବେଦନକାରୀ ଅହମଦାବାଦସ୍ଥିତ କମ୍ପାନୀ ଶେଖାନୀ ଇଣ୍ଡଷ୍ଟ୍ରିଜ ଏବଂ କୋଲକାତାର ଏଚଏଲ୍ଏଲ୍ ଲାଇଫ୍ କେୟାରକୁ ସର୍ବନିମ୍ନ ବିଡର ଭାବେ ଚୟନ କରାଯାଇଥିଲା। ଉକ୍ତ ଦୁଇ କମ୍ପାନୀ ନାପ୍‌କିନ ପିଛା ସର୍ବନିମ୍ନ ୨ ଟଙ୍କା ୯୭ ପଇସାରେ ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲେ। ତେବେ ଉକ୍ତ କମ୍ପାନୀ ରାଷ୍ଟ୍ରୀୟ କିଶୋରୀ ସ୍ୱାସ୍ଥ୍ୟ ଯୋଜନାରେ ସେହି ନାପ୍‌କିନ ୧ ଟଙ୍କା ୭୪ ପଇସାରେ ଯୋଗାଇ ଦେଉଥିବା ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା। ଏହା ପରେ ୨୦୧୮ ସେପ୍ଟେମ୍ବରରେ ଉକ୍ତ ଟେଣ୍ଡରକୁ ବାତିଲ କରାଯାଇଥିଲା। ଔଷଧ ନିଗମ ସେହି ମାସରେ ନାପ୍‌କିନ କିଣିବା ପାଇଁ ପୁଣି ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିଥିଲା। ତେବେ ଟେଣ୍ଡର କମିଟିରେ ଥିବା ଅଧିକାରୀ ଚଞ୍ଚକତା କରି ନାପ୍‌କିନ ଯୋଗାଣ ପାଇଁ ପୁଣେସ୍ଥିତ ଏକମାତ୍ର ଘରୋଇ କମ୍ପାନୀ ରାଧେ ହାଇଜିନ୍ ପ୍ରଡକ୍ଟ ନାମକ ଏକ ସଂସ୍ଥାକୁ ୟୁନିଟ୍ ପିଛା ୨ଟଙ୍କା ୩୦ ପଇସା ଚଢ଼ାଦରରେ ଦେଇଦେଲେ, ଯାହାକି ରାଷ୍ଟ୍ରୀୟ କିଶୋରୀ ସ୍ୱାସ୍ଥ୍ୟ ଯୋଜନାରେ ଯୋଗାଇ ଦିଆଯାଇଥିବା ନାପ୍‌କିନଠାରୁ ୩୨ ପ୍ରତିଶତ ଅଧିକ। କେବଳ ଏହି ଯୋଜନା ନୁହେଁ, ଅନ୍ୟ ରାଜ୍ୟକୁ ମଧ୍ୟ ଉକ୍ତ କମ୍ପାନୀ କମ୍ ଦରରେ ନାପ୍‌କିନ ଯୋଗାଇଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି । ୨୦୧୭-୧୮ରେ ରାଧେ କମ୍ପାନୀ ତାମିଲନାଡୁ ମେଡିକାଲ ସର୍ଭିସେସ କର୍ପୋରେଶନକୁ ନାପ୍‌କିନ ପିଛା ୧ ଟଙ୍କା ୫୭ ପଇସାରେ ଯୋଗାଇ ଦେଇଥିବାବେଳେ ୨୦୧୮-୧୯ରେ ୧ଟଙ୍କା ୬୮ପଇସାରେ ଯୋଗାଇଛି। କେବଳ ସେତିକି ନୁହେଁ ଟେଣ୍ଡରରେ ଭାଗନେଇଥିବା ଅନ୍ୟ ଘରୋଇ ସଂସ୍ଥାଗୁଡ଼ିକ ରାଜସ୍ଥାନ, ଉତ୍ତରାଖଣ୍ଡ ଭଳି ରାଜ୍ୟକୁ ମଧ୍ୟ ନାପ୍‌କିନ ଖଣ୍ଡ ପିଛା ୧ଟଙ୍କା ୫୧ ପଇସାରେ ଯୋଗାଇଥିବା ଜଣାପଡ଼ିଛି।

ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ୨୦୧୮ ଅଗଷ୍ଟରେ ରାଜ୍ୟ ସରକାରଙ୍କ ଏକ୍ସପେଣ୍ଡିଚର ଫାଇନାନ୍ସ କମିଟି (ଇଏଫ୍‌ସି) ଧାର୍ଯ୍ୟ କରିଥିବା ୟୁନିଟ୍ ପିଛା ୨ଟଙ୍କା ୮ ପଇସାକୁ ମଧ୍ୟ ଔଷଧ ନିଗମ ବିଚାରକୁ ନେଇ ନ ଥିଲା । ଅନ୍ୟ ରାଜ୍ୟକୁ ଉକ୍ତ ସଂସ୍ଥା କମ୍ ମୂଲ୍ୟରେ ନାପ୍‌କିନ ଯୋଗାଉଥିବା ଜାଣି ସୁଦ୍ଧା ଓଡ଼ିଶାରେ ନିଗମର ବାବୁମାନେ ନିଜର ଫାଇଦା ଉଠାଇବାକୁ ଯାଇ ଚଢ଼ା ମୂଲ୍ୟ ଟେଣ୍ଡରକୁ ଅନୁମୋଦନ କରିଥିଲେ। ଯୋଗାଣକାରୀ ସଂସ୍ଥା ଅନ୍ୟ ରାଜ୍ୟକୁ ଯୋଗାଉଥିବା ମୂଲ୍ୟ ତୁଳନାରେ ଓଡ଼ିଶାକୁ ଅଧିକ ଟଙ୍କାରେ ନାପ୍‌କିନ ଯୋଗାଇବା ଯୋଗୁ ସରକାରଙ୍କୁ ବର୍ଷକୁ ୧୫.୨୯ କୋଟି ଟଙ୍କା କ୍ଷତି ହୋଇଥିବା ସିଏଜି ରିପୋର୍ଟରେ ଦର୍ଶାଇଛନ୍ତି। ସିଏଜି ରିପୋର୍ଟରେ ଏଭଳି ଅନିୟମିତତା ଧରାପଡ଼ିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। କୁହାଯାଉଛି ଯେତେ ଯାହା ହେଉ ପଛକେ 'ଖୁସି' ଯୋଜନାରେ ରାଜକୋଷ ଲୁଟି ଚାଲିଥିବା ବାବୁମାନେ ସବୁଠୁ ବେଶି ଖୁସି ।

## ନବୀନଙ୍କ ସହଯୋଗ ...

ହେଉଥିବା ୭୦ ପ୍ରତିଶତ ଜଳ ନଷ୍ଟ ହେଉଛି। ଏହା ଚାଷୀଙ୍କ କାର୍ଯ୍ୟରେ ଉପଯୋଗ ହୋଇପାରୁ ନାହିଁ। ତେଣୁ ବହିଯାଉଥିବା ଜଳକୁ ଅଟକାଇ ଚାଷୀଙ୍କ ସ୍ୱାର୍ଥରେ ବିନିଯୋଗ ପାଇଁ ଆନ୍ଧ୍ର ସରକାର ଆଗ୍ରହୀ ଅଛନ୍ତି ବୋଲି ଜଗନ ଚିଠିରେ ଉଲ୍ଲେଖ କରିଛନ୍ତି। ଏହି ପ୍ରକଳ୍ପ ହେଲେ ଆନ୍ଧ୍ର ସମେତ ଓଡ଼ିଶାର ଗଜପତି ଜିଲାର ଚାଷୀ ମଧ୍ୟ ଉପକୃତ ହେବେ। ତେଣୁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ନିତାନ୍ତ ଆବଶ୍ୟକ। ନେରେଡ଼ି ବ୍ୟାରେଜକୁ ନେଇ ସୁପ୍ରିମକୋର୍ଟରେ ମଧ୍ୟ ମାମଲା ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ନିଜ ରାଶିରେ ଗ୍ରହସନ୍ନିବେଶଜନିତ ଉଚ୍ଚ ସ୍ତରରେ ସମ୍ପର୍କ ସ୍ଥାପିତ ହେବ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ଶୁଭେଚ୍ଛା ଲାଭ କରିବେ। ଅର୍ଥନୈତିକ ସ୍ଥିତିର ଅଭିବୃଦ୍ଧି, କଳା, ସାହିତ୍ୟ, ସଙ୍ଗୀତରେ ଉନ୍ନତି, ଯାନ୍ତ୍ରିକ ଦ୍ରବ୍ୟ ଲାଭରୁ ମନ ଖୁସି ରହିବ। ଆନୁଷ୍ଠାନିକ କାମ ପରିପ୍ରେକ୍ଷୀରେ ବନ୍ଧୁମିଳନ ସାଙ୍ଗକୁ ହସ ଖୁସିରେ ମସଗୁଲ୍ ରହିପାରନ୍ତି।

**ବୃଷ**
ଆଜି ନୂତନ ସ୍ଥାନ ପରିଦର୍ଶନ ସାଙ୍ଗକୁ ମିତ୍ରତାର ସମ୍ପର୍କ ଯୋଡ଼ି ହୋଇଯିବ। କର୍ମକ୍ଷେତ୍ରରେ ସମସ୍ୟା ରହିଥିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ବଳରେ ସମାଧାନ କରିବେ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି କରିବେ। ଆର୍ଥିକ ଦିଗରୁ ଆଜି ଯାହା ପାଇବେ, ତାହାଠାରୁ ଅଧିକ ବ୍ୟୟ କରିବାକୁ ବାଧ ହେବେ।

**ମିଥୁନ**
ଗତକାଲିର ପରିଶ୍ରମ କାରଣରୁ ଆଜି ସକାଳୁ ଦେହଟା ଟିକିଏ ଭଲ ଲାଗି ନ ପାରେ। ଶନିଙ୍କ ପ୍ରଭାବରେ କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି କାମ ହାସଲ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ।

**କର୍କଟ**
ପାରିବାରିକ ସଦ୍ଭାବ ସାଙ୍ଗକୁ କର୍ମକ୍ଷେତ୍ରର ସାବଲୀଳତା ମନକୁ ହର୍ଷୋତ୍‌ଫୁଲ୍ଲ କରିବ। ସମ୍ପର୍କୀୟଙ୍କ ଅସହଯୋଗ ମନୋଭାବ କାମକୁ ନିମ୍ନାଭିମୁଖୀ କରାଇପାରେ। ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବେ। ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ବନ୍ଧୁମାନଙ୍କ ସହ ଆଲୋଚନା କରିପାରନ୍ତି।

**ସିଂହ**
ପାରିବାରିକ ସମସ୍ୟା ହେତୁ ଅଫିସରେ ମନ କଥା ମନରେ ମାରି ରହିବାକୁ ବାଧହେବେ। ମଘା ନକ୍ଷତ୍ରର ବ୍ୟବସାୟ, ନିର୍ମାଣ, ପରିବହନ ପ୍ରଭୃତିରେ ସମସ୍ୟା ରହିବ ନାହିଁ। ଗଠନମୂଳକ ପ୍ରସ୍ତାବ ଦେଇ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଲେ ସାମୟିକ ଭାବରେ ଅଶାନ୍ତି ଦୂରେଇ ରହିବ।

**କନ୍ୟା**
ନୂତନ ଯୋଜନାଟିର ଆରମ୍ଭ ଓ ଶେଷର ମଧ୍ୟବର୍ତ୍ତୀ ସମୟ ଆପଣଙ୍କ ପାଇଁ ଟେନ୍‌ସନର କାରଣ ପାଲଟିବ। ଆର୍ଥିକ ସ୍ଥିତି ଓ ବୈଷୟିକ ସମୃଦ୍ଧିର ଅଭାବ ନ ଥିଲେ ମଧ୍ୟ ମାନସିକ ସ୍ଥିରତା ରହି ନ ପାରେ। ଲେଖାପଢ଼ା, ପ୍ରକାଶନ, ମକଦ୍ଦମା ଓ ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ। ଗୃହ, ଭୂମି, ଗାଡ଼ିମୋଟର ସମ୍ବନ୍ଧୀୟ ଚିନ୍ତା ବନ୍ଧୁଙ୍କ ଦ୍ୱାରା ଦୂର ହେବ।

**ତୁଳା**
ଶୁକ୍ରଙ୍କ ପ୍ରଭାବରୁ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଧିକାଂଶ ସମୟ କଟାଇବେ। ଅଫିସରେ ଭୁଲ୍ ଖବର ପାଇ କିମ୍ବା ଉପରିସ୍ଥଙ୍କ ଚାପରେ ବିବ୍ରତ ହୋଇପାରନ୍ତି। ରବିରଶ୍ମିରେ ଶୁକ୍ରଙ୍କ ନିଷ୍ପ୍ରଭତା, ଦୈହିକ ଦୁର୍ବଳତା ହେତୁ କର୍ମକ୍ଷେତ୍ରରେ ବ୍ୟତିକ୍ରମ ସୃଷ୍ଟି ହୋଇପାରେ। ବିଶାଖା ନକ୍ଷତ୍ର ଯୋଗୁ ଜମିଜମା କ୍ରୟ ବିକ୍ରୟ କ୍ଷେତ୍ରରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ।

**ବିଛା**
ବିଭିନ୍ନ ସମସ୍ୟାରେ ଛନ୍ଦି ହେବାରୁ କାର୍ଯ୍ୟ ସମ୍ପନ୍ନ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି ହେବ। ଅନୁରାଧା ନକ୍ଷତ୍ର ସାଧାରଣ କଥାକୁ ଅସାଧାରଣ ଭାବେ କଳ୍ପନା କରି ଆଶଙ୍କାଗ୍ରସ୍ତ ହୋଇପାରନ୍ତି। ଅବଶ୍ୟ କ୍ରୟ, ବାଣିଜ୍ୟ, ମାଙ୍ଗଳିକ କାମକୁ ଶାନ୍ତ ମନରେ କରିବାରେ ଧୈର୍ଯ୍ୟ ଧାରଣ କରିବେ।

**ଧନୁ**
ଶନିଙ୍କ ପ୍ରଭାବରୁ ଏକାଧିକ ବିଷୟର ଚିନ୍ତା ମନକୁ ବିବ୍ରତ କରିପାରେ। ବନ୍ଧୁମାନେ ସମ୍ମୁଖରେ କିଛି ନ କହି ପଛରେ ସମାଲୋଚନାମୂଳକ କଥା କହିବେ। କେତେକ କ୍ଷେତ୍ରରେ ନିଜ ଲୋକମାନେ ଶତ୍ରୁତା କରି ସମସ୍ୟାକୁ ବଢ଼ାଇଦେବେ। କିନ୍ତୁ ରାଜନୈତିକ, ପ୍ରଶାସନିକ, ରଚନାତ୍ମକ ତଥା ସାମାଜିକ କ୍ଷେତ୍ରରେ ଉନ୍ନତମାନର ସୁଫଳ ମିଳିବ।

**ମକର**
ଆଜି ଦିନଟିରେ ପରକାର୍ଯ୍ୟରେ ତତ୍ପରତା ପ୍ରକାଶ କରିବାକୁ ପଡ଼ିପାରେ। ବହୁ ଦିନରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବେ। ପରିବହନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। କାହାର କଥାରେ ଭାସି ନ ଯାଇ ବିଚାରପୂର୍ବକ କାମ ନକଲେ ହଇରାଣ ହେବାକୁ ପଡ଼ିପାରେ।

**କୁମ୍ଭ**
ନୀଚାଭିମୁଖୀ ମଙ୍ଗଳଙ୍କ ପ୍ରଭାବଜନିତ କର୍ମକ୍ଷେତ୍ରରେ ଧିମେଇ ଧିମେଇ ଗତି କରିବାକୁ ପଡ଼ିପାରେ। ପାରିବାରିକ ସ୍ଥିତି ବିଶେଷ ପ୍ରୀତିଦାୟକ ରହିବ ଏବଂ ବନ୍ଧୁମିଳନ ଜନିତ ଆନନ୍ଦ ଅନୁଭବ କରିପାରନ୍ତି। ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ଆଜିର ଯାତ୍ରା ସମୟରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ।

**ମୀନ**
ଆଜି ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବିଶେଷ ଅନୁକୂଳ ରହିବ। ନିଜର ସଂଯମ କଥାବାର୍ତ୍ତା ସମସ୍ୟା ସମାଧାନ କରି ସମ୍ମାନ ଦାନରେ ସାହାଯ୍ୟ କରିବ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ ଓ ଜମିଜମା କ୍ଷେତ୍ରରୁ ସଫଳତା ହାସଲ କରିବେ। ଉତ୍ତରଭାଦ୍ରବ ନକ୍ଷତ୍ରର ଆଶା ପୂରଣ ହେତୁ ମାନସିକ ସ୍ଥିତି ପ୍ରାୟତଃ ଠିକ୍ ରହିବ।

ଆଜି ଚୈତ୍ର ଶୁକ୍ଳ ସପ୍ତମୀ ସୋମବାର, ପୀଠେ ଓ ମୃଣ୍ମୟୀ ଦେବୀଙ୍କ ବାସନ୍ତିକ ମହାସପ୍ତମୀ, ନବପତ୍ରିକା ପ୍ରବେଶ ଓ ଘଟ ସ୍ଥାପନ, ଏପ୍ରିଲ ୧୯ ତାରିଖ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ମିଥୁନ ରାଶିର ଘାତବାର, କନ୍ୟାରାଶିର ଘାତଚନ୍ଦ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୯ ଗତେ ଘ.୦୬।୦୯ ମଧ୍ୟେ, ଘ.୧୦।୩୦ ଗତେ ଘ.୦୧।୦୧ ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୩।୩୧ ଗତେ ଘ.୦୫।୧୨ ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୬।୦୩.ଗତେ ଘ.୦୩।୩୮ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

ଭୁବନେଶ୍ୱର ପାଖ ହଂସପାଳ Puri main canal କଡ଼ରେ 30' road boundary, electricpoll ଥାଇ S.C. plot ମିଳୁଛି। 9438056978. D-20537

**ଭୁବନେଶ୍ୱର ନଖରା East Engineering College backside ଘରବାରି developed plot with electricity available. ଯୋଗାଯୋଗ- 9937111658, 7381029351 (limited plots).** D-70816

Schedulecaste gharabari plot sale 6k.m. from Nakhara, Brahmanjharilo mainroad side 1200sqft. 9,60,000/-, Anantapur 2k.m. from main road 1500sqft. 9,75,000/-, 9439006524. D-70840

**2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989.** D-70836

**Sum Hospital 4K.M. ଦୂରତାରେ R.I. Training Centre Frontରେ Plot Sqft. 850/- ମିଳୁଛି। 9090963952.** D-70830

**Plot for Sale, 2000sqft (10nos) per sqft-1800 Yellowzone infront of Tata ariana, Vipul Garden Backside Ghatikia Mouza-sankarpur, BBSR. Water & Electricity available 30' Road NH-5 to 1km Contact: 7381564227.** D-20497

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9776974912. D-70842

**ଭୁବନେଶ୍ୱର Hot location ପାହାଳ NH ଜଗନ୍ନାଥମନ୍ଦିର ପାଖରେ yellow zone plot sqft. 1850/-, ବାଲିଅନ୍ତାରେ ଘରବାରି boundary sqft. 1200/-, 7978230118, 8249477254.** D-70826

ଭୁବନେଶ୍ୱର ଜଟଣୀଗେଟ୍ Jupiter College ଲାଗି sqft.-399/-, 230/-, ନଖରା ତ୍ରିନାଥ ବଜାର ପାଖରେ ଘରବାରି ପ୍ଲଟ୍ sqft.- 460/- ବିକ୍ରିହେବ। 9658891108, 7894433357. D-70835

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 7749800648.** D-20490




ଭୁବନେଶ୍ୱର ପାଖରେ Paver Block/ Fly ash bricks/ ସିମେଣ୍ଟ ଇଟା/ hollow bricks/ cement nanda/ chowkatha etc. ପାଇଁ ୧୦ବର୍ଷ ଭଡ଼ା ସୂତ୍ରରେ ଜାଗା ଦିଆଯିବ। ଯୋଗାଯୋଗ: ୬୩୭୦୩୧୯୮୬୧, ୬୩୭୨୭୪୭୦୭୭. D-20515




Monalisa massage club : All types body massage with hiprofile smart lady rooms service available 9708545108. D-20518

Ayurvedic full body massage by experienced (M/F) therapist. 9861193818, 8018656899. D-59986

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

Zen SPA positively health benefits with experts therapeutic genuinely massage. 7205084157. D-70585

Swarna SPA newly open positively health benefits with expert therapist. 9556978408. D-70584

New opening Saikrupa Panchakarma and Spa jointpain, fullbody massage, 8984068077. D-65915

Newly open full body massage ladies and gents. 9040900385. D-69547

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**କରୋନା ମୁକାବିଲା**

## ୭ ମେଡିକାଲ କଲେଜକୁ ଜିଲା ଦାୟିତ୍ୱ

**ଭୁବନେଶ୍ୱର, ୧୮।୪(ବ୍ୟୁରୋ)**

ରାଜ୍ୟରେ ଏବେ କରୋନା ସଂକ୍ରମଣ ଦ୍ରୁତ ଗତରେ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ରାଜ୍ୟସ୍ତରୀୟ ଓ ମେଡିକାଲ କଲେଜସ୍ତରୀୟ ଟିମ୍ ପ୍ରସ୍ତୁତ କରିଛନ୍ତି। ଏହି ଟିମ୍ ସରକାରୀ ଓ ବେସରକାରୀ ଡାକ୍ତରଖାନାଗୁଡ଼ିକରେ ଶଯ୍ୟା, ଏଚ୍‌ଡିୟୁ ଏବଂ ଆଇସିୟୁ କ୍ଷମତା ସହିତ ଚିକିତ୍ସା ସୁବିଧା ନେଇ ତଦାରଖ କରିବେ। ରାଜ୍ୟସ୍ତରୀୟ ଟିମ୍‌ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ଅଧ୍ୟକ୍ଷ ରହିବେ। ସେହିପରି ରାଜ୍ୟ ସରକାର ୭ ମେଡିକାଲ କଲେଜକୁ ଜିଲା ଦାୟିତ୍ୱ ଦେଇଛନ୍ତି। କଟକ ଏସ୍‌ସିବିକୁ କଟକ, ଢେଙ୍କାନାଳ, ଯାଜପୁର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼ ଓ ପୁରୀ, ବ୍ରହ୍ମପୁର ଏମ୍‌କେସିଜିକୁ ବୌଦ୍ଧ, ଗଞ୍ଜାମ, ଗଜପତି ଓ କନ୍ଧମାଳ, ବୁର୍ଲା ଭିମସାରକୁ ଅନୁଗୋଳ, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼, କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା, ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ କେନ୍ଦୁଝର ଓ ମୟୂରଭଞ୍ଜ, ବାଲେଶ୍ୱର ଫକୀରମୋହନ ମେଡିକାଲ କଜେଲକୁ ବାଲେଶ୍ୱର ଓ ଭଦ୍ରକ ଏବଂ ବଲାଙ୍ଗୀରର ସନ୍ଥ ଭୀମଭୋଇ ମେଡିକାଲ କଲେଜକୁ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା ଓ ସୋନପୁର ଜିଲା ଦାୟିତ୍ୱ ଦିଆଯାଇଛି।

## ଶିକାରୀ ଗୁଳିରେ ମହିଳା ଗୁରୁତର ଅଭିଯୋଗ

ପାତ୍ରପୁର,(ଡି.ଏନ.ଏ.): ଜରଡ଼ା ଥାନା କୁସମାଳ ଗ୍ରାମରେ ଶିକାରୀଙ୍କ ଗୁଳିରେ ଜଣେ ମହିଳା ଗୁରୁତର ହୋଇଥିବା ରବିବାର ଅଭିଯୋଗ ହୋଇଛି। ସେ ହେଲେ ଉକ୍ତ ଗାଁର ମମିତା ଭୂୟାଁ। ମମିତା ଶନିବାର ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ଶିକାରୀଙ୍କ ବନ୍ଧୁକରୁ ଏକ ଗୁଳି ଆସି ତାଙ୍କ ବେକକୁ ବାଜିଥିଲା। ମମିତା ଗୁରୁତର ହେବାରୁ ତାଙ୍କୁ ଶିକାରୀ ନିଜ ଘରକୁ ନେଇ ଚେରମୂଳି ଚିକିତ୍ସା କରିଛନ୍ତି। ଅନ୍ୟପଟେ ଝିଅ ଘରକୁ ନ ଫେରିବାରୁ ମମିତାଙ୍କ ବାପା ଦୁର୍ଲ୍ଲଭ କାର୍ଜି ଜଙ୍ଗଲରେ ଖୋଜା ଖୋଜି କରିଥିଲେ ମଧ ପାଇ ନଥିଲେ। ରବିବାର କିଛି ସମ୍ପର୍କୀୟଙ୍କୁ ଧରି ଶିକାରୀ ଦୁର୍ଲ୍ଲଭଙ୍କ ଘରେ ପହଞ୍ଚି ପାଟିତୁଣ୍ଡ କରିବା ସହ ମମିତାକୁ ହସ୍ତାନ୍ତର ନକରି ଆମେ ଚିକିତ୍ସା କରିବୁ ବୋଲି ଯୁକ୍ତି କରିଥିଲେ।

**ସଂକ୍ଷେପରେ**

## ନାକା ଗେଟ୍‌ରେ କରୋନା ଯାଞ୍ଚ ଢିଲା

କାଶୀନଗର,୧୮।୪(ଡି.ଏନ.ଏ.): କାଶୀନଗର ବ୍ଲକ ହାଡୁଭଙ୍ଗିଠାରେ ଜିଲା ପ୍ରଶାସନ ତରଫରୁ ଏକ ନାକା ଗେଟ୍ କରାଯାଇଛି। ଓଡିଶା-ଆନ୍ଧ୍ର ସୀମାନ୍ତବର୍ତ୍ତି ହୋଇଥିବାରୁ କରୋନା ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ଏଠାରେ ଯାଞ୍ଚ କଡାକଡି କରିବା ପାଇଁ ଜିଲା ପ୍ରଶାସନ ତରଫରୁ କାଶୀନଗର ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଏହି ଅଞ୍ଚଳଟି ବ୍ୟବସାୟ ଏବଂ ଗମନାଗମନ ଏକ ମାତ୍ର ରାସ୍ତା ହୋଇଥିବାରୁ ବହୁ ଲୋକ ଯାତାୟତ କରୁଛନ୍ତି। ପୋଲିସ ଚେକ ପୋଷ୍ଟ ଗୋଟିଏ ବାଟରେ କିନ୍ତୁ ଆନ୍ଧ୍ର-ଓଡିଶା ଗଳା ବାଟଦେଇ ଲୋକଙ୍କ ଯିବା ଆସିବା ହେଉଥିବା ଦେଖାଦେଇଛି। ଆନ୍ଧ୍ରରୁ ଓଡିଶାକୁ ଆସୁଥିବା ଲୋକଙ୍କୁ ଟିକା ପ୍ରମାଣ ପତ୍ର, ଆଣ୍ଟିଜନ ଟେଷ୍ଟ ରିପୋର୍ଟ ଆଦି ପ୍ରମାଣପତ୍ର ଯାଞ୍ଚ କରାନଯିବା ପରିଲିକ୍ଷିତ ହେଉଛି। ଏଣୁ ହାଡୁଭାଙ୍ଗି ଏବଂ ଅଲଡା ନାକ ଚେକ ପୋଷ୍ଟରେ କରୋନା ଯାଞ୍ଚ କଡାକଡି କରିବା ପାଇଁ ଦାବି ହେଉଛି।

## ସ୍ମାର୍ଟ କ୍ଲାସ୍ ପରିଦର୍ଶନ କଲେ ଜିଲାପାଳ

ଦିଗପହଣ୍ଡି,୧୮।୪(ଡି.ଏନ.ଏ.): ଛାତ୍ରୀ ଛାତ୍ରଙ୍କୁ ଉନ୍ନତ ଶିକ୍ଷା ଯୋଗାଇଦେବା ପାଇଁ ଗଞ୍ଜାମ ଜିଲାର ପ୍ରତ୍ୟେକ ବ୍ଲକରେ ୨ ଲେଖାଏ ହାଇସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍ ଖୋଲା ଯାଇଛି । ଏହି ପରିପ୍ରେକ୍ଷୀରେ ଶନିବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସହ ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ବ୍ରହ୍ମପୁର ଉପଜିଲାପାଳ ଭି. କିର୍ତ୍ତୀ ଭାସନ ଦିଗପହଣ୍ଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ନବର୍ନିମିତ ଡିଜିଟାଲ ଇକ୍ୱାଲାଇଜର କମ ସ୍ମାର୍ଟ କ୍ଲାସ ରୁମ ପରିଦର୍ଶନ କରିଥିଲେ। ସେହିପରି ବ୍ଲକର ନିମଖଣ୍ଡିପେଣ୍ଠ ରାଧାମୋହନ ବିଦ୍ୟାପୀଠରେ ମଧ ଏହି ସ୍ମାର୍ଟ କ୍ଲାସ ରୁମ ନିର୍ମାଣ କରାଯାଇଛି। ଜିଲାପାଳଙ୍କ ଗସ୍ତ ସମୟରେ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ , ବିଡିଓ ହଳଧର ଶବରଙ୍କ ସମେତ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନା ରାଣୀ ସାହୁ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

## ମାସ୍କ ଯାଞ୍ଚ ସହ ଲାଗିଲା ରାତ୍ରି କର୍ଫ୍ୟୁ

ବୁଗୁଡ଼ା,୧୮।୪(ଡି.ଏନ.ଏ.): କରୋନାର ଦ୍ୱିତୀୟ ଲହର ମୁକାବିଲା ପାଇଁ ବୁଗୁଡ଼ା ସହରରେ ଶନିବାର ରାତି ୯ଟାରୁ ରବିବାର ସକାଳ ୫ଟା ପର୍ଯ୍ୟନ୍ତ ସ୍ଥାନୀୟ ପୋଲିସ ପ୍ରଶାସନ ଦ୍ୱାରା ରାତ୍ରିକାଳୀନ କର୍ଫ୍ୟୁ ଲଗାଯାଇଛି। ଏହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ମଧ ଲୋକଙ୍କୁ ସଚେତନ କରାଯାଇଛି। କର୍ଫ୍ୟୁ ଲାଗିବା ଫଳରେ ପୋଲିସ ପ୍ରଶାସନ ସହରରେ ବୁଲି ଅବସ୍ଥାକୁ ନିରୀକ୍ଷଣ କରିଥିବା ବେଳେ ଲୋକେ ଦୋକାନ ବଜାର ବନ୍ଦ କରିବା ସହ ଯାତାୟାତ ମଧ ସମ୍ପୂର୍ଣ୍ଣ ବନ୍ଦ ଥିଲା।। ଫଳରେ ସହର ଖାଁ ଖାଁ ଦିଶୁଥିଲା।। ଅନ୍ୟପଟେ ଦିନରେ ମାସ୍କ ପିନ୍ଧି ନ ଥିବା ଅମାନିଆଙ୍କଠାରୁ ଗତ ୧୦ ଦିନ ମଧରେ ପୋଲିସ ପ୍ରଶାସନ ୧ ଲକ୍ଷ ୬୦ ହଜାର ଟଙ୍କା ଜରିମାନା ଆଦାୟ କରିଛି।

# ମା’ ବୁଢ଼ୀ ଠାକୁରାଣୀ ବାହୁଡ଼ିବେ ଆଜି



ଅସ୍ଥାୟୀ ମଣ୍ଡପ ବାହାରେ ଭକ୍ତଙ୍କ ଭିଡ଼।

ବ୍ରହ୍ମପୁର ଅଫିସ୍,୧୮।୪

- ଧାରା ୧୪୪ ଜାରି ସତ୍ତ୍ୱେ ଅସ୍ଥାୟୀ ମଣ୍ଡପ ଲୋକାରଣ୍ୟ
- କଟକଣା ଯୋଗୁ ଫିକା ପଡ଼ିଲା ବ୍ୟବସାୟ

ବ୍ରହ୍ମପୁରର ଆରାଧ୍ୟା ମା’ ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସୋମବାର ମା’ ସାଆନ୍ତାଣୀ ବାପଘରୁ ନିଜସ୍ୱ ମନ୍ଦିରକୁ ବାହୁଡ଼ିବେ। ଚଳିତବର୍ଷ କୋଭିଡ୍ କଟକଣାରେ ଯାତ୍ରା ଚାଲିଛି। ଏପରକି ୨ ପୂଜକ କରୋନା ଆକ୍ରାନ୍ତ ଚିହ୍ନଟ ହେବାପରେ ଦେଶୀବେହେରା ସାହିରେ ଧାରା ୧୪୪ ଜାରି କରାଯାଇ ଶ୍ରଦ୍ଧାଳୁଙ୍କ ଦର୍ଶନ ବାରଣ କରାଯାଇଥିଲା। ବହୁ ଭକ୍ତ ମା’ ଦର୍ଶନ ନ ପାଇ ନିରାଶ ହୋଇଛନ୍ତି। ତେବେ ଧାରା ୧୪୪ ସତ୍ତ୍ୱେ ରବିବାର ଶେଷ ଦିନରେ ମା’ଙ୍କ ଦର୍ଶନ ପାଇଁ ଅସ୍ଥାୟୀ ମଣ୍ଡପ ବାହାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ପୋଲିସ୍ ବ୍ୟାରିକେଡ୍ ମଧରେ ଶହ ଶହ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। ବହୁ ମାନସିକ ବେଶଧାରୀ ଦର୍ଶନ ନ ପାଇ ଅସ୍ଥାୟୀ ମଣ୍ଡପ ପଛ ପଟରେ ରହିଥିବା ଫାଟକ ମଧ୍ୟରୁ ମା’ଙ୍କ ଦର୍ଶନ ପାଇ ଆତ୍ମସନ୍ତୋଷ ଲାଭ କରିଥିଲେ।

ଯାତ୍ରାର ୧୧ ଦିନ ଅର୍ଥାତ୍ ସୋମବାର ମା’ ସାଆନ୍ତାଣୀ ନିଜ ମନ୍ଦିରକୁ ଯିବେ। ପୂର୍ବାହ୍ନ ୧୧ଟାରେ ଦେଶୀବେହେରାଙ୍କ ଗୃହରେ ଘଟ ବସିବ। ରାତ୍ରି ୧୧ଟାରେ ଅସ୍ଥାୟୀ ମଣ୍ଡପରୁ ମା’ଙ୍କ ଘଟ ବାହାରି ନିଜସ୍ୱ ମନ୍ଦିରକୁ ଯିବା ନେଇ ସିଦ୍ଧାନ୍ତି ପୁରୋହିତଙ୍କ ଦ୍ୱାରା ସମୟ ଧାର୍ଯ୍ୟ ହୋଇଛି। ସୋମବାର ରାତ୍ରି ପର୍ଯ୍ୟନ୍ତ ୧୪୪ ଧାରା ବଳବତ୍ତର ରହିବ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ରହିଛି। ଚଳିତଥର କୋଭିଡ୍ କଟକଣାରେ ବି ମା’ଙ୍କ ଯାତ୍ରା ହୋଇଥିବା ନେଇ ଭକ୍ତମାନେ ଖୁସି ପ୍ରକାଶ କରିଛନ୍ତି। ମା’ଙ୍କ କରୁଣାରୁ କରୋନା ମହାମାରୀ ଦୂରେଇ ଯିବବୋଲି ଆଶା କରିଛନ୍ତି। ଚଳିତଥର ଯାତ୍ରାରେ କଟକଣା ଯୋଗୁ ଦେଶୀ ବେହେରା ସାହି ଅଞ୍ଚଳରେ ବ୍ୟବସାୟ ବିଶେଷ ପ୍ରଭାବିତ ହୋଇଛି। ବିଶେଷ କରି ନଡ଼ିଆ, ନବାତ ଭଳି ବିଭିନ୍ନ ପୂଜା ସାମଗ୍ରୀ ବିକ୍ରି ଆଶାନୁରୂପ ହୋଇ ପାରିନାହିଁ। ଯାତ୍ରାକୁ ଜିଲା ସମେତ ଜିଲା ବାହାର ବ୍ୟବସାୟୀ ମଧ କିଛି ବ୍ୟବସାୟ ଆଶାରେ ଖେଳନା ସାମଗ୍ରୀଠାରୁ ଆରମ୍ଭ କରି ଖାଦ୍ୟଦ୍ରବ୍ୟ ବିକ୍ରି କରିବାକୁ ଆସିଥାନ୍ତି। ଏଥର ବ୍ୟବସାୟୀଙ୍କ ସମାଗମ ହୋଇଛି ହେଲେ ଭକ୍ତ ଆସୁ ନ ଥିବା କାରଣରୁ ବ୍ୟବସାୟ ଫିକା ପଡ଼ିଥିବା ବହୁ ବ୍ୟବସାୟୀ ମତ ପ୍ରକାଶ କରିଛନ୍ତି।

### ସେମାନେ ଯାହା କୁହନ୍ତି ...


“ଠାକୁରାଣୀ ଯାତ୍ରା ସମେତ ଜିଲାର ଅନ୍ୟାନ୍ୟ ଯାତ୍ରାରେ ପୂଜା ନିମନ୍ତେ ନବାତର ବହୁଳ ବ୍ୟବହାର ହୋଇଥାଏ। କିନ୍ତୁ ଚଳିତ ଥର କୋଭିଡ୍ କଟକଣା ଯୋଗୁ ଭକ୍ତଙ୍କ ସମାଗମ ନ ଥିବାରୁ ବିଶେଷ ବ୍ୟବସାୟ ହୋଇପାରିନାହିଁ। ଏଥିପାଇଁ ଖୁବ୍ କମ୍ ସାମଗ୍ରୀ ମଧ ପ୍ରସ୍ତୁତ କରାଯାଉଛି।

**- ପର୍ଶୁରାମ ସାହୁ, ଦେଶୀ ବେହେରା ସାହି ବଣିକ ସଂଘ ସଭାପତି**


“ବ୍ରହ୍ମପୁର ଠାକୁରାଣୀ ଯାତ୍ରାରେ ବହୁ ବ୍ୟବସାୟୀ ଭଲ ବ୍ୟବସାୟର ଆଶା ରଖିଥାନ୍ତି। କିନ୍ତୁ ଚଳିତ ବର୍ଷ କୋଭିଡ୍ କାରଣରୁ ଭକ୍ତଙ୍କ ସମାଗମ ହୋଇପାରି ନାହିଁ। ଫଳରେ ଚଳିତ ଥର ଯାତ୍ରାରେ ବ୍ୟବସାୟ ଫିକା ପଡ଼ିଛି।

**- ଟୁଟୁ ଗୌଡ଼, ଯୁଗ୍ମ ସଂପାଦକ,ଦେଶୀ ବେହେରା ସାହି ବଣିକ ସଂଘ**


“ପ୍ରତିବର୍ଷ ମା’ ବୁଢ଼ୀ ଠାକୁରାଣୀ ଯାତ୍ରାରେ କଦଳୀ ବ୍ୟବସାୟ କରେ। ଆନ୍ଧ୍ରରୁ କଦଳୀ କାନ୍ଦି ଆଣି ବିକ୍ରି କରିଥାଏ। କିନ୍ତୁ ଚଳିତ ବର୍ଷ କୋଭିଡ୍ କଟକଣା କାରଣରୁ ଭକ୍ତ ମା’ଙ୍କ ନିକଟକୁ ଆସୁ ନାହାନ୍ତି। ଫଳରେ ବ୍ୟବସାୟ ଭଲ ହୋଇନାହିଁ।

**-ଏଲ୍.ଆମ୍ମା, ବ୍ୟବସାୟୀ**


“ଠାକୁରାଣୀ ଯାତ୍ରାରେ ବହୁ ସଂଖ୍ୟକ ନଡ଼ିଆ ଅସ୍ଥାୟୀ ମଣ୍ଡପରେ ପୂଜା ହୋଇଥାଏ। ପୂଜା ସାମଗ୍ରୀ ଦୋକାନ ମଧ ଖୋଲିଥାଏ। କିନ୍ତୁ ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଦର୍ଶନକୁ ବାରଣ କରାଯାଇଥିବାରୁ ଭକ୍ତ ଆସୁ ନାହାନ୍ତି। ବ୍ୟବସାୟ ମଧ ହେଉ ନାହିଁ

**- ଅଶୋକ କୁମାର ପଣ୍ଡା,ବ୍ୟବସାୟୀ**

## ସନ୍ଦେହଘେରରେ ବୃଦ୍ଧଙ୍କ ମୃତ୍ୟୁ

### ୧୦ ଘଣ୍ଟା ପୂର୍ବରୁ ନେଇଥିଲେ ଟିକା

ପାତ୍ରପୁର,୧୮।୪ (ଡି.ଏନ.ଏ.)

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ସୁରଙ୍ଗି ଗ୍ରାମରେ ଗତ ଶନିବାର ରାତିରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରଘୁନାଥ ବେହେରା (୬୦) । ରଘୁନାଥ ଶନିବାର ସକାଳେ କରୋନା ଟିକା ନେଇଥିଲେ। ସେଠାରୁ ଆସି ସେ ନିଜ ଚାଷ ଜମିକୁ କାମ କରିବାକୁ ଯାଇଥିଲେ। ଜମିରୁ ଫେରିବା ପରେ ରଘୁନାଥ ଅସୁସ୍ଥ ଅନୁଭବ କରିଥିଲେ। ପରେ ସେ ଗୁରୁତର ହୋଇପଡ଼ିବାରୁ ପରିବା ଲୋକେ ସୁରଙ୍ଗି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ଲୋକେ ମୃତଦେହ ବ୍ୟବଚ୍ଛେଦ ନ କରାଇ ଗାଁ ମଶାଣିରେ ଦାହ କରିଦେଇଥିଲେ। ଏ ସମ୍ପର୍କରେ ସୁରଙ୍ଗି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଦୀପ ରଣଜିତଙ୍କୁ ପଚାରିବାରୁ ରଘୁନାଥ କରୋନା ଟିକା ନେଇଥିବା କହିଥିଲେ। ହେଲେ ମୃତଦେହ ବ୍ୟବଚ୍ଛେଦ ନ ହେବାରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନଥିବା କହିଛନ୍ତି। ବିଡିଓ ପ୍ରକାଶ ଚନ୍ଦ୍ର ଦାସଙ୍କ ସହ ଯୋଗାଯୋଗ କରିବାରୁ ଏ ନେଇ କୌଣସି ସୂଚନା ମିଳିନଥିବା ପ୍ରକାଶ କରିଛନ୍ତି।

## ମହାନଗରରେ ରାତ୍ରି କର୍ଫ୍ୟୁ, ୫ ସ୍ଥାନରେ ଚେକ୍ ପୋଷ୍ଟ

ବ୍ରହ୍ମପୁର ଅଫିସ,୧୮।୪


ପୋଲିସ ପକ୍ଷରୁ ଚେକିଂ କରାଯାଉଛି।

ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ମାମଲା ବୃଦ୍ଧିକୁ ପ୍ରତିହତ କରିବା ପାଇଁ ସମସ୍ତ ସହରାଞ୍ଚଳରେ ରାତ୍ରି କର୍ଫ୍ୟୁ ଲାଗୁ କରାଯାଇଛି। ବ୍ରହ୍ମପୁର ମହାନଗରରେ ଶନିବାର ରାତିରୁ ଆରମ୍ଭ ହୋଇଛି ରାତ୍ରି କର୍ଫ୍ୟୁ । ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଏହା ବଳବତ୍ତର ରହୁଛି। ବିଭିନ୍ନ ଥାନା ଇଲାକାରେ ପୋଲିସ ଚେକିଂ କରାଯାଉଛି। ସେହିପରି ରବିବାରଠାରୁ ସହରର ବିଭିନ୍ନ ପ୍ରବେଶ ପଥରେ ଚେକ୍ ପୋଷ୍ଟ କରାଯାଇଛି। ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ବୋଲି ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି। ଜରୁରୀ ସେବାରେ ନିୟୋଜିତ ଲୋକଙ୍କୁ ବାଦ ଦେଇ ଅନ୍ୟ ଯେଉଁମାନେ ରାତ୍ରି କର୍ଫ୍ୟୁ ସମୟରେ ବାହାରକୁ ବାହାରୁଛନ୍ତି ସେମାନଙ୍କ ବିରୋଧରେ ପୋଲିସ କଡା ଆଭିମୁଖ୍ୟ ଗ୍ରହଣ କରିବ ବୋଲି ସେ ଚେତାଇ ଦେଇଛନ୍ତି। ଖୋଡାସିଙ୍ଗି, ଲାଞ୍ଜିପଲ୍ଲୀ, ଅନ୍ଧପସରା, ଫାଷ୍ଟଗେଟ ଓ ଲୋଚାପଡା ଆଦି ପ୍ରବେଶ ପଥରେ ଅସ୍ଥାୟୀ ଚେକ ପୋଷ୍ଟ କରାଯାଇଛି। ପ୍ରତ୍ୟେକ ଚେକ ପୋଷ୍ଟରେ ଜଣେ ଏଏସ୍‌ଆଇ କିମ୍ବା ଏସ୍‌ଆଇଙ୍କ ସମେତ ୩ ଜଣ କନଷ୍ଟେବଳ ଓ ଜଣେ ହୋମଗାର୍ଡ ରହିବେ ବୋଲି ଏସ୍‌ଡିପିଓ ପତି ସୂଚନା ଦେଇଛନ୍ତି।

## ଏସ୍‌ଏଚ୍‌ଜି ପ୍ରକଳ୍ପ ଉଦ୍‌ଘାଟନ କଲେ ଜିଲାପାଳ

ଗୋପାଳପୁର,୧୮।୪

ରଙ୍ଗେଇଲୁଣ୍ଡା ବ୍ଲକ ଲହୁଡ଼ିଗାଁ ପଞ୍ଚାୟତର କିର୍ତ୍ତୀପୁର ଗ୍ରାମରେ ଶନିବାର ସନ୍ଧ୍ୟାରେ ମା’ କାଳୀମାତା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ କଦଳୀ, ଆଳୁ ଚିପସ୍ ପ୍ରକଳ୍ପକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟ ଅତିଥି ଭାବେ ପିଡି ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ବ୍ରହ୍ମପୁର ଉପଜିଲାପାଳ ଭି.କିର୍ତ୍ତିଭାସନ ଯୋଗ ଦେଇଥିଲେ। ଉକ୍ତ ସଂଘ ପକ୍ଷରୁ କଦଳୀ, ଆଳୁ ଚିପ୍‌ସ ପ୍ରସ୍ତୁତ କରି ବଜାରରେ ଅଧିକା ପରିମାଣରେ ବିକ୍ରି କରାଗଲେ ମହିଳାମାନଙ୍କ ଆର୍ôଥିକ ଉନ୍ନତି ଆସିବ। ଏଥିସହ ଗ୍ରାମରେ କଦଳୀ ଗଛ ଲଗାଇ ସେଠାରୁ କଦଳୀ ସଂଗ୍ରହ କରି ଏହି ଚିପସ୍ ପ୍ରସ୍ତୁତ କରିବାକୁ ଜିଲାପାଳ କୁଲାଙ୍ଗେ କହିଥିଲେ। ଉକ୍ତ ପ୍ରକଳ୍ପ ପାଇଁ ଏକ ନିଜସ୍ୱ ଗୃହ ନିର୍ମାଣ କରାଯିବାକୁ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ରଙ୍ଗେଇଲୁଣ୍ଡା ଭାରପ୍ରାପ୍ତ ବିଡିଓ ତ୍ରିପତି ବାଲାଜି ସାମନ୍ତରାୟ, ରଙ୍ଗେଇଲୁଣ୍ଡା ସିଡିପିଓ ଜ୍ୟୋତ୍ସ୍ନା ପାଢ଼ୀ, ଡିପିଏମ୍ ନବୀନ କୁମାର ସେନାପତି, ଏପିଡି (ଲାଇଭଲିହୁଡ଼) ନଳିନୀକାନ୍ତ ମିଶ୍ର, ସହକାରୀ ଯନ୍ତ୍ରୀ ପଞ୍ଚାନନ ପ୍ରଧାନ, ବିପିଏମ୍ ଅଜୟ କୁମାର ଦାଶ, ବିଏଲ୍‌ସି ପବିତ୍ରା ଦୋରାଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀର ବହୁ ସଦସ୍ୟା ଉପସ୍ଥିତ ଥିଲେ।

## ଛତ୍ରପୁର ବ୍ଲକ ଏଲିମେଣ୍ଟାରୀ ଶିକ୍ଷକ ସଂଘ ବୈଠକ

ଛତ୍ରପୁର,୧୮।୪(ଡି.ଏନ.ଏ.)

ଛତ୍ରପୁର ବ୍ଲକରେ ସମସ୍ତ ବର୍ଗର ଶିକ୍ଷକଙ୍କୁ ନେଇ ଏଲିମେଣ୍ଟାରୀ ଶିକ୍ଷକ ସଂଘ ଗଠନ ହୋଇଛି। ରଘୁନାଥପୁର ସ୍କୁଲରେ ଶିକ୍ଷକଙ୍କଏକ ବୈଠକ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୋମନାଥ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବି.ସୁଦାମ, ବସନ୍ତ କୁମାର ମହାରଣାଙ୍କୁ ନେଇ ଉପଦେଷ୍ଟା ମଣ୍ଡଳୀ ଗଠିତ ହୋଇଛି। ପଞ୍ଚାନନ ତ୍ରିପାଠୀଙ୍କୁ ସଂଘ ସଭାପତି, ଜିତେନ୍ଦ୍ର ନାଥ ପଟ୍ଟନାୟକ ଓ ଚନ୍ଦ୍ରଶେଖର ପ୍ରଧାନଙ୍କୁ କାର୍ଯ୍ୟକାରୀ ସଭାପତି, ଉପସଭାପତି ଭାବେ ଚିତ୍ରସେନ ବେହେରା ଓ ଜନାର୍ଦ୍ଦନ ଶତପଥୀ, ସାଧାରଣ ସମ୍ପାଦକ ରୀତା ରଥ, ସଂଗଠନ ସଂପାଦକ ଭାବେ ସୀମାଞ୍ଚଳ ଗୌଡ, ତ୍ରିନାଥ ସାହୁ, ମନୋଜ କୁମାର ତ୍ରିପାଠୀ, ନିଳାଞ୍ଚଳ ପଣ୍ଡା ଓ ମାଗୁଣୀ ଶତପଥୀ, ଯୁଗ୍ମ ସଂପାଦକ ଗିତାଞ୍ଜଳୀ ତ୍ରିପାଠୀ, କୋଷାଧ୍ୟକ୍ଷ ଧବଳେଶ୍ୱର ସେଠୀ, ସଂଗଠନର ଜିଲା ବୋର୍ଡ ସଦସ୍ୟ ଭାବେ ରବିନାରାୟଣ ବେହେରା, ହେମନ୍ତ କୁମାର ସୁବୁଦ୍ଧି, ଅଜିତ କୁମାର ସେଠୀ ଓ ରଞ୍ଜନ କୁମାର ବେହେରାଙ୍କୁ ଚୟନ କରାଯାଇଥିଲା। ସେହିପରି ବ୍ଲକର ୧୩ଟି ଜୋନ ପାଇଁ ହରିରାମ ରାଉଳ, ମହେଶ୍ୱର ବେହେରା, ସୌମିତ୍ର ରଞ୍ଜନ ବାହାଲିଆ, କୈଳାସ ଚନ୍ଦ୍ର ପଣ୍ଡା, ସୁବାସ ଚନ୍ଦ୍ର ମଲ୍ଲିକ, ରଞ୍ଜିତା ଦାଶ, ରଘୁନାଥ ପ୍ରଧାନ, ଜ୍ୟୋତ୍ସ୍ନା ସାହୁ, ନିରଞ୍ଜନ ପ୍ରଧାନ, ଉଷାରାଣୀ ପାତ୍ର, ତପସ୍ୱିନୀ ବେହେରା, ମଧୁସ୍ମିତା ଜେନା ଓ ମନୋରଞ୍ଜନ ପଲେଇଙ୍କୁ କାର୍ଯ୍ୟକାରୀ ସଦସ୍ୟ ମନୋନୀତ କରାଯାଇଛି।

## କରୋନା ମୁକାବିଲାରେ ସହଯୋଗକୁ ଗୁରୁତ୍ୱ

### ସ୍ୱେଚ୍ଛାସେବୀ ସଙ୍ଗଠନର ବୈଠକ

ବ୍ରହ୍ମପୁର ଅଫିସ୍,୧୮।୪

ଗଞ୍ଜାମ ଜିଲାର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନକୁ ନେଇ ରବିବାର ଇକସ୍ ଚକ୍ଷୁ ଚିକିତ୍ସାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କରୋନାର ଦ୍ୱିତୀୟ ଲହର ଗଞ୍ଜାମ ଜିଲାରେ ଏହାର ପ୍ରକୋପ ବୃଦ୍ଧି ପାଇଛି। ତେବେ ଗତ ବର୍ଷ ଭଳି ଚଳିତ ବର୍ଷ ମଧ କରୋନାକୁ କିଭଳି ପ୍ରତିହତ କରାଯାଇ ପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଲୋକେ ଯୋଉଳି ମାସ୍କ, ସାମାଜିକ ଦୂରତା, ରକ୍ଷା କରିବେ ସେ ନେଇ ସଚେତନ କରିବା, ରାଜ୍ୟ ସରକାର ଓ ଜିଲା ପ୍ରଶାସନକୁ କୋଭିଡ ମୁକାବିଲାରେ ସହଯୋଗ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଡ. ମିହିର କୁମାର ଧଳ, ଲୋକନାଥ ମିଶ୍ର, ମଙ୍ଗରାଜ ପଣ୍ଡା, ରବୀନ୍ଦ୍ର ନାଥ ପାତ୍ର, ବୃନ୍ଦାବନ ପଣ୍ଡାଙ୍କ ସମେତ ବିଭିନ୍ନ ସଂଗଠନର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ହଷ୍ଟେଲ ଛାଡ଼ିଲେ ଛାତ୍ରୀଛାତ୍ର


ଛାତ୍ରୀମାନେ ହଷ୍ଟେଲ ଛାଡି ଅଭିଭାବକଙ୍କ ସହ ଯାଉଛନ୍ତି।

ବ୍ରହ୍ମପୁର ଅଫିସ୍,୧୮।୪

କରୋନା ସଂକ୍ରମଣ ବଢୁଥିବାରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ବିଶ୍ୱବିଦ୍ୟାଳୟର ହଷ୍ଟେଲ ଖାଲି କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଚିଠି ଆସିବା ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରାବାସ ଓ ଛାତ୍ରୀନିବାସର ଛାତ୍ରୀଛାତ୍ରଙ୍କୁ ହଷ୍ଟେଲ ଛାଡ଼ିବା ପାଇଁ କୁହାଯାଇଛି। ରବିବାର ସୁଦ୍ଧା ପ୍ରାୟ ୭୦ ପ୍ରତିଶତ ଅନ୍ତେବାସୀ ହଷ୍ଟେଲ ଛାଡ଼ି ଘରକୁ ଫେରିଥିବା ଜଣାପଡ଼ିଛି। ଅନ୍ୟମାନେ ମେସ୍ ଓ ହଷ୍ଟେଲ କ୍ଲିଅରାନ୍ସ ପରେ ସୋମବାର ହଷ୍ଟେଲ ଛାଡ଼ିବେ ବୋଲି କହିଛନ୍ତି।

## ପ୍ରସ୍ତାବରେ ଅଟକିଛି ବୃହତ୍ତର ବ୍ରହ୍ମପୁର ଗଠନ

ବ୍ରହ୍ମପୁର ଅଫିସ,୧୮।୪

### କାର୍ଯ୍ୟକାରୀ କରାଯିବାକୁ ଏମ୍‌ପିଙ୍କ ଗୁରୁତ୍ୱ

ବ୍ରହ୍ମପୁର, ଛତ୍ରପୁର ଓ ଗୋପାଳପୁରକୁ ନେଇ ବୃହତ୍ତର (ଗ୍ରେଟର) ବ୍ରହ୍ମପୁର ଗଠନ ପ୍ରସ୍ତାବରେ ଅଟକି ଯାଇଛି। ଏହା ହେବ କି ନାହିଁ ତାହା ମଧ ଅନିଶ୍ଚିତତା ମଧରେ ରହିଛି।

୧୯୯୨ରେ ହୋଇଥିବା ବ୍ରହ୍ମପୁର ପୌର ପରିଷଦ ନିର୍ବାଚନରେ ନଗରପାଳ ପଦବୀ ପାଇଁ ସିଧା ଭୋଟ ଗ୍ରହଣ ହୋଇଥିଲା। ଏଥିରେ ଜନତା ଦଳ ପ୍ରାର୍ଥୀ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ପରାସ୍ତ କରି କଂଗ୍ରେସ ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ ନଗରପାଳ ନିର୍ବାଚିତ ହୋଇଥିଲେ। ଉପରୋକ୍ତ ୩ ଅଞ୍ଚଳକୁ ନେଇ ଗ୍ରେଟର ବ୍ରହ୍ମପୁର ଗଠନ ପାଇଁ ସେ ପରିକଳ୍ପନା କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପ୍ରସ୍ତାବକୁ ସହମତି ଜଣାଇଥିଲେ। ପରବର୍ତ୍ତି ପର୍ଯ୍ୟାୟରେ ରାଜ୍ୟ ରାଜନୀତି ବଦଳିଗଲା ଓ ୧୯୯୫ରେ କଂଗ୍ରେସ ସରକାର ଗଠନ ହୋଇଥିଲା। ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହିତ ଚନ୍ଦ୍ରଶେଖରଙ୍କ ମତଭେଦ ଥିବାରୁ ବୃହତ୍ତର ବ୍ରହ୍ମପୁର ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରି ନ ଥିଲା। ଅନ୍ୟପକ୍ଷରେ ବିଡିଏ (ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ) ପକ୍ଷରୁ ୧୦ ବର୍ଷ ତଳେ ସିଡିପି (କମ୍ପ୍ରେହେନସ ଡେଭଲପମେଣ୍ଟ ପ୍ଲାନ) ପ୍ରସ୍ତୁତ କରାଯାଇଛି। ସେଥିରେ ମଧ ୩ ସହରାଞ୍ଚଳ ସମେତ ୧୩୯ ରାଜସ୍ୱ ମୌଜାକୁ ମିଶାଇ ବୃହତ୍ତର ବ୍ରହ୍ମପୁର ଗଠନର ନକ୍ସା ରହିଛି। ସିଡିପିରେ ବିଭିନ୍ନ ବିକାଶମୂଳକ ଯୋଜନା ଏବଂ ଶିକ୍ଷାନୁଷ୍ଠାନ, ମାର୍କେଟ କମ୍ପ୍ଲେକ୍ସ ଓ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ଚିହ୍ନଟ କରାଯାଇଛି। ମହାନଗର ଗଠନର ୧୨ ବର୍ଷ ପୂରିଛି ଏବଂ ସିଡିପିକୁ ବାଦ ଦେଇ ବିଭିନ୍ନ କାର୍ଯ୍ୟ କରାଯାଇଛି। ତେଣୁ ୧.୦୮ କୋଟି ଟଙ୍କା ବ୍ୟୟରେ ପ୍ରସ୍ତୁତ ହୋଇଥିବା ବିଡିଏର ସିଡିପି ବିଡ଼ା ବାନ୍ଧି ରଖାଯାଇଛି। ଚନ୍ଦ୍ରଶେଖର ଇତିମଧରେ ଦଳବଦଳ କରି ବିଜେଡିରେ ମିଶିବା ପରେ ୨୦୧୯ ନିର୍ବାଚନରେ ବ୍ରହ୍ମପୁର ଲୋକସଭା ଆସନରୁ ଏମ୍‌ପି ହୋଇଛନ୍ତି। ସେ ନବେ ଦଶକରେ ନଗରପାଳ ଏବଂ ୨୦୦୪ରୁ ୨୦୦୯ ଯାଏଁ ହୋଇଥିବା କେନ୍ଦ୍ରମନ୍ତ୍ରୀ ସମୟରେ ପ୍ରସ୍ତାବିତ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରାଯିବା ଉପରେ ଗୁରୁତ୍ୱ ଦେଇଛନ୍ତି। ଆଲୋଚନା ପ୍ରସଙ୍ଗରେ ଗ୍ରେଟର ବ୍ରହ୍ମପୁର ଗଠନ ଲାଗି ପୁନର୍ବାର ଉଦ୍ୟମ ଚଳାଇଥିବା ସୂଚନା ଦେଇଛନ୍ତି। ବ୍ରହ୍ମପୁର, ଗୋପାଳପୁର ଓ ଛତ୍ରପୁର ସମେତ ୧୩୯ ରାଜସ୍ୱ ମୌଜା ଏବଂ ଲୋଚାପଡ଼ା, ଆଙ୍କୁଶପୁର ଓ ସହରତଳି ଅଞ୍ଚଳଗୁଡ଼ିକ ମିଶାଇ ବୃହତ୍ତର ବ୍ରହ୍ମପୁର ଗଠନ ଅନିର୍ବାଜ୍ୟ ହୋଇଥିବା ଦର୍ଶାଇଛନ୍ତି। ଆୟତନ ଓ ପରିସୀମା କ୍ଷେତ୍ର ଏବଂ ଜନସଂଖ୍ୟା ବୃଦ୍ଧି ହେଲେ ଗ୍ରେଟର ବ୍ରହ୍ମପୁର ସ୍ୱପ୍ନ ସାକାର ହେବ। ଏହାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଚୁର ପରିମାଣର ଆର୍ଥିକ ଅନୁଦାନ ମିଳିବ ଓ ଅନେକ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେବ। ତେଣୁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇବେ ବୋଲି ଏମ୍‌ପି ସ୍ପଷ୍ଟ କରିଛନ୍ତି।

## ଚାହିଦା ମୁତାବକ ହେଉନି ଆମଦାନୀ

ବ୍ରହ୍ମପୁର ଅଫିସ,୧୮।୪


ଆମ୍ବ ବଜାରରେ ଗଚ୍ଛିତ ଆମ୍ବ।

### ନୀଳକଣ୍ଠେଶ୍ୱର ଆମ୍ବବଜାର

- ଚିନ୍ତାରେ ବ୍ୟବସାୟୀ

କରୋନା ଯୋଗୁ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକରେ ବ୍ୟବସାୟ ମାନ୍ଦାବସ୍ଥାରେ ରହିଛି। ଏଭଳି ସ୍ଥିତିରେ ବ୍ରହ୍ମପୁର ସହରରେ ଆମ୍ବ ଆମଦାନୀରେ ବି ସାମାନ୍ୟ ପ୍ରଭାବ ପକାଇଛି। ସହରର ଅନ୍ଧପସରା ରୋଡ଼ ସ୍ଥିତ ନୀଳକଣ୍ଠେଶ୍ୱର ଆମ୍ବ ମାର୍କେଟରେ ବର୍ତ୍ତମାନଠାରୁ ଆମ୍ବ ଆମଦାନୀ ଆରମ୍ଭ ହୋଇଛି। ଗତ ୧ ତାରିଖଠାରୁ ଏହି ମାର୍କେଟକୁ ଆମ୍ବ ଆମଦାନୀ ହୋଇଥିବା ବେଳେ ଚଳିତ ବର୍ଷ ଚାହିଦା ମୁତାବକ ଆମ୍ବ ଆମଦାନୀ ହୋଇପାରୁ ନ ଥିବା ବ୍ୟବସାୟୀମାନେ କହିଛନ୍ତି। ବର୍ତ୍ତମାନ ଏହି ମାର୍କେଟକୁ ଦୈନିକ ୫୦ଟନ୍ ଆମ୍ବ ଆସୁଛି। ଏହି ବଜାରକୁ ସାଧାରଣତଃ କର୍ଣାଟକ, ବାଙ୍ଗାଲୁରୁ, ଆନ୍ଧ୍ର ପ୍ରଦେଶ, ଶ୍ରୀକାକୁଲମ୍, ତିରୁପତି, ବିଜୟୱାଡ଼ା, ରାଜମହେନ୍ଦ୍ରୀ ଆଦି ଅଞ୍ଚଳରୁ ବାଇଗଣ ପଲୀ, ଆଖୁରସ, ନଡ଼ିଆ ଆମ୍ବ, କଲମ୍ବି, ସୁବର୍ଣ୍ଣରେଖା ଭଳି ବିଭିନ୍ନ କିସମର ଆମ୍ବ ଆସିଥାଏ। ଏହି ବଜାରକୁ ଆସୁଥିବା ଆମ୍ବ ଗଞ୍ଜାମ ଜିଲା ସମେତ ଖୋର୍ଦ୍ଧା, ସମ୍ବଲପୁର, କଟକ, ପୁରୀ, ବଲାଙ୍ଗୀର ଆଦି ଜିଲାକୁ ରପ୍ତାନୀ ହୋଇଥାଏ। ବର୍ତ୍ତମାନ ହୋଲ୍‌ସେଲ୍ ଦରରେ ଆମ୍ବ କିଲୋ ପିଛା ୫୦ରୁ ୬୦ ଟଙ୍କା ରହିଛି। କିନ୍ତୁ ଚଳିତ ବର୍ଷ ଆମ୍ବ ଉତ୍ପାଦନରେ ହ୍ରାସ ପାଇଥିବା ବେଳେ ଆଗାମୀ ଦିନରେ ଦର ବି ବୃଦ୍ଧି ପାଇବ ବୋଲି ସେ ଆମ୍ବ ବଜାର ବ୍ୟବସାୟୀ ସଂଘ ସମ୍ପାଦକ ପ୍ରକାଶ ଚନ୍ଦ୍ର ଗୌଡ଼ କହିଛନ୍ତି। ଅନ୍ୟପଟେ କରୋନା କଟକଣା କାରଣରୁ ଆମଦାନୀ ହେଉଥିବା ସ୍ଥାନକୁ ଆମ୍ବ ବ୍ୟବସାୟୀମାନେ ଯାଇପାରୁ ନାହାନ୍ତି। ଫଳରେ ସେମାନଙ୍କ ଚାହିଦା ମୁତାବକ ଆମ୍ବ ଆମଦାନୀ ହୋଇପାରୁ ନ ଥିବା ବହୁ ବ୍ୟବସାୟୀ କହିଛନ୍ତି। କରୋନା କଟକଣା କାରଣରୁ ଚଳିତ ବର୍ଷ ଆମ୍ବ ବ୍ୟବସାୟରେ ମାନ୍ଦାବସ୍ଥା ନେଇ ଆଶଙ୍କା ଦେଖାଦେଇଛି। ଆଗାମୀ ୧୦ରୁ ୧୫ ଦିନ ମଧରେ ଆମ୍ବ ଆମଦାନୀ ଆହୁରି ବୃଦ୍ଧି ପାଇବ। ଆଗାମୀ ଦିନରେ ଏହା ବୃଦ୍ଧି ପାଇ ଶହେରୁ ୫୦୦ ଟନ୍‌ରେ ପହଞ୍ଚିବ। ବ୍ୟବସାୟ ଆଶାନୁରୂପ ହେବ ବୋଲି ବ୍ୟବସାୟୀ ଆଶାପୋଷଣ କରିଛନ୍ତି। ଜିଲା ପ୍ରଶାସନର କୋଭିଡ୍ ନିୟମକୁ ମାନି ବ୍ୟବସାୟୀଙ୍କ ପକ୍ଷରୁ ଦୋକାନ ସମ୍ମୁଖରେ ବାରିକେଡ୍ ସହ ମାସ୍କ ଓ ସାମାଜିକ ଦୂରତାକୁ ବାଧ୍ୟତାମୂଳକ କରାଯାଇଛି।

ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍‌ଭବ ହେବ। କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ। ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ। –ଶ୍ରୀଅରବିନ୍ଦ

# 'ଘୋ'ରେ ମାତିଛୁ

ଭାରତରେ ଗତ ୩ ଦିନ ହେବ ଦୈନିକ କରୋନା ସଂକ୍ରମଣ ୨ ଲକ୍ଷ ଅତିକ୍ରମ କରିଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁବ୍ ଡେରିରେ ଏହି ସଂକ୍ରମଣ ସ୍ତରକୁ ଉପଲବ୍ଧି କରିଥିବା କୁହାଯାଉଛି। କାରଣ ୧୭ ଏପ୍ରିଲରେ ହରିଦ୍ୱାରରେ ମହା କୁମ୍ଭମେଳା ବନ୍ଦ କରିବା ଲାଗି ସେ ଅଭଦେଶାନନ୍ଦ ଗିରିଙ୍କୁ ନିବେଦନ କରିବା ପରେ ଏହି ମେଳା ସମାପନ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଭୋଟ୍ ପ୍ରଚାର ପୂର୍ବଭଳି ଆଗେଇ ଚାଲିଛି। କୁମ୍ଭମେଳା ଓ ନିର୍ବାଚନ ଶୋଭାଯାତ୍ରାରେ ହାଉଜାଉ ହେଉଥିବା ଲୋକଙ୍କ ଚିତ୍ର ଦେଖିଲେ ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଭଳି ବିଷୟକୁ କେହି ଖାତିର କରୁନାହାନ୍ତି। ଦେଶର ନେତୃତ୍ୱଙ୍କୁ ଏସବୁ ଛବି ଦେଖାଯାଉଥିଲେ ମଧ୍ୟ ତାହା ଅଣଦେଖା କରାଯାଇଛି। ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରଚାର ବେଳେ ବାରମ୍ବାର କହୁଥିବା ଦେଖାଯାଇଛି ଯେ, ଏତେ ଲୋକ ଏକସଙ୍ଗେ ସମାଗମ ହେବା ସେ କେବେ ଦେଖି ନ ଥିଲେ। ଏଥିରୁ ବୁଝିହେଉଛି ଯେ, ସେ ପରବର୍ତ୍ତୀ ନିର୍ବାଚନ ସଭାରେ ଆହୁରି ଅଧିକ ଲୋକଙ୍କ ଉପସ୍ଥିତି ହେଉ ବୋଲି ଚିନ୍ତା କରୁଛନ୍ତି। ଲୋକଙ୍କ ସମାଗମରୁ ଏକ ରାଜନୈତିକ ଦଳର ଶକ୍ତି କଳି ହୋଇଥାଏ। ଅନ୍ୟ ଦିଗରେ ଦେଖିଲେ କରୋନା ସେହିଠାରୁ ଶକ୍ତି ପାଇ ବଳୀୟାନ ହୋଇଚାଲିଛି। ଗୋଟିଏ ଜାଗାରେ ଲୋକେ ଏକତ୍ରିତ ହେବା ବା ପାଖାପାଖି ରହିଲେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଇଥାଏ। ଗତବର୍ଷ ଯେତେବେଳେ କରୋନାର ପ୍ରଥମ ଲହର ଦେଖାଦେଇଥିଲା, ପ୍ରଧାନମନ୍ତ୍ରୀ ଏକାଧିକ ବାର ଟେଲିଭିଜନ ମାଧ୍ୟମରେ ଲୋକମାନଙ୍କୁ କୋଭିଡ୍ ନିୟମ ମାନିବାକୁ ନିବେଦନ କରିଥିଲେ। ଏବେ ଦ୍ୱିତୀୟ ଓ ଅନେକ ସ୍ଥାନରେ ତୃତୀୟ ଲହର ଦେଖାଦେଇଥିଲେ ମଧ୍ୟ ନିର୍ବାଚନ ପାଇଁ ସବୁକିଛି ଜଳାଞ୍ଜଳି କରିଦିଆଯାଇଛି।

ଏଭଳି ପରିପ୍ରେକ୍ଷୀରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ୧୮ ଏପ୍ରିଲରେ ଟୁଇଟ୍ କରିଛନ୍ତି ଯେ, ସେ ନିର୍ବାଚନର ସମସ୍ତ ଶୋଭାଯାତ୍ରାକୁ ବାତିଲ କରିଦେଇଛନ୍ତି। ଏଥିସହିତ ଅନ୍ୟାନ୍ୟ ରାଜନେତାଙ୍କୁ ବଡ଼ବଡ଼ ରାଜନୈତିକ ରାଲିର ପରିଣାମ ବିଷୟରେ ଚିନ୍ତା କରିବାକୁ ଆହ୍ୱାନ ଦେଇଛନ୍ତି। ଏଠାରେ କୁହାଯାଇପାରେ ଯେ, କଂଗ୍ରେସର ଉପସ୍ଥିତି କିମ୍ବା ରାହୁଲଙ୍କ ରାଜନୈତିକ ଶକ୍ତି କମ୍ ହୋଇଥାଇପାରେ, କିନ୍ତୁ ସେ ଦେଶର ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଯେଉଁ ଆହ୍ୱାନ ଦେଇଛନ୍ତି ନିଶ୍ଚିତ ଦୂରଦର୍ଶୀ ଓ ସ୍ୱାଗତଯୋଗ୍ୟ। ନିର୍ବାଚନ ଜିତିବା ପାଇଁ ଲୋକଙ୍କୁ ମରଣମୁହଁକୁ ଠେଲିଦେଉଥିବା ରାଜନେତାମାନେ ଦେଶର ଭବିଷ୍ୟତ ବିଷୟରେ କେତେ ସତର୍କ ରହିଛନ୍ତି ବୁଝିହେଉଛି। ରାଷ୍ଟ୍ରର ମଙ୍ଗଳ ବା ବିକାଶ ଲାଗି କେବଳ ଶାସନକର୍ତ୍ତା ବା ଶାସକ ଦଳର ମନ୍ତ୍ରୀ ଓ ନେତାମାନେ ଯେ ନିର୍ଦ୍ଦେଶ ବା ନିବେଦନ ଦେଇଚାଲିବେ ଭାବିବା ଭୁଲ। ଦେଶକୁ ବିପଦରୁ ରକ୍ଷା କରିବା ପାଇଁ ଯେ କେହି ଚିନ୍ତାଶୀଳ ବ୍ୟକ୍ତିଙ୍କ ପରାମର୍ଶ ଯୁକ୍ତିଯୁକ୍ତ ହୋଇଥିଲେ ଗ୍ରହଣଯୋଗ୍ୟ ହେବା କଥା।

ଏଠାରେ ମନେପଡ଼େ ଗତବର୍ଷ ଯେତେବେଳେ ନିଜାମୁଦ୍ଦିନ୍ ମର୍କଜରେ ତବଲିଘି ଜମାତର ସମାଗମ ହୋଇଥିଲା, ସେତେବେଳେ ତାହାକୁ ଦେଶବ୍ୟାପୀ ନିନ୍ଦା କରାଯାଇଥିଲା। ଏଥିପାଇଁ ଅନେକ ତବଲିଘିଙ୍କ ବିରୋଧରେ ପୋଲିସ ମାମଲା ରୁଜୁ ହୋଇଥିଲା। ବିଦେଶରୁ ଆସିଥିବା ମୁସଲମାନ ନେତାମାନଙ୍କୁ ଗିରଫ କରାଯାଇଥିଲା। ତତ୍‌ସହିତ ମୁସଲମାନ ସମ୍ପ୍ରଦାୟ ପାଇଁ ଘୃଣା, ଦ୍ୱେଷ ସୃଷ୍ଟି କରିବାର ସୁଯୋଗକୁ ଭାଜପାର ସମର୍ଥକମାନେ ହାତଛଡ଼ା କରି ନ ଥିଲେ। ଏହି ଦ୍ୱିତୀୟ ଅଧିକ ମାରାତ୍ମକ କରୋନା ଲହର ବ୍ୟାପୁଥିବା ବେଳେ ସବୁ ପ୍ରାନ୍ତରୁ ଯାଇଥିବା ହିନ୍ଦୁମାନେ ଏବେ ହରିଦ୍ୱାର ମହା କୁମ୍ଭମେଳାରେ ଯୋଗଦେଇ ସେହି ତବଲିଘି ମୁସଲମାନଙ୍କ ଭଳି ବ୍ୟବହାର ଦେଖାଇଛନ୍ତି। ଅର୍ଥାତ୍ ଯଦି ମୁସଲମାନଙ୍କୁ ଜଘନ୍ୟ ବୋଲି କହୁଛେ, ଆମେ ହିନ୍ଦୁମାନେ ମଧ୍ୟ ଅନୁରୂପ ଭାବେ ଜଘନ୍ୟ। କୁମ୍ଭମେଳାରେ ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ସମାଗମ ଘଟିଥିଲେ ମଧ୍ୟ ଉତ୍ତରାଖଣ୍ଡ ସରକାର ତାହାକୁ ରୋକିବାକୁ ଚେଷ୍ଟା କରି ନ ଥିଲେ। ବରଂ ମୁଖ୍ୟମନ୍ତ୍ରୀ ତୀରଥ ସିଂ ରାଓ୍ୱତ ଅବାନ୍ତର ଯୁକ୍ତି କରିଛନ୍ତି ଯେ, ତବଲିଘିମାନେ ରୁଦ୍ଧଦ୍ୱାରରେ ରୁଣ୍ଡିଭୂତ ହୋଇଥିଲେ, ଯାହା ଅସୁରକ୍ଷିତ ଥିଲା। କୁମ୍ଭମେଳା ଘର ବାହାରେ ହୋଇଥିବାରୁ ସମ୍ପୂର୍ଣ୍ଣ ସୁରକ୍ଷିତ। ଏଭଳି ଯୁକ୍ତି ଦର୍ଶାଉଥିବା ବ୍ୟକ୍ତିଙ୍କୁ ଭୂତାଣୁ ବିଶେଷଜ୍ଞମାନେ ବୁଝାଇ ଥକିପଡ଼ିଲେ ମଧ୍ୟ କୌଣସି ପରିବର୍ତ୍ତନ ଆସିପାରିବ ନାହିଁ। କାରଣ ଧର୍ମ ନାମରେ ଅନେକେ ଅନ୍ଧ ହୋଇଯାଉଛନ୍ତି। ସେହିପରି ସହରବଜାରରେ ମାସ୍କ ନ ପିନ୍ଧିଲେ ଜରିମାନା ଲାଗି ନିର୍ଦ୍ଦେଶ ଦିଆଯାଉଛି। କିନ୍ତୁ ସେହି ନିୟମାବଳୀ କୁମ୍ଭମେଳା କିମ୍ବା ନିର୍ବାଚନ ପ୍ରଚାର ବେଳେ ଅନୁପାଳନ ନ ହେବା ଶାସନବ୍ୟବସ୍ଥାର ଦାୟିତ୍ୱହୀନତାକୁ ସୂଚାଉଛି। ଜନସାଧାରଣ ମଧ୍ୟ ପାଗଳ ଭଳି ନେତା ଓ ସାଧୁଙ୍କୁ ଅନୁସରଣ କରିଚାଲିଛନ୍ତି। କେହି ବୁଝୁନାହାନ୍ତି ଯେ, ସାମୟିକ ଭାବପ୍ରବଣତା ସେମାନଙ୍କ ଜୀବନରେ କେତେ କ୍ଷତି ଆଣିଦେଉଛି। କେବଳ ସେମାନଙ୍କର ନୁହେଁ, ପ୍ରତ୍ୟେକ ନାଗରିକର ଦାୟିତ୍ୱହୀନତା ସମଗ୍ର ଦେଶକୁ କ୍ଷତି ପହଞ୍ଚାଇଲାଣି। ଗୋଟେ 'ଘୋ'ରେ ମାତିଲେ ବିପଦ ସୁନିଶ୍ଚିତ।

## ସାପ୍ତାହିକ ପଞ୍ଜିକା

**ଏପ୍ରିଲ୍ ୧୨:** କରୋନା ସଂକ୍ରମଣରେ ଭାରତ ବ୍ରାଜିଲକୁ ଟପିଲା।
➢ଭାରତରେ ସ୍ପୁଟନିକ.ଭିକୁ ସବୁଜ ସଂକେତ।
**ଏପ୍ରିଲ୍ ୧୩:** ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଭାବେ ସୁଶୀଲ ଚନ୍ଦ୍ରଙ୍କ ଦାୟିତ୍ୱ ଗ୍ରହଣ।
**ଏପ୍ରିଲ୍ ୧୪:** ପିପିଲି ଉପନିର୍ବାଚନ ସ୍ଥଗିତ। ଭୋଟ ପୂର୍ବରୁ କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ପରଲୋକ।
➢ସିବିଏସଇ ଦଶମ ପରୀକ୍ଷା ବାତିଲ, ଦ୍ୱାଦଶ ପରୀକ୍ଷା ସ୍ଥଗିତ।
**ଏପ୍ରିଲ୍ ୧୫:** ରାଜ୍ୟ ସରକାର ଦଶମ ଓ ଦ୍ୱାଦଶ ପରୀକ୍ଷା ସ୍ଥଗିତ ରଖିଲେ।
➢ଗ୍ୟାଙ୍ଗଷ୍ଟର ହାଇଦରଙ୍କୁ ଧରିଲା ହାଇଦ୍ରାବାଦ ପୋଲିସ।
➢ମେ ୧୫ ଯାଏ ଶ୍ରଦ୍ଧାଳୁଙ୍କୁ ଶ୍ରୀମନ୍ଦିର ମନା।
**ଏପ୍ରିଲ୍ ୧୫:** ରାଜ୍ୟର ସବୁ ସହରରେ ନାଇଟ କର୍ଫ୍ୟୁ।

## su|do|ku ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 5 | 1 | 6 | | |
| | | | | | 6 | | 8 | 3 |
| | | | 8 | 9 | 2 | | | |
| | | | 6 | 8 | | | | 1 |
| 2 | 4 | | | | | | 3 | |
| | | 8 | | | | | | 4 |
| | | 7 | | | | | | |
| | | | | | | 3 | 6 | 9 |
| 6 | 3 | 5 | | | | 2 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 5 | 1 | 7 | 6 | 2 | 8 | 4 |
| 4 | 8 | 7 | 9 | 5 | 2 | 6 | 1 | 3 |
| 1 | 2 | 6 | 4 | 3 | 8 | 7 | 5 | 9 |
| 3 | 5 | 4 | 2 | 8 | 1 | 9 | 6 | 7 |
| 8 | 7 | 9 | 5 | 6 | 3 | 4 | 2 | 1 |
| 2 | 6 | 1 | 7 | 4 | 9 | 8 | 3 | 5 |
| 5 | 9 | 8 | 6 | 1 | 7 | 3 | 4 | 2 |
| 7 | 1 | 3 | 8 | 2 | 4 | 5 | 9 | 6 |
| 6 | 4 | 2 | 3 | 9 | 5 | 1 | 7 | 8 |

ଗତକାଲିର ଉତ୍ତର

# ବିଶ୍ୱନିନ୍ଦୁକଙ୍କ ସମ୍ପର୍କରେ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଆମ ଶାସ୍ତ୍ରକାରମାନେ ମଣିଷ ଭିତରେ ଥିବା ରିପୁ ସମୂହକୁ କାମ, କ୍ରୋଧ, ହିଂସା, ଲୋଭ ଆଦି ଷଡ଼ରିପୁରେ ସୀମିତ କରି ରଖିଥିଲା ବେଳେ ଅନ୍ୟ ଯେଉଁ ପ୍ରମୁଖ ରିପୁଟିକୁ ତାହା ଭିତରେ ସ୍ଥାନିତ କରିବାକୁ ଭୁଲି ଯାଇଥିଲେ, ତାହା ବୋଧହୁଏ 'ନିନ୍ଦା'। ଜଣେ ସମାଜଶାସ୍ତ୍ରୀଙ୍କ ମତରେ ଏ ସଂସାରରେ ଖୁବ୍ କମ୍ ଲୋକ ଥିବେ, ଯିଏ ତାଙ୍କ ଜୀବନରେ କେବେ କାହାକୁ ନିନ୍ଦା କରି ନ ଥିବେ। କାହାର ପ୍ରଶଂସାଯୋଗ୍ୟ ଭଲ କାମଟିଏ ଆଖିରେ ପଡ଼ିଲେ ମୁହଁରେ ପ୍ରଶଂସାସୂଚକ ଶବ୍ଦଟିଏ ସ୍ଫୁରିବା ଏତେ ସହଜ ହୋଇ ନ ପାରେ, ମାତ୍ର ଟିକେ ପାନରୁ ଚୂନ ଖସିଗଲେ ମୁଣ୍ଡ ଉପରେ ଦୁନିଆଯାକର ନିନ୍ଦା ଅଜାଡ଼ି ପଡ଼ିବାକୁ ଆଦୌ ବିଳମ୍ବ ହୁଏନା। ଯାହା କିଛି ପ୍ରଶଂସ୍ୟ, ତାହାକୁ ପ୍ରଶଂସା କରିବାକୁ ଆଗେଇ ଆସିବା ଯେତିକି ଜରୁରୀ, ଯାହା କିଛି ନିନ୍ଦନୀୟ, ତାହାକୁ ନିନ୍ଦା କରିବା ମଧ୍ୟ ସେତିକି ଆବଶ୍ୟକ। ଅଥଚ ଲକ୍ଷ୍ୟ କରିବାର କଥା, ନିନ୍ଦା କରିବାକୁ ଆମେ ଯେତିକି ଆଗଭର; ପ୍ରଶଂସା କରିବାକୁ ଠିକ୍ ସେତିକି ପରାଙ୍ମୁଖ। ମଣିଷ ମନର ଏହି ବିଚିତ୍ର ମନସ୍ତାତ୍ତ୍ୱିକ ରହସ୍ୟର କ'ଣ କାରଣ ଥାଏ କେଜାଣି, ସଚରାଚର ଆତଯାତ ହେଉଥିବା ସବୁ ମଣିଷ ପ୍ରାୟ ଏହି ପ୍ରଜାତିର।

ତେବେ ଏଠାରେ ଆଲୋଚ୍ୟ ପ୍ରସଙ୍ଗଟି ଟିକେ ବିଶେଷ ପର୍ଯ୍ୟାୟର। ଏହି ପର୍ଯ୍ୟାୟର ସେହି ବିଶେଷ କିସମର ମଣିଷମାନେ ଜୀବନରେ ପ୍ରଶଂସା କମ୍, ନିନ୍ଦା ଅଧିକ କରିବାରେ ଅଭ୍ୟସ୍ତ ଥା'ନ୍ତି। ଶହେବାର ପ୍ରଶଂସା ପାଇବାର ଯୋଗ୍ୟତା ରଖୁଥିବା କାହାର କୌଣସି କାମ ପାଇଁ ଏମାନଙ୍କ ମୁହଁରୁ ପଦୁଟିଏ ପ୍ରଶଂସା ବାହାରିବାର ନାହିଁ, ଅଥଚ ସେଇ ସମାନ ଲୋକର ସମାନ ଭୁଲ୍ ପାଇଁ ଏମାନେ ନିନ୍ଦା କରିବାରେ ପ୍ରଗଳ୍‌ଭ ହୋଇ ଉଠିବେ। ଏମାନଙ୍କର ଏହା କି ପ୍ରକାର ଦୃଷ୍ଟିଦୋଷ, ତାହା ଅନ୍ୟ ଏକ ବିଚାର ଆଲୋଚନାର ଅପେକ୍ଷା ରଖୁଥିବା ବେଳେ ଏକଥା କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ଯେ ଅଧାଗ୍ଲାସ୍ ପାଣିକୁ ଏମାନେ 'ଗ୍ଲାସ୍‌ରେ ଅଧା ପାଣି ଅଛି' ବୋଲି ନ କହି 'ଗ୍ଲାସ୍‌ରେ ଅଧା ପାଣି ନାହିଁ' ବୋଲି କହିବାରେ ଅଧିକ ରୁଚି ରଖନ୍ତି। କାହା ଭିତରେ କ'ଣ ଥିବାରୁ ତାହା ଅଧିକ ସୁନ୍ଦର ବୋଲି ଦେଖି ନ ପାରି କାହା ଭିତରେ କ'ଣ ନ ଥିବାରୁ ତାହା ଅଧିକ ଅସୁନ୍ଦର ବୋଲି ବେଶି ବର୍ଣ୍ଣନା କରନ୍ତି। ମୋଟ ଉପରେ କହିବାକୁ ଗଲେ ଯାହା କିଛି ଭଲ, ତାହା ଏମାନଙ୍କ ଦୃଷ୍ଟିପଟଳରୁ ହଜି ଯାଉଥିବା ବେଳେ କେବଳ ସେଇସବୁ ଦୃଶ୍ୟ ଏମାନଙ୍କ ଆଖିରେ ଧରାପଡ଼ନ୍ତି, ଯାହା ବିରୋଧରେ ଉଚ୍ଚ ସ୍ୱରରେ ଚିତ୍କାର କରି ନିନ୍ଦା କରି ହେବ। ଏମାନଙ୍କ ଦୃଷ୍ଟି ପ୍ରଖରତା ଓ ନିନ୍ଦା କରିବାର ପ୍ରବଣତାକୁ ନେଇ ଏମାନଙ୍କୁ ବିଶ୍ୱନିନ୍ଦୁକ କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ।

ଗତ ହୋଲିଦିନ ଏକ ଥାନାର ପୋଲିସ ବାବୁମାନେ ନିଜ ନିଜର ହୋଲି କର୍ତ୍ତବ୍ୟ ସଂପାଦନ କରି ଥାନାକୁ ଫେରି ଆସିଲା ପରେ ନିଜ ନିଜ ମଧ୍ୟରେ ହୋଲି ଖେଳି କ'ଣ ଟିକିଏ ମଉଜ ମସ୍ତି କଲେ ଯେ, ସେଇ ଦିନଯାକ ଓ ତା' ପର ଦୁଇଦିନ ସାମାଜିକ ଗଣମାଧ୍ୟମରେ ତାଙ୍କ ସପ୍ତପୁରୁଷ ଉଦ୍ଧାର କରିବାରେ ଲାଗିପଡ଼ିଲେ କେବଳ ଭୁଲ ଦେଖିବାରେ ଅଭ୍ୟସ୍ତ ଥିବା ଆମ ବିଶ୍ୱନିନ୍ଦୁକମାନେ। ସେମିତି କେଇ ଦିନ ତଳେ ରାଜ୍ୟର ଏକ ଡାକ୍ତରଖାନାରେ ରୋଗୀ ଦେଖୁଥିବା ବେଳେ ହଠାତ୍ ଡାକ୍ତରବାବୁ ଖବର ପାଇଲେ ଯେ, ତାଙ୍କର ଜଣେ ଆତ୍ମୀୟ ରାସ୍ତା ଦୁର୍ଘଟଣାରେ ଆହତ ହୋଇ ସେହି ହସ୍ପିଟାଲର ଆଶୁ ଚିକିତ୍ସା କେନ୍ଦ୍ରକୁ ଅଣାଯାଇଛନ୍ତି। ରୋଗୀମାନଙ୍କୁ ଟିକିଏ ଅପେକ୍ଷା କରିବାକୁ କହି ସେ ତାଙ୍କର ସେହି ଆହତ ଆତ୍ମୀୟଙ୍କ ଅବସ୍ଥା ଦେଖିବାକୁ ଚାଲିଗଲେ ଯେ, ପ୍ରଣବ ଅଶୁଦ୍ଧ ହୋଇଗଲା ଓ ତାଙ୍କ ଉପରେ ଅଜାଡ଼ି ପଡ଼ିଲା 'ଦାୟିତ୍ୱହୀନ' ଓ 'କର୍ତ୍ତବ୍ୟବିମୁଖ' ଆଦି ଯେତେ ନିନ୍ଦାସୂଚକ ଶବ୍ଦ।

ଲକ୍ଷ୍ୟ କରିବାର କଥା, ଥାନାର ସେଇ ପୋଲିସମାନେ ସେମାନଙ୍କ କର୍ତ୍ତବ୍ୟକୁ ପଛରେ ପକାଇ ବା ଥାନାକୁ ଆସିଥିବା ଅଭିଯୋଗକାରୀଙ୍କୁ ସମୟ ନ ଦେଇ ହୋଲି ନାଚଗୀତରେ ମସ୍ତ କରୁ ନ ଥିଲେ କି ଡାକ୍ତରବାବୁ ତାଙ୍କ ଆହତ ସମ୍ପର୍କୀୟଙ୍କ ଅବସ୍ଥା ବୁଝିବାକୁ ଯିବା ପୂର୍ବରୁ ସହକର୍ମୀଙ୍କ ସଙ୍ଗେ ଚେସ୍ ଖେଳୁ ନ ଥିଲେ। ସେମାନେ ଯିଏ ଯାହାଙ୍କ କର୍ତ୍ତବ୍ୟର ମୂଲ୍ୟ ସଠିକ୍ ବୁଝିଥିଲେ ଓ ବୃତ୍ତି ଜୀବନ ବାହାରେ ସଞ୍ଚରିତ ହେଉଥିବା ବ୍ୟକ୍ତି ଜୀବନର ଆହ୍ୱାନରେ କେଉଁଠି ଟିକିଏ ହୋଲିର ମଜା ନେଇଥିଲେ ତ ଅନ୍ୟ କେଉଁଠି ସମ୍ପର୍କୀୟଙ୍କ ଦୁର୍ଘଟଣାରେ ଟିକିଏ ଆହା କହି ସାହା ହେବାକୁ ଆଗେଇ ଯାଇଥିଲେ। ଅଥଚ ସେମାନଙ୍କ ପୂର୍ବ କର୍ତ୍ତବ୍ୟନିଷ୍ଠା ପ୍ରତି ବିସ୍ମୃତ ହୋଇ କେବଳ ଗୋଟିଏ ଦୃଷ୍ଟାନ୍ତର ବିଚାରରେ 'ଦାୟିତ୍ୱହୀନ' ବୋଲି କଟୁ ମନ୍ତବ୍ୟଟିଏ ଦେଇ ଆମ ନିନ୍ଦୁକ ଭାଇମାନେ ସେମାନଙ୍କ ସାମାଜିକ ଦାୟିତ୍ୱ ନିର୍ବାହ କରୁଛନ୍ତି।

ଟ୍ରାଫିକ୍ କନଷ୍ଟେବଳ ଅଗ୍ନିବର୍ଷୀ ଖରାରେ ଛିଡ଼ା ହୋଇ ନିଜର କର୍ତ୍ତବ୍ୟ ସଂପାଦନ କରୁଥିଲା ବେଳେ ଆମକୁ କେବେ କଷ୍ଟ ଲାଗିଛି କି? ଖରାବର୍ଷାକୁ ଖାତିର ନ କରି ଟ୍ରାଫିକ୍ ପୋଷ୍ଟରେ ଛିଡ଼ା ହୋଇ ନିଜର ଦାୟିତ୍ୱ ନିର୍ବାହ କରୁଥିଲା ବେଳେ ଆମେ କେବେ ତାଙ୍କ ପ୍ରଶଂସା କରିଛୁ କି? ଛତିଶଗଡ଼ର ସେଇ ବୀର ଶହୀଦ ପୋଲିସ ବାଇଶଜଣଙ୍କର ଅକାଳ ଅବସାନ ପରେ ଆମେ କେବେ ସେମାନଙ୍କ ପିଲା ପରିବାରର ଦୁର୍ଭାଗ୍ୟ ସଂପର୍କରେ ଚିନ୍ତା କରିଛୁ କି? ନିଜ ଜୀବନକୁ ବିପଦ ମୁହଁକୁ ଠେଲି କରୋନା ଯୋଦ୍ଧା ଭଳି ଶୃଙ୍ଖଳା ଗୌରବ ଗୋଟାଉଥିବା ଡାକ୍ତରଙ୍କ ଶଙ୍କାଗ୍ରସ୍ତ ପରିବାରର କଥା କେବେ ମନକୁ ଆଣିଛୁ କି? ଉଣାଅଧିକେ ଏଇସବୁ ପ୍ରଶ୍ନର ଉତ୍ତରକୁ ନିଜ ମଧ୍ୟରେ ଲାଳିତ କରିବାର ବାସ୍ତବତା ଯେତେବେଳେ ଶୂନ ପ୍ରତିଶତ, ସେତେବେଳେ ଉପରୋକ୍ତ ଦୁଇଟି ଘଟଣା ବା ସେହିଭଳି ଅନ୍ୟ କିଛି ଘଟଣା ବିରୋଧରେ ମୁହଁ ଖୋଲିବାକୁ ଆମ ଭଳି ବିଶ୍ୱ ନିନ୍ଦୁକମାନେ ସବୁବେଳେ ତତ୍ପର! କାରଣ ଏଭଳି ନିନ୍ଦା ବା ସମାଲୋଚନା କରିବାରେ କାଳେ ପ୍ରଚ୍ଛଦ ଭାବେ ନିହିତ ଥାଏ ଏକ ସାମାଜିକ ଦାୟବଦ୍ଧତା, ଅସଙ୍ଗତି ବିରୋଧରେ ଗଣସଚେତନତା! କେଜାଣି!

ଯେତେ ଯାହା ଭଲ କଲେ ବି ସେଇ ଭଲ ମଧ୍ୟରୁ ବି ବିଶ୍ୱନିନ୍ଦୁକମାନେ ଛିଦ୍ରଟିଏ ଖୋଜି ତା' ବିରୋଧରେ ମୁହଁ ଖୋଲିବାକୁ ଆଗେଇ ଆସିବେ। ଆଣ୍ଠୁଗଣ୍ଠିବାତ ରୋଗର ସାକ୍ଷାତ ଧନ୍ୱନ୍ତରୀ ବୋଲି ବିବେଚିତ କଟକ ବଡ଼ ମେଡିକାଲର ଜଣେ ବଡ଼ ଡାକ୍ତର ନିଜର ନିଆରାପଣ ପାଇଁ ସମଗ୍ର ରାଜ୍ୟରେ ସୁପରିଚିତ। ସେ ନିଜର ସରକାରୀ କାର୍ଯ୍ୟ ପରିସର ବାହାରେ ଘରୋଇ ଭାବେ ରୋଗୀ ଦେଖନ୍ତିନି କି ଅନାବଶ୍ୟକ ପରୀକ୍ଷାନିରୀକ୍ଷା କରାଇ ରୋଗୀଙ୍କୁ ଖର୍ଚ୍ଚାନ୍ତ କରାନ୍ତି ନାହିଁ ବା ତହିଁରୁ ଉଚ୍ଚ କମିସନ ଗୋଟାନ୍ତି ନାହିଁ। ନିଜ ବୃତ୍ତିକୁ ସହଜ ଧନ ଅର୍ଜନର ଏକ ମାଧ୍ୟମ ମନେ ନ କରି ରୋଗ ଜ୍ୱାଳାରେ ଘାଣ୍ଟି ହେଉଥିବା ରୋଗୀଙ୍କୁ ଚିକିତ୍ସାର ଚନ୍ଦନ ସ୍ପର୍ଶ ଦେବାର ଏକ ସେବା ବିଚାରୁଥିବା ଏହି ଡାକ୍ତର କେବଳ ତାଙ୍କ ରୋଗୀଙ୍କ ପାଇଁ ନୁହେଁ, ସାଧାରଣ ଲୋକଙ୍କ ପାଇଁ ଜଣେ ଦ୍ୱିତୀୟ ଈଶ୍ୱର। ଅଥଚ ତାଙ୍କୁ ମଧ୍ୟ ଆମ ବିଶ୍ୱନିନ୍ଦୁକମାନେ 'ଲମ୍ବା ଲାଇନର ଡାକ୍ତର' କହି ନାକ ଟେକନ୍ତି।

ନିଜର ବିରଳ ବଦାନ୍ୟତା ଓ ଲୋକକଲ୍ୟାଣକାରୀ ଆଭିମୁଖ୍ୟ ପାଇଁ ସମଗ୍ର ଭାରତବାସୀଙ୍କ ନିକଟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିଶିଷ୍ଟ ଶିଳ୍ପପତି ରତନ ଟାଟାଙ୍କୁ ତ ସମସ୍ତେ ଜାଣିଛନ୍ତି। ନିଜର ଏକ କମ୍ପାନୀ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଜଣେ ମଧ୍ୟମ ବର୍ଗର କର୍ମଚାରୀଙ୍କ ଅସୁସ୍ଥତା ସଂପର୍କରେ ଖବର ପାଇ ସେ ଏକ ମୋଟା ରକମର ସାହାଯ୍ୟ ଅନୁଦାନ ଧରି ତାଙ୍କ ଘରେ ପହଞ୍ଚି ଯାଇଥିଲେ ଓ ଅସୁସ୍ଥ କର୍ମଚାରୀଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ତାଙ୍କ ଘରେ ଦିବାଭୋଜନ କରି ଫେରି ଯାଇଥିଲେ। ଏକ ଭିନ୍ନ ମାନବୀୟ ପ୍ରତିବେଦନର ସ୍ପଷ୍ଟ ସଙ୍କେତ ଦେଉଥିବା ରତନଜୀଙ୍କର ଏହି ଆଦର୍ଶ ଆଚରଣ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା, ଯେତେବେଳେ କରୋନା ସଙ୍କଟର ପ୍ରଥମ ପର୍ଯ୍ୟାୟରେ ସେ ପନ୍ଦରଶହ କୋଟି ଟଙ୍କାର ବିଶାଳ ଧନରାଶି କରୋନା ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦାନ କରିଥିଲେ। ଅଥଚ ତାଙ୍କର ଏହି ମହତ୍ ଜୀବନାଦର୍ଶର ବିବରଣୀ ଯେତେବେଳେ ଗଣମାଧ୍ୟମରେ ପ୍ରସାରିତ ହେଲା, ସେତେବେଳେ ଜଣେ ବିଶ୍ୱନିନ୍ଦୁକଙ୍କ ମନ୍ତବ୍ୟ ଥିଲା ଏହିପରି–"ହଁ, କୋଉ ବଡ଼କଥାଟାଏ ଯେ! ଆମଠାରୁ ଚା, ଲୁଣରୁ ଆରମ୍ଭ କରି ଖଣି ଖାଦାନଯାଏ ଲକ୍ଷ ଲକ୍ଷ ଟଙ୍କା ନେଇ ଦଶ ଶହେ ପକାଇ ଦେବାରେ କି ଦାନୀପଣ ଥାଏ ଯେ!"

ଗୋଟିଏ ପୂର୍ଣ୍ଣଗର୍ଭା ଜଳାଶୟରେ ଫୁଟି ଉଠିଥିଲା ଶହ ଶହ ସୁନ୍ଦର ସୁଗନ୍ଧିତ ପଦ୍ମଫୁଲ। ଅନୁପମ ସୌନ୍ଦର୍ଯ୍ୟରେ ଆକର୍ଷିତ କରୁଥିଲା ଦର୍ଶକର ତନୁମନକୁ। ଏମିତି ସ୍ୱର୍ଗୀୟ ଆକର୍ଷଣକୁ ଏଡ଼ାଇ ନ ପାରି ପଦ୍ମପ୍ରେମୀ ଜଣେ ପାଣିରେ ପଶିଲା ଓ ପହଞ୍ଚିଗଲା ଫୁଲମାନଙ୍କର ଅତି ନିକଟରେ। ମାତ୍ର ହାୟ! ପଦ୍ମର ଆକର୍ଷଣକୁ ପାସୋରି ପକାଇ ସେ ପାଣି ଭିତରେ ଥିବା ପଙ୍କ ପ୍ରେମରେ ପଡ଼ିଗଲା ଓ ପ୍ରଚଣ୍ଡ ପରାକ୍ରମରେ ପଙ୍କ ଘାଣ୍ଟିବା ଆରମ୍ଭ କରିଦେଲା। ଶେଷରେ ଦେହସାରା ପଙ୍କ ସାଲୁବାଲୁ ହୋଇ ଗୋଟିଏ ବି ପଦ୍ମପୁଷ୍ପ ତୋଳି ନ ପାରି ସେ କୂଳକୁ ଫେରିଗଲା ଓ ବାଚାଳଙ୍କ ପରି ଘୋଷଣା କଲା, "ପଙ୍କ ଭିତରେ ଫୁଟିଥିବା ପଦ୍ମ ସବୁଠୁ ବାଜେ ଫୁଲ!"

ଆମ ବିଶ୍ୱନିନ୍ଦୁକମାନଙ୍କ ଅବସ୍ଥା ଠିକ୍ ଏହିପରି। ସେମାନଙ୍କୁ ପଦ୍ମର ସୁରଭି ଆଘ୍ରାଣ କରିବା ଅପେକ୍ଷା ଅଧିକ ଭଲ ଲଗେ ପଙ୍କରେ ଘାଣ୍ଟିହେବା। କେବଳ ଏ କାଳରେ ନୁହେଁ, ସବୁ କାଳରେ ଏମାନେ ଏଇମିତି। ଚଉଦବର୍ଷର କଠୋର ବନବାସ ସାରି ରାଜା ରାମଚନ୍ଦ୍ର ଅଯୋଧ୍ୟା ରାଜ ସିଂହାସନରେ ପୁନରାଭିଷିକ୍ତ ହେଲା ପରେ ଥରେ କେଇଜଣ ପ୍ରଜାଙ୍କ ସହ କଥା ହେଉଥିଲା ବେଳେ ତାଙ୍କ ଅବର୍ତ୍ତମାନରେ ଭରତଙ୍କ ରାଜ୍ୟ ଶାସନ କେମିତି ଚାଲିଥିଲା ବୋଲି ଅବଲୀଳା କ୍ରମେ ପଚାରିଦେଲେ। ଉତ୍ତର ମିଳିଲା, "ସବୁ କିଛି ଏମିତି ସୁରୁଖୁରୁରେ ଚାଲିଥିଲା ଯେ, ଆପଣ ଅଯୋଧ୍ୟାରେ ନାହାନ୍ତି ବୋଲି ଆମେ ଆଦୌ ଅନୁଭବ କରିପାରୁ ନ ଥିଲୁ। ତେବେ କେବଳ ଗୋଟିଏ କଥାରେ ପ୍ରଜାମାନଙ୍କର ମନ ଉଣା ହୋଇ ଯାଉଥିଲା।" ସେଇ କଥାଟି କ'ଣ ବୋଲି ଜାଣିବାକୁ ରାଜା ରାମ ଆଗ୍ରହ ପ୍ରକାଶ କରନ୍ତେ ପ୍ରଜା ଜଣକ ଇତସ୍ତତଃ ହୋଇ କହିଲେ, "କଥା ହେଲା, ଆପଣଙ୍କ ଅବର୍ତ୍ତମାନରେ ରାଜା ଭରତ ଅତ୍ୟନ୍ତ ସରଳ ଓ ନିରାଡ଼ମ୍ବର ଜୀବନଯାପନ କରୁଥିବାରୁ ରାଜକୀୟ ଖାଦ୍ୟ ପରିବର୍ତ୍ତେ ଅତି ସାଧାରଣ ଖାଦ୍ୟ ଗ୍ରହଣ କରୁଥିଲେ ଓ ସେଥିପାଇଁ ନିତିଦିନ ଲୋଡ଼ା ପଡୁଥିଲା ତାଙ୍କର ସବୁଠୁ ପ୍ରିୟ ଖାଦ୍ୟ କାନସିରି ଶାଗ। ରାଜ୍ୟର ପ୍ରତ୍ୟେକ ପ୍ରାନ୍ତରୁ ତାଙ୍କ ପାଇଁ କାନସିରି ଶାଗ ସଂଗୃହୀତ ହୋଇ ପାକଶାଳାକୁ ଆସୁଥିବାରୁ ପ୍ରଜାମାନେ ସର୍ବସୁଖରେ ଥିଲେ ବି ଟିକେ କାନସିରି ଶାଗ ଖାଇବାକୁ ପାଉ ଥିଲେ।" ଏପରି ଅଜବ ଅଭିଯୋଗ ଶୁଣି ରାମ ସେତେବେଳେ ତଟସ୍ଥ ହୋଇଥିଲେ କି ନାହିଁ କେଜାଣି, କିନ୍ତୁ ସେକାଳରୁ ଏକାଳଯାଏ ପ୍ରାପ୍ତିର ପ୍ରାଚୁର୍ଯ୍ୟକୁ ପ୍ରଶଂସା କରିବାଠାରୁ ଅପ୍ରାପ୍ତିର ଅସନ୍ତୋଷକୁ ପ୍ରକାଶ କରୁଥିବା ବିଶ୍ୱନିନ୍ଦୁକଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି।

ପ୍ରଜ୍ଞାନିଳୟ, ବିଦ୍ୟାପତି ନଗର, ଚକେଇସିହାଣି, ଭୁବନେଶ୍ୱର-୧୦, ମୋ: ୮୮୯୫୬୨୪୧୦୫

# ପୋଷାକ ଏବଂ ବିବାଦ



ରୁଦ୍ର ପ୍ରସନ୍ନ ରଥ

ସାଧାରଣତଃ ପୋଷାକ ଏବଂ ସୌନ୍ଦର୍ଯ୍ୟ ପାଇଁ ଚର୍ଚ୍ଚାରେ ରହିବାକୁ ଭଲ ପାଉଥିବା ମହିଳାମାନେ ଏବେ ପୋଷାକକୁ ନେଇ ଭିନ୍ନ ଏକ କାରଣ ପାଇଁ ବିବାଦରେ। କଥା କ'ଣ କି ନିକଟରେ ଉତ୍ତରାଖଣ୍ଡର ନୂଆ କରି ମୁଖ୍ୟମନ୍ତ୍ରୀ ହୋଇଥିବା ତିରଥ ସିଂ ରାୱତ ମହିଳାଙ୍କର ପୋଷାକକୁ ନେଇ ଏକ ଅରୁଚିକର ମନ୍ତବ୍ୟ ଦେଇ ଚର୍ଚ୍ଚାକୁ ଆସିଛନ୍ତି। ରାୱାତଙ୍କ କହିବା କଥା ହେଲା ରିପ୍ପଡ୍ ଜିନ୍ସ ବା ଫଟା ଜିନ୍ସ ପିନ୍ଧୁଥିବା ମହିଳାମାନେ ଅନ୍ୟମାନଙ୍କ ପାଇଁ ଏକ ଭଲ ଉଦାହରଣ ସୃଷ୍ଟି କରନ୍ତି ନାହିଁ। ଏପରି ତଥ୍ୟ ରାୱତ କେଉଁଠୁ ପାଇଲେ ସେ ଜାଣିଥିବେ, ମାତ୍ର ଏହା ଯେ ଏକ ଅରୁଚିକର ଏବଂ ମହିଳା ବିରୋଧୀ ମନ୍ତବ୍ୟ ସେଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଝିଅ ପିଲା କ'ଣ ପିନ୍ଧିବ, କେତେବେଳେ ପିନ୍ଧିବ ଆଉ କାହିଁକି ପିନ୍ଧିବ ତାହାର ନିଷ୍ପତ୍ତି ସେ ନିଜେ ନେବାପରି ପ୍ରତୀୟମାନ ହୁଏ ସତ, କିନ୍ତୁ ପ୍ରକୃତରେ ତାହାର ପୋଷାକର ରଙ୍ଗ ଆଉ ଆକାର ପ୍ରକାର ତା' ଅଲକ୍ଷ୍ୟରେ ତାକୁ ଘେରି ରହିଥିବା ପୁରୁଷ ସମାଜ ହିଁ ନିୟନ୍ତ୍ରଣ କରନ୍ତି। ଅନେକ କ୍ଷେତ୍ରରେ ଆମ ସମାଜର ଏହି ଚଳଣିକୁ ମହିଳାମାନେ ମୁଣ୍ଡପାତି ସହି ନେବାର ମଧ୍ୟ ଦେଖାଯାଇଛି। କେତେବେଳେ ତା'ର ଶାଢ଼ିର ରଙ୍ଗ ପୁରୁଷଙ୍କ ଶସ୍ତା ଆଲୋଚନାର ପରିଧିକୁ ପଶି ଆସିଛି ତ ଆଉ କେତେବେଳେ ପୁରୁଷର ଇଚ୍ଛାରେ ଯଦି ମହିଳାଜଣକ ନିଜର ରୂପସଜ୍ଜାକୁ ନିୟନ୍ତ୍ରିତ ନ କରିଛି ସେ 'ଚରିତ୍ରହୀନା'ର କୁଟିଳ ବନ୍ଧନୀରେ ବାନ୍ଧି ହୋଇଛି। ଅତଏବ୍ ପୋଷାକ ପାଇଁ ନାରୀ ବିବାଦକୁ ଅନେକ ସମୟରେ ଟାଣି ହୋଇଛି ଆଉ ଏଥିପାଇଁ ସେ ଦାୟୀ ନୁହେଁ। ବରଂ ଏ ବିବାଦକୁ ତାକୁ ପୁରୁଷମାନେ ହିଁ ଟାଣିଛନ୍ତି।

ଏକ ବିଂଶ ଶତାବ୍ଦୀରେ ନାରୀ ପୁରୁଷ ସହ ତାଳ ଦେଇ କାମ କରୁଛି। ଯୁଦ୍ଧକ୍ଷେତ୍ରରେ ବିମାନ ଉଡ଼ାଇବାଠାରୁ ଆରମ୍ଭ କରି କ୍ଷେତରେ ଟ୍ରାକ୍ଟର ଚଳାଇବାଯାଏ ସମସ୍ତକାମ ନାରୀ କରିପାରୁଛି। ଏପରି କ୍ଷେତ୍ରରେ ସେ ସେପରି ପୋଷାକ ପିନ୍ଧିବା ଦରକାର, ଯାହା ତାକୁ ସୁରକ୍ଷା ପ୍ରଦାନ କରିବା ସହ ସୁଖ ବି ପ୍ରଦାନ କରୁଥିବ। ପୋଷାକ ଏପରି ହେବା ଉଚିତ ଯାହା ତାକୁ ଆତ୍ମବିଶ୍ୱାସୀ କରାଇବା ସହ ତାକୁ କାମ କରିବାକୁ ପ୍ରେରଣା ଦେଉଥିବ। ପୋଷାକ ପିନ୍ଧିବାରେ ନାରୀକୁ ମଧ୍ୟ ସେଭଳି ସୁଯୋଗ ମିଳିବା ଦରକାର। ମୋଟ୍ ଉପରେ ପୋଷାକ ନାରୀ ପାଇଁ ବରଦାନ ହେବା କଥା ଅଭିଶାପ ନୁହେଁ। ପୁରୁଷକୁ ଖରାପ ଲାଗିବ ବୋଲି ନାରୀ ନିଜକୁ ସୁହାଉଥିବା ପୋଷାକ କାହିଁକି ପିନ୍ଧିବ ନାହିଁ?

ପୋଷାକର ବିକାଶ ସମୟ ସହ ତାଳ ଦେଇ ବଦଳିଛି। କାଲି ଯେଉଁ ମଣିଷ ବଣରେ ରହି ବଲ୍କଳ ପରିଧାନ କରୁଥିଲା ସେ ଆଜି ଜିନ୍ସ ପ୍ୟାଣ୍ଟ ପିନ୍ଧୁଛି। ଏହା ପୂର୍ବରୁ ପୁରୁଷ ମଧ୍ୟ ଲେଙ୍ଗୁଟି, କଉପୁନୀଠାରୁ ଆରମ୍ଭ କରି ବେଶ୍ କିଛି ଶତାବ୍ଦୀଯାଏ ମଣିଷ ଧୋତି ପଞ୍ଜାବୀ ପିନ୍ଧୁଥିଲା। ପରିବର୍ତ୍ତନଶୀଳ ସମାଜରେ ମଣିଷର ପୋଷାକର ଏହି ପରିବର୍ତ୍ତନ ଦେଖାଦେଇଛି। ମଣିଷ ଏହାକୁ ସ୍ୱୀକାର କରିଛି ମଧ୍ୟ। ଅନେକ ସ୍ଥାନରେ ମଣିଷ ସାମାଜିକ ଏବଂ ସଂସ୍କୃତିଗତ କାରଣ ପାଇଁ ଏହି ପରିବର୍ତ୍ତନକୁ ନିଜର କରିବାକୁ ବାଧ୍ୟ ହୋଇଛି। ବେଲ୍ ବଟନ ପ୍ୟାଣ୍ଟ ମଣିଷର ଅଲକ୍ଷ୍ୟରେ ଟିପା ପ୍ୟାଣ୍ଟ ହୋଇଯାଇଛି। ଫୁଲ୍ ଶାର୍ଟ ବଦଳିଯାଇ ଟି- ଶାର୍ଟ ହୋଇଯାଇଛି। ଏ ନେଇ ପୁରୁଷଙ୍କୁ କେବେ କେହି ପ୍ରଶ୍ନ କରିବା ତ ଦୂରର କଥା ତାକୁ କେହି ପ୍ରଶ୍ନିଳ ଦୃଷ୍ଟିରେ ମଧ୍ୟ ଚାହିଁ ନାହାନ୍ତି। ଅଥଚ ମହିଳାମାନେ ଫଟା ଜିନ୍ସ ପିନ୍ଧିବା କଥା ଉଠିଲାମାତ୍ରେ ବିବାଦର ଢେଉ ମାଡ଼ି ଆସେ । ଆଉ ମହିଳାମାନଙ୍କୁ ହିଁ ଏହା ସପକ୍ଷରେ କାରଣ ଦର୍ଶାଇବାକୁ ପଡ଼େ।

ତେବେ ନାରୀଙ୍କ ପାଇଁ ଏତେ ପ୍ରଶ୍ନ ଏତେ ବିବାଦ କାହିଁକି? ଏହାର ଗୋଟିଏ କାରଣ ହେଉଛି ନାରୀଙ୍କ ପାଇଁ ତିଆରି ହୋଇଥିବା ମାନଦଣ୍ଡଟି ପୁରୁଷ ହିଁ ତିଆରି କରିଛି ଏବଂ ଏହା ଗୋଟିଏ ଅନମନୀୟ ଆଭିମୁଖ୍ୟ ଉପରେ ପର୍ଯ୍ୟବସିତ। ଆଉ ପୁରୁଷର ବଦ୍ଧମୂଳ ଧାରଣା ହେଉଛି ଯେ ନାରୀର ପୋଷାକ ତା' ଚରିତ୍ର ଏବଂ ଗୁଣର ବାର୍ତ୍ତାବହ। ଅବଶ୍ୟ ଏସବୁ ଅଣନିଃଶ୍ୱାସୀ କଳାପରି କଥା ଭିତରେ ଆମେ ଅନେକ ପରିବାରକୁ ଦେଖି ଯେ ଯେଉଁଠି ମହିଳାଙ୍କୁ ପୋଷାକ ପିନ୍ଧିବାରେ ସ୍ୱାତନ୍ତ୍ର୍ୟ ଏବଂ ସୁଯୋଗ ଦିଆଯାଏ ଏବଂ ସେପରି ପରିବାରରେ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ବେଶ୍ ଆଗକୁ ଯାଇଛନ୍ତି। ତେବେ ଶାଢ଼ି ପିନ୍ଧି କ'ଣ ମହିଳାମାନେ ଆଗକୁ ଯାଇପାରିବେ ନାହିଁ କି? ଆଗକୁ ଯିବା ପାଇଁ କ'ଣ ଛୋଟ ପୋଷାକ ପିନ୍ଧିବା ନିହାତି ଆବଶ୍ୟକ? ପରୀ ଯୁକ୍ତି ଆଗରେ ସେପରି ପରିବାର ଏବଂ ତା'ର ସଦସ୍ୟମାନେ ସାଧାରଣତଃ ଚୁପ୍ ରହିବାକୁ ଉଚିତ ମନେକରନ୍ତି। କାରଣ ଏପରି ଯୁକ୍ତିର ଉତ୍ତର କେବଳ ସେମାନଙ୍କ ପାଖରେ ନୁହେଁ ବରଂ ଅନ୍ୟ କାହା ପାଖରେ ନାହିଁ ବୋଲି ଅନେକେ ବିଶ୍ୱାସ କରନ୍ତି।

ନିଜର ରୁଚି ଆଉ ଶାଳୀନତାକୁ ନେଇ ଭାରତୀୟ ମହିଳାମାନେ ଏତେ ସଚେତନ ଯେ ସେମାନେ ନିଜ ପାଇଁ କେଉଁଟି ଶ୍ଳୀଳ ଏବଂ କେଉଁଟି ଅଶ୍ଳୀଳ ତାହା ସହଜରେ ସେମାନେ ଜାଣି ପାରନ୍ତି। କିଛି ନ ହେଲେ ଏନେଇ ସେମାନଙ୍କୁ ସହାୟତା ଏବଂ ପରାମର୍ଶ ଦେବାକୁ ସେମାନଙ୍କର ବାପାମା' ଏବଂ ଅସଂଖ୍ୟ ବନ୍ଧୁବାନ୍ଧବ ଅଛନ୍ତି। ଏକବିଂଶ ଶତାବ୍ଦୀରେ ଯେତେବେଳେ ନାରୀ ସ୍ୱାଧୀନତାର କଥା ଉଠୁଛି ସେତେବେଳେ ତାଙ୍କୁ ନିଜ ମନମୁତାବକ ପୋଷାକ ପିନ୍ଧିବାର ସୁଯୋଗ ଦେବା ହିଁ ଏହି ସ୍ୱାଧୀନତାର ପ୍ରଥମ ପାହାଚ ହେବା କଥା; ଯାହା ସେମାନଙ୍କୁ ଭଲ ଲାଗୁଛି, ଯାହା ପସନ୍ଦ ଆସୁଛି ତାହାର ସୁଯୋଗ ସେମାନଙ୍କୁ ପ୍ରଥମେ ମିଳିବା ଉଚିତ। ଏପରି କଲେ ଆମେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରିପାରିବା।

ଧବଳଗିରି, ଯାଜପୁର ରୋଡ
ମୋ:୭୯୭୮୬୭୧୭୭୬

## ଏଇ ଭାରତରେ

ବହୁ ପ୍ରକାର ଇଲେକ୍ଟ୍ରିକ ବାଇକ୍ କଥା ଶୁଣିଛନ୍ତି, କିନ୍ତୁ ହାଇଦ୍ରାବାଦର ହର୍ଷବର୍ଦ୍ଧନ କାବୁମାଲାଙ୍କ ଦ୍ୱାରା ନିର୍ମିତ ଲାଇଟୱେଟ ଇଲେକ୍ଟ୍ରିକ୍ ବାଇକ ସମ୍ପୂର୍ଣ୍ଣ ଭିନ୍ନ। 'ୟୁଟନ ଏନର୍ଜିଆ' ଷ୍ଟାର୍ଟ ଅପ ମାଧ୍ୟମରେ ସେ ଏହି ଇ-ବାଇକ ନିର୍ମାଣ କରିଛନ୍ତି। ଏହାର ନାମ ରଖିଛନ୍ତି 'ଫର୍ଟିଫାଇଭ'। ଏହାର ଦାମ ୩୦ ହଜାର ଟଙ୍କା। ଥରେ ଚାର୍ଜ କଲେ ୬୫ କିମି ଯାଉଛି ଓ ଚାର୍ଜ ପାଇଁ ୬ ଟଙ୍କା ଖର୍ଚ୍ଚ ହେଉଛି। ଅଫିସ କିମ୍ବା ଅନ୍ୟ କୌଣସି ସ୍ଥାନରେ ଏହାକୁ ୭୫ ମିନିଟ୍‌ରେ ପୂରା ଚାର୍ଜ କରାଯାଇପାରିବ। ହାଇକାର୍ବନ ଷ୍ଟିଲରେ ନିର୍ମିତ ଏହି ଇ-ବାଇକର ଓଜନ ୬.୮ କେଜି। କିନ୍ତୁ ୧୨୦ କେଜି ଓଜନ ବୋହି ଏହା ଚାଲି ପାରୁଛି। ଏହାର ସ୍ପିଡ୍ ରହିଛି ଘଣ୍ଟାକୁ ୧୭ କିମି। ଏହାକୁ ଚଳାଇବା ପାଇଁ ଲାଇସେନ୍ସ ଦରକାର ପଡୁନି। ଯେଉଁମାନେ ପ୍ରତିଦିନ କମ୍ ଦୂର ଯା'ଆସ କରୁଛନ୍ତି ସେମାନଙ୍କ ପାଇଁ ଏହି ବାଇକ୍ ବେଶ୍ ଉପଯୋଗୀ ବୋଲି କହନ୍ତି ହର୍ଷବର୍ଦ୍ଧନ। କାର୍ବନ ଷ୍ଟିଲରେ ନିର୍ମିତ ଫର୍ଟିଫାଇଭ ଇ-ବାଇକ ପାଇଁ ହର୍ଷବର୍ଦ୍ଧନ ଏବେ ୫୦ ୟୁନିଟ୍ ଅର୍ଡର ପାଇସାରିଲେଣି। ଏପ୍ରିଲ ୨୦୨୧ ଶେଷ ସୁଦ୍ଧା ଏହାକୁ ଗ୍ରାହକମାନଙ୍କୁ ଯୋଗାଇଦେବାର ଯୋଜନା କରିଛନ୍ତି 'ୟୁଟନ ଏନର୍ଜିଆ'ର ସିଇଓ ହର୍ଷବର୍ଦ୍ଧନ।

## ୨୫ ବର୍ଷ ତଳର ଧରିତ୍ରୀ

**୧୯ ଏପ୍ରିଲ ୧୯୯୬**

- ଦକ୍ଷିଣ ଲେବାନନ୍‌ର କାନାରେ ଅବସ୍ଥିତ ଶରଣାର୍ଥୀ ଶିବିର ଉପରେ ଇସ୍ରାଏଲ କମାଣ ବାହିନୀ ପକ୍ଷରୁ ଗୋଳାବର୍ଷଣ ଦ୍ୱାରା ୯୪ ମୃତ।
- ଦୋମିନଗଡ଼ ରେଳଷ୍ଟେସନ ନିକଟରେ ଦୁଇ ପାସେଞ୍ଜର ଟ୍ରେନ ଧକ୍କା ହେବା ଫଳରେ ୬୦ ଯାତ୍ରୀଙ୍କ ମୃତ୍ୟୁ।

## ପାଠକ ଶ୍ରେଷ୍ଠ ବିଚାରକ

### ବରିଷ୍ଠ ନାଗରିକଙ୍କୁ ଉପେକ୍ଷା

ମହାଶୟ,

ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ସେବା କ୍ଷେତ୍ରରେ ସହଜ ଓ ତ୍ୱରିତ ସେବା ଯୋଗାଇ ଦେବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ବାସ୍ତବରେ ଏହି ବ୍ୟବସ୍ଥା ବିଧିବଦ୍ଧ ଭାବେ କାର୍ଯ୍ୟକାରୀ ହେବା ପରିଲକ୍ଷିତ ହେଉନାହିଁ। ଡାକଘର, ବ୍ୟାଙ୍କ, ଚିକିତ୍ସାଳୟ ଆଦି ସ୍ଥାନରେ ବରିଷ୍ଠ ନାଗରିକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେକ କ୍ଷେତ୍ରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଉଦ୍ଦିଷ୍ଟ କାଉଣ୍ଟରରେ ସବୁ ବର୍ଗର ନାଗରିକ ଧାଡ଼ିବାନ୍ଧି ଭିଡ଼ ଜମାଉଛନ୍ତି। ସରକାରୀ ଡାକ୍ତରଖାନାରେ ଡାକ୍ତରଙ୍କ ସହ ସାକ୍ଷାତ୍ ବା ପରାମର୍ଶ ପାଇଁ ଅସମ୍ଭବ ଭିଡ଼ ମଧ୍ୟରେ ବରିଷ୍ଠ ନାଗରିକମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଠିଆ ହୋଇ ଅପେକ୍ଷା କରୁଛନ୍ତି। ବିଭାଗୀୟ ଅଧିକାରୀମାନେ ଏ ସବୁ ପ୍ରତି ଦୃଷ୍ଟି ଦେଇ ବରିଷ୍ଠ ନାଗରିକଙ୍କୁ ଉତ୍ତମ ଓ ତ୍ୱରିତ ସେବା ଉପଲବ୍ଧ କରାଇବା ପାଇଁ ଯତ୍ନବାନ୍ ହେବେ ବୋଲି ଆଶା କରାଯାଏ।

–ବସନ୍ତ କୁମାର ସୁନ୍ଦରାୟ, ମାଳିସାହି ଛକ, ଗୁରୁଜଙ୍ଗ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିରାଟ ନିର୍ଜୀବ ଆହେ ନିରୁପମ
ରୂପବାନ୍ ଧାତୁ!
ପ୍ରକଟିଲା ଧରା ପରେ ଜ୍ୟୋତି ତବ
ସେ କେଉଁ ପ୍ରଭାତୁଁ?
(ସୁନା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ହାଇଦର ଫେରାର ହୋଇଥିବା କାର୍ କଟକ ଅଣାଗଲା

କଟକ ଅଫିସ, ୧୮।୪

କଟକ ଏସ୍‌ସିବି ମେଡିକାଲରୁ ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର ଫେରାର ବେଳେ ବ୍ୟବହାର ହୋଇଥିବା କାର୍(ନଂ. ଓଡି୦୨ଏଏସ୍-୬୭୭୦)କୁ କମିଶନରେଟ୍ ପୋଲିସ ତେଲଙ୍ଗାନାରୁ ଓଡ଼ିଶା ଆଣିଛି। ରବିବାର ମଙ୍ଗଳାବାଗ ଥାନାରେ କାରଟିକୁ ରଖାଯାଇ ଅଧିକ ଖୋଳତାଡ ଜାରି ରହିଛି। ହାଇଦର ଏହି କାରରେ ଓଡ଼ିଶାରୁ ତେଲଙ୍ଗାନା ପଳାଇଥିଲେ। ବାଦାମବାଡି ଆଇଆଇସି ରଶ୍ମିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଗଠିତ ଟିମ୍ ତେଲଙ୍ଗାନା ଓ ହାଇଦ୍ରାବାଦ ପୋଲିସ ଟିମ୍ ସହାୟତାରେ ହାଇଦରଙ୍କୁ ଗୁରୁବାର ସନ୍ଧ୍ୟାରେ ତେଲଙ୍ଗାନାର ସାଙ୍ଗାରେଡ୍ଡୀ ଜିଲା ଜାହିରାବାଦ ଅଞ୍ଚଳରୁ ଗିରଫ କରିଥିଲା। ଶୁକ୍ରବାର ତାଙ୍କୁ ବିମାନରେ ଭୁବନେଶ୍ୱର ଅଣାଯିବା ପରେ ଅପରାହ୍ନରେ କଟକ ଜେଏମ୍ଏଫସିରେ ହାଜର କରାଯାଇଥିଲା। ଏହାପରେ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଥିଲା। ହେଲେ ଉକ୍ତ କାର ତେଲଙ୍ଗାନା ପୋଲିସ ହେପାଜତରେ ରହିଥିଲା। ଏହି କାର ଲିଙ୍କ୍‌କୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। ଉକ୍ତ କାର୍‌କୁ ତାଙ୍କ ପୁଅ ଅଜ୍ଜୁ ଯୋଗାଡ କରିଥିବା ମଙ୍ଗଳାବାଗ ଥାନା ଅଧିକାରୀ ଅମିତାଭ ମହାପାତ୍ର କହିଛନ୍ତି। କାର୍‌ଟି ଯେଉଁ ଅଞ୍ଚଳ ଦେଇ ଯାଇଥିଲା ସେଠାକାର ସିସିଟିଭି ଫୁଟେଜ ପୋଲିସ ଯାଞ୍ଚ କରିଥିଲା। ଯାଞ୍ଚବେଳେ କାର୍ ସମ୍ପର୍କରେ ପୋଲିସ ସୁରାକ ପାଇଥିଲା। ପରେ ଏହି ଗାଡି ନମ୍ବର ଟ୍ରାକ୍ କରି ପୋଲିସ ହାଇଦର ପାଖରେ ପହଞ୍ଚି ପାରିଥିଲା। ଏହି କାର୍ ଖୋର୍ଦ୍ଧାର ତ୍ରିଲୋଚନ ସାହୁଙ୍କ ନାମରେ ଭୁବନେଶ୍ୱର ଆରଟିଓ-୧ରେ ପଞ୍ଜୀକୃତ ହୋଇଥିବା ଜଣାପଡିଛି। ତ୍ରିଲୋଚନ ସାହୁ କିଏ ଓ ତାଙ୍କର ହାଇଦରଙ୍କ ସହ କିପରି ସମ୍ପର୍କ ତାହାକୁ ନେଇ ପୋଲିସ ଖୋଳତାଡ ଆରମ୍ଭ କରିଛି। ତ୍ରିଲୋଚନଙ୍କୁ ଧରି ପଚରାଉଚରା କରାଯିବା ପରେ ଘଟଣା ସମ୍ପର୍କରେ ଜଣାପଡିବ। ଏହି କାରର ଡ୍ରାଇଭରଙ୍କୁ ମଧ୍ୟ ପୋଲିସ ଖୋଜୁଛି। ସେହିପରି ହାଇଦର ଫେରାର ହେବାରେ ବ୍ୟବହୃତ ବାଇକ୍ ସମ୍ବନ୍ଧରେ ଜାଣିବା ପାଇଁ ତଦନ୍ତ ଜାରି ରଖିଛି।

ହାଇଦର ଫେରାର ହେବାରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ଦିଗରେ ପୋଲିସ ଖୋଳତାଡ ଚଳାଇଛି। ଏହି ଘଟଣାରେ ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳର ଅର୍ଚ୍ଚନା ପରିଡ଼ା, କେନ୍ଦ୍ରାପଡା ଅଞ୍ଚଳର ଶେଖ୍ ରୈସୁଦ୍ଦିନ୍ ଓ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ଟିଣପିଟା ସାହିର ଶେଖ୍ ଇମ୍ରାନ୍‌ଙ୍କୁ ଶନିବାର ମଙ୍ଗଳାବାଗ ପୋଲିସ ଗିରଫ କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ଦୁଇ ଯୁବତୀଙ୍କୁ ପୋଲିସ ଜେରା କରୁଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଡିସିପି ପ୍ରତୀକ୍ ସିଂ କହିଛନ୍ତି।


ବ୍ୟବହୃତ କାର୍।

## ହାଇଦର ଲିଙ୍କ୍‌ରେ ଆଲବମ୍ ଅଭିନେତ୍ରୀ

କଟକ ଅଫିସ/ଭୋଗରାଇ, ୧୮।୪(ଡି.ଏନ.ଏ.)

**ମୋ ଝିଅକୁ ଫସାଇ ଦିଆଯାଇଛି**

ହାଇଦର ଗିରଫ ହେବା ପରେ ପୋଲିସ ଅନେକ ତଥ୍ୟ ହାସଲ କରିବାରେ ଲାଗିପଡିଛି। ହାଇଦର ଅପରାଧ ସାମ୍ରାଜ୍ୟ ନେଟ୍‌ୱର୍କରେ ରହିଛନ୍ତି ଏକାଧିକ ଯୁବତୀ। ସେମାନଙ୍କ ମଧ୍ୟରେ ଅଛନ୍ତି ଆଲବମ୍ ଅଭିନେତ୍ରୀ ତଥା ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳର ଅର୍ଚ୍ଚନା ପରିଡ଼ା। ପୋଲିସ ତାଙ୍କୁ ଗିରଫ କରିଛି। ସେ ହାଇଦରଙ୍କୁ ଦେଖା କରିବାକୁ ଏସ୍‌ସିବିକୁ ଏକାଧିକ ଥର ଆସିଛନ୍ତି। ଏପରି କି ହାଇଦରଙ୍କ ପୁଅ ସହିତ ସମ୍ପର୍କ ରହିଥିବା ମଙ୍ଗଳାବାଗ ଆଇଆଇସି ଅମିତାଭ ମହାପାତ୍ର କହିଛନ୍ତି। ସେ ବିଭିନ୍ନ ଆଲବମ୍‌ରେ ଅଭିନୟ କରିବାବେଳେ ହାଇଦରଙ୍କ ସହ ତାଙ୍କର କିପରି ସମ୍ପର୍କ ଗଢି ଉଠିଥିଲା ତାହାକୁ ନେଇ କମିଶନରେଟ ପୋଲିସ ତଦନ୍ତ ଜାରି ରଖିଛି। ତେବେ ଅର୍ଚ୍ଚନା ହାଇଦର ଲିଙ୍କ୍‌ରୁ ଆଲବମ୍‌ରେ କାର୍ଯ୍ୟ କରୁଥିଲେ ନା ହାଇଦରଙ୍କ ଆର୍ଥିକ ସହଯୋଗରେ ସେ ଆଲବମ୍ ଦୁନିଆକୁ ଆସିଥିଲେ ତାହାର ତଦନ୍ତ କରାଯିବ ବୋଲି ପୋଲିସ କହିଛି।

ଏ ସମ୍ପର୍କରେ ଅର୍ଚ୍ଚନାଙ୍କ ବାପା କହିଛନ୍ତି, ତାଙ୍କ ଝିଅ ଭୁବନେଶ୍ୱରରେ ଚାକିରି କରିବା ପାଇଁ କେନ୍ଦ୍ରାପଡା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଯାଇଥିଲେ। ୧୦ ତାରିଖରେ ସେ ଘରକୁ ଫୋନ୍ କରି କଥା ହୋଇଥିଲେ। ସେହିଦିନଠାରୁ ସେ ଆଉ ଫୋନ୍ କରିନାହାନ୍ତି। ଝିଅର ମାନସିକ ସ୍ଥିତି ଠିକ୍ ନ ଥିବାରୁ ତାକୁ ଫସାଇ ଦିଆଯାଇଛି ବୋଲି ବାପା କହିଛନ୍ତି।

# ବେଆଇନ ଇଟାଭାଟି ଉପରେ ଏନ୍‌ଜିଟି ଛାଟ

ଜଳେଶ୍ୱର,୧୮।୪(ଡି.ଏନ.ଏ.)

**ତଦନ୍ତ କରୁଛି ମିଳିତ କମିଟି**

ଦୀର୍ଘ ୩୦ବର୍ଷ ଧରି ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ସୁବର୍ଣ୍ଣରେଖା ନଦୀପଠାରୁ ବେଆଇନ ବାଲି ଉତ୍ତୋଳନ ହୋଇ ଅବାଧରେ ଚାଲାଣ ହୋଇଆସୁଥିଲା। ଏନ୍‌ଜିଟି (ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ) ରୋକ ଲଗାଇବା ପରେ ଏବେ ବାଲିଚାଲାଣ କିଛିମାତ୍ରାରେ ହ୍ରାସ ପାଇଛି। ବାଲି ପରେ ଏବେ ଏନ୍‌ଜିଟି ବେଆଇନ ଇଟାଭାଟି ଉପରେ ଅଙ୍କୁଶ ଲଗାଇଛନ୍ତି।

ଜଳେଶ୍ୱର ଅଞ୍ଚଳରେ ପ୍ରାୟ ୫୨ଟି ବେଆଇନ ଇଟାଭାଟି ଚାଲିଛି। ଇଟାଭାଟିଗୁଡ଼ିକ ନିକଟରେ ମନ୍ଦିର, ଶିକ୍ଷାନୁଷ୍ଠାନ, ଜନବସତି, ସ୍ୱାସ୍ଥ୍ୟକେନ୍ଦ୍ର ରହିଥିଲେ ମଧ୍ୟ ଖଣି ଆଇନ, ପରିବେଶ ଆଇନ ଓ ପ୍ରଦୂଷଣ ଆଇନକୁ ବେଖାତିର କରାଯାଉଛି। ଧୂଳି, ଧୂଆଁ ପ୍ରଦୂଷଣରେ ଅଣନିଃଶ୍ୱାସୀ ହେଉଛନ୍ତି ଜନସାଧାରଣ। ଗତ ୨୧।୯।୨୦୨୦ରେ ଏ ସମ୍ପର୍କରେ ଜଳେଶ୍ୱର ଅଞ୍ଚଳର କେତେଜଣ ବ୍ୟକ୍ତି ଜିଲାପାଳ ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେମାନେ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ନୂଆଦିଲ୍ଲୀସ୍ଥିତ ଏନ୍‌ଜିଟିର ପ୍ରିନ୍ସିପାଲ ବେଞ୍ଚରେ ଏକ ମାମଲା(ନଂ.୧୦୯/୨୦) ରୁଜୁ ହୋଇଥିଲା। ଗତ ମାର୍ଚ୍ଚ ୩ ତାରିଖରେ ଚେୟାରପର୍ସନ ଆଦର୍ଶ କୁମାର ଗୋଏଲ, ବିଚାରପତି ସିଓ କୁମାର ସିଂ ଓ ଏକ୍ସପର୍ଟ ମେମ୍ବର ନାଗିନ ନନ୍ଦ ଏହାର ଶୁଣାଣି କରିଥିଲେ। ନିର୍ଦ୍ଦେଶ ମୁତାବକ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ନରୋତ୍ତମ ବେହେରା, ପରିବେଶ ପ୍ରଦୂଷଣ ବୈଜ୍ଞାନିକ ଡ. ପ୍ରଦୀପ କୁମାର ନାୟକ, ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ଆର୍‌ଆଇ ମାନସ ବେହେରା ପହଞ୍ଚି ଇଟାଭାଟିର କାଗଜପତ୍ର ଯାଞ୍ଚ କରିଥିଲେ। କିନ୍ତୁ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଇଟାଭାଟି ବନ୍ଦ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ପୁଣି ଏନ୍‌ଜିଟି ନିର୍ଦ୍ଦେଶ ଅନୁସାରେ ବାଲେଶ୍ୱର ଜିଲାପାଳ, ଷ୍ଟେଟ୍ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି ଓ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡର କେତେଜଣ ସଦସ୍ୟ ଗତ ୧୬ତାରିଖରେ ଜଳେଶ୍ୱର ଅଞ୍ଚଳରେ ଗଢି ଉଠିଥିବା ଇଟାଭାଟିଗୁଡିକୁ ବୁଲି ଦେଖିଥିଲେ। ରିପୋର୍ଟ ଅନୁଯାୟୀ ଏନ୍‌ଜିଟିର ପରବର୍ତ୍ତୀ ଶୁଣାଣି ୨୦।୫।୨୧ରେ ହେବ ବୋଲି ସୂଚନା ମିଳିଛି। ଏନେଇ ସମସ୍ତ ଇଟାଭାଟି ମାଲିକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

**ଶ୍ରୀମନ୍ଦିର ହୁଣ୍ଡିରୁ**



୧୮.୦୪.୨୦୨୧
ଟଙ୍କା : ୨୯,୫୮୮
ସୁନା : ମିଳିନାହିଁ
ରୁପା : ମିଳିନାହିଁ

**ମନେ ପଡ଼ନ୍ତି**

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବେଣୁଧର ପୁରୀ (ବେଣୁ)**
CDA Sector-7, Cuttack
ତିରୋଧାନ: ୩୧।୦୩।୨୦୨୦
ତୁମେ ଆମକୁ ଅସହାୟରେ ଛାଡ଼ି ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ନୀତି, ଆଦର୍ଶ, ତ୍ୟାଗ, ଭଲ ପାଇବା, ଦିଗ୍‌ଦର୍ଶନ ଆମ ପାଇଁ ଅବିସ୍ମରଣୀୟ ଓ ପ୍ରେରଣାର ଉତ୍ସ ହୋଇ ରହିଯିବ। ତୁମ ପୂର୍ଣ୍ଣ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
—:ଶୋକସନ୍ତପ୍ତ:—
ସାନଭାଇ: ନାରାୟଣ, ରବୀନ୍ଦ୍ର, ସ୍ତ୍ରୀ, ମା', ପୁଅ: ବାପି, ମାନ, ବାପୁ, ଝିଅ: କଟ, ଇନୁ, ଜ୍ୱାଇଁ, ବନ୍ଧୁ, ନାତି, ନାତୁଣୀ, ପୁତୁରା ଏବଂ ପରିବାରବର୍ଗ।
ଧ-୨୦୫୪୭

# ୧୩ ଲକ୍ଷ ୭୫ ହଜାର ଉଠାଣ: ଜଣେ ଗିରଫ

**ବ୍ୟାଙ୍କରେ ଫୋନ୍ ନମ୍ବର ବଦଳାଇ ଠକେଇ**

ଏରସମା,୧୮।୪(ସ୍ୱ.ପ୍ର.)

ଏରସମା ଥାନା ଜିରାଇଲୋ ପଞ୍ଚାୟତ ବଡବେଲାରୀ ଗାଁର ଜଣେ ବ୍ୟାଙ୍କ ଗ୍ରାହକ ଠକେଇର ଶିକାର ହୋଇଛନ୍ତି। ସେ ହେଲେ ବଡ଼ବେଲାରୀ ଗ୍ରାମର ମୁରଲୀଧର ପ୍ରଧାନଙ୍କ ସ୍ତ୍ରୀ ଶରଳା। ଜଣେ ଯୁବକ ଚଞ୍ଚକତା କରି ତାଙ୍କ ଫିକ୍ସଡ୍ ଡିପୋଜିଟର ଫୋନ୍ ନମ୍ବର ବଦଳାଇ ଗୃହଋଣ ପାଇଁ ଆବେଦନ କରିବା ସହ ୧୩ ଲକ୍ଷ ୭୫ ହଜାର ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଯୁବକଙ୍କୁ ଶନିବାର ରାତିରେ ପୋଲିସ ଗିରଫ କରିଛି। ସେ ହେଲେ କୁଜଙ୍ଗ ଥାନା ପଙ୍କପାଳ ଗାଁର ଲିଙ୍କସନ ବିଶ୍ୱାଳ(୩୬)।

୨୦୧୦ରେ ଶରଳା ଏସ୍‌ବିଆଇ ଏରସମା ଶାଖାରେ ୩୦ଲକ୍ଷ ଫିକ୍ସଡ୍ ଡିପୋଜିଟ କରିଥିଲେ। କୌଣସସୂତ୍ରରୁ ଲିଙ୍କସନ ଏହା ଜାଣିପାରି ୧୨।୨।୨୧ରେ ଏସ୍‌ବିଆଇ ବ୍ୟାଙ୍କର ରାହାମା ଶାଖାକୁ ଯାଇ ଶରଳାଙ୍କ ଅଗୋଚରରେ ତାଙ୍କ ଫିକ୍ସଡ୍ ଡିପୋଜିଟରେ ଥିବା ମୋବାଇଲ ନମ୍ବରକୁ ବଦଳାଇ ନିଜ ମୋବାଇଲ ନମ୍ବର ସଂଯୁକ୍ତ କରି ଦେଇଥିଲେ। ପରେ ସେହି ଫିକ୍ସଡ୍ ଡିପୋଜିଟ ଟଙ୍କାରୁ ଅନ୍‌ଲାଇନ ମାଧ୍ୟମରେ ଗୃହ ନିର୍ମାଣ କରିବା ପାଇଁ ୨୨ଲକ୍ଷ ୫୦ ହଜାର ଟଙ୍କାର ଲୋନ ମଞ୍ଜୁର କରିନେଇଥିଲେ। ମୋବାଇଲ ନମ୍ବର ବଦଳ କରାଯାଇଥିବାରୁ ସମସ୍ତ ମେସେଜ ଲିଙ୍କସନଙ୍କ ପାଖକୁ ଆସିଥିଲା। ଏହାପରେ ପ୍ରଥମ କିସ୍ତିରେ ଲିଙ୍କସନ ୧୩ ଲକ୍ଷ ୭୫ ହଜାର ଟଙ୍କା ଉଠାଇ ନେଇଥିଲେ। ବ୍ୟାଙ୍କରୁ ମୋବାଇଲ୍ ଫୋନ୍‌ରେ ମେସେଜ ଆସିବା ବନ୍ଦ ହୋଇଯିବାରୁ ଶରଳା ସନ୍ଦେହ କରି ଏରସମା ଶାଖାକୁ ଆସି ବୁଝିବାପରେ ଘଟଣା ସମ୍ପର୍କରେ ଜଣାପଡ଼ିଥିଲା। ଏନେଇ ସେ ଥାନାକୁ ଯାଇ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ମାମଲା (ନଂ. ୮୯/୨୧) ରୁଜୁ ହୋଇଛି। ଏଥିସହ ଲିଙ୍କସନଙ୍କୁ ଗିରଫ କରାଯାଇ ୨ଲକ୍ଷ ଟଙ୍କା ଜବତ କରାଯାଇଛି ବୋଲି ଆଇଆଇସି ପ୍ରଶାନ୍ତ କୁମାର ମାଝି କହିଛନ୍ତି।

## ଶ୍ରୀମନ୍ଦିରରେ ସୁରକ୍ଷାକର୍ମୀଙ୍କ ରକ୍ତଛିଟା

ପୁରୀ ଅଫିସ, ୧୮।୪

**ମହାପ୍ରଭୁଙ୍କ ରୀତିନୀତିରେ ବିଭ୍ରାଟ**

ଶ୍ରୀମନ୍ଦିରରେ ବହୁ ବ୍ୟବଧାନରେ ପୁଣି ଅଘଟଣ ଦେଖିବାକୁ ମିଳିଛି। ରବିବାର ଶ୍ରୀମନ୍ଦିର ଭିତରକାଠ ନିକଟରେ ପଡ଼ିଛି ରକ୍ତ ଛିଟା। ଯାହାଫଳରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ଅନୁଷ୍ଠିତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ମନ୍ଦିର ପରିସରରେ କାର୍ଯ୍ୟରତ ୨ ଶ୍ରୀଜଗନ୍ନାଥ ଟେମ୍ପୁଲ ପୋଲିସ (ଜେଟିପି) ଗଙ୍ଗାଧର ପ୍ରଧାନ ଏବଂ ମନୋଜ ପାଣିଗ୍ରାହୀଙ୍କ ମଧ୍ୟରେ ଏକ ସାଧାରଣ କଥାକୁ ନେଇ ଉଚ୍ଚବାଚ୍ଚ ହୋଇଥିଲା। ଏପରିକି ଗଣ୍ଡଗୋଳ ପରିସ୍ଥିତି ହୋଇ ଉଭୟଙ୍କ ମଧ୍ୟରେ ମାରପିଟ ପର୍ଯ୍ୟନ୍ତ ଯାଇଥିଲା। ଗଙ୍ଗାଧରଙ୍କ ମାଡ଼ରେ ମନୋଜଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଫଳରେ ଶ୍ରୀମନ୍ଦିରରେ ମନୋଜଙ୍କ ରକ୍ତ ଛିଟା ପଡ଼ିଥିଲା। ପରେ ସ୍ଥାନୀୟ ସେବାୟତ ଓ ଅନ୍ୟ ସୁରକ୍ଷାକର୍ମୀମାନେ ମନୋଜଙ୍କୁ ମେଡିକାଲ ନେଇଥିଲେ।

ଉଲ୍ଲେଖ ଥାଉ କି, ମନୋଜ ଏବଂ ଗଙ୍ଗାଧର ଉଭୟ ଶ୍ରୀମନ୍ଦିର ବେହରଣ ଦ୍ୱାର ନିକଟରେ ନିୟୋଜିତ ଥିଲେ। ତେବେ ସାଧାରଣ କଥାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ରାଗିଯାଇ ଗଙ୍ଗାଧର ପାଖରେ ଥିବା ଏକ କାଠ ଫାଳିଆରେ ମନୋଜଙ୍କ ମୁଣ୍ଡକୁ ପିଟିବାରୁ ମୁଣ୍ଡ ଫାଟି ରକ୍ତ ପଡ଼ିଥିଲା। ତେବେ ମନୋଜଙ୍କ ମୁଣ୍ଡରେ ଏକାଧିକ ଷ୍ଟିଚ୍ ପଡ଼ିଛି। ଶ୍ରୀମନ୍ଦିର ମଧ୍ୟରେ ରକ୍ତ ଛିଟା ପଡ଼ିବାରୁ ମହାପ୍ରଭୁଙ୍କ ରୀତିନୀତିରେ ବିଭ୍ରାଟ ସୃଷ୍ଟି ହୋଇଥିଲା। ପରେ ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା। ଅନ୍ୟପଟେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଘଟଣାକୁ ଗୁରୁତ୍ୱର ସହ ନିଆଯାଇଥିବା ବେଳେ ତଦନ୍ତ ନେଇ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଶ୍ରୀମନ୍ଦିର ମଧ୍ୟରେ ଏଭଳି ବିଶୃଙ୍ଖଳା ଯୋଗୁ ନୀତିକାନ୍ତିରେ ଅହେତୁକ ବିଳମ୍ବ ହୋଇଛି। ପ୍ରାଥମିକ ତାଳ ଦେଇ ମହାସ୍ନାନ ଶେଷ କରାଯାଇଥିବା ବେଳେ ସମ୍ପୃକ୍ତ ୨ ଶ୍ରୀମନ୍ଦିର ପୋଲିସ କର୍ମଚାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ତଦନ୍ତ ସରିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାହୁ କହିଛନ୍ତି। ଅନ୍ୟପକ୍ଷରେ ସିଂହଦ୍ୱାର ଆଇଆଇସି ଗେଲି ସାହୁ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ପ୍ରାଥମିକ ସ୍ତରରେ ତଦନ୍ତ ସାରି ରିପୋର୍ଟ ଦେବା ପରେ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ପୂର୍ବତନ ବିଧାୟକ ବିବେକାନନ୍ଦ ମେହେରଙ୍କ ପରଲୋକ

ବଲାଙ୍ଗୀର ଅଫିସ, ୧୮।୪

ବଲାଙ୍ଗୀର ଜିଲା ପାଟଣାଗଡ଼ର ପୂର୍ବତନ ବିଧାୟକ ବିବେକାନନ୍ଦ ମେହେରଙ୍କ ଶନିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୯ବର୍ଷ ବୟସ ହୋଇଥିଲା। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଜନପ୍ରତିନିଧି ଭାବେ ତାଙ୍କ କାର୍ଯ୍ୟ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱର୍ଗତ ମେହେର ଦୀର୍ଘଦିନରୁ ଯକୃତଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଶନିବାର ହଠାତ୍ ତାଙ୍କର ଅବସ୍ଥା ଉଦ୍‌ବେଗଜନକ ହୋଇପଡ଼ିଥିଲା। ତାଙ୍କୁ ପାଟଣାଗଡ଼ ହସ୍ପିଟାଲ ନିଆଯାଇଥିଲା। ସେଠାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ନିଆଯାଉଥିବାବେଳେ ବାଟରେ ମୃତ୍ୟୁ ହୋଇଯାଇଥିଲା। ୧୯୭୭-୮୦ ଓ ୧୯୯୦-୯୫ ପର୍ଯ୍ୟନ୍ତ ସେ ଦୁଇଥର ପାଟଣାଗଡ଼ ବିଧାନସଭା ଆସନରୁ ଜନତା ଦଳ ଟିକେଟରେ ବିଜୟୀ ହୋଇଥିଲେ। ଏହି ସମୟରେ ସେ ପ୍ରଥମେ ଡେପୁଟି ଚିଫ୍‌ହ୍ୱିପ୍ ଓ ପରେ ଏଷ୍ଟିମେଟ୍ କମିଟି ଅଧ୍ୟକ୍ଷ ରହିଥିଲେ। ୧୯୮୦ ଦଶକରେ ବାଲ୍‌କୋ ହଟାଓ, ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନର ସେ ଜଣେ ସକ୍ରିୟ ସଦସ୍ୟ ରହିଥିଲେ। ତାଙ୍କର ତିନି ପୁଅ ଓ ଦୁଇ ଝିଅ, ଜ୍ୱାଇଁ ଅଛନ୍ତି। ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ପରଲୋକ ହୋଇଥିଲା। ବିଧାୟକ ମେହେରଙ୍କ ବିୟୋଗରେ ବହୁ ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବିଧାୟକ ନରସିଂହ ମିଶ୍ର, ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ପୂର୍ବତନ ବିଧାୟକ ତଥା ଗନ୍ଧମାର୍ଦ୍ଦନ ଆନ୍ଦୋଳନର ନେତା ପ୍ରଦୀପ ପୁରୋହିତ, ଚାଷୀନେତା ଯତି ପଧାନ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର କାର୍ଯ୍ୟକର୍ତ୍ତାମାନେ ଗଭୀର ଶୋକବ୍ୟକ୍ତ କରିଛନ୍ତି।



# ପିପିଲି ଉପନିର୍ବାଚନ ସମୀକରଣ ବଦଳିବା ଚର୍ଚ୍ଚା

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

- **ଆଜି ସାନି ନିର୍ବାଚନ ନେଇ ବିଧିବଦ୍ଧ ବିଜ୍ଞପ୍ତି**
- **ଅଜିତଙ୍କ ପରିବାରରୁ କଂଗ୍ରେସ କରିପାରେ ପ୍ରାର୍ଥୀ**
- **କୋଭିଡ୍ କଟକଣା ଉପରେ ସଭିଁଙ୍କ ନଜର**

କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ପରଲୋକ ପରେ ପିପିଲି ଉପନିର୍ବାଚନ ସ୍ଥଗିତ ରହିଥିଲା। ନିର୍ବାଚନ କମିଶନ ଆସନ୍ତା ମେ ୧୩ରେ ପିପିଲିରେ ଭୋଟ ହେବା ନେଇ ସାନି ତାରିଖ ଘୋଷଣା କରିଛନ୍ତି। ଉପନିର୍ବାଚନ ଲାଗି କଂଗ୍ରେସ ପକ୍ଷରୁ କାହାକୁ ପ୍ରାର୍ଥୀ କରାଯିବ ତାହା ଉପରେ ସଭିଙ୍କ ନଜର ରହିଛି। ବିଜେଡି ଏବଂ ଭାଜପା କିନ୍ତୁ ସେମାନଙ୍କ ପ୍ରଚାର ପୁଣିଥରେ ଆରମ୍ଭ କରିଦେଇଛନ୍ତି। ଅଜିତଙ୍କ ବିୟୋଗ ପରେ କିନ୍ତୁ ପିପିଲି ଉପନିର୍ବାଚନ ସମୀକରଣ ବଦଳିବା ଯଥେଷ୍ଟ ସମ୍ଭାବନା ରହିଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଘୋଷଣା ମୁତାବକ ଆସନ୍ତା ୨୬ରେ ନାମାଙ୍କନ ଦାଖଲ କରାଯିବ। ୨୭ରେ ପ୍ରାର୍ଥିପତ୍ର ଯାଞ୍ଚ ହେବ। ୨୯ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଲାଗି ସମୟ ଧାର୍ଯ୍ୟ ହୋଇଛି। ଏନେଇ ସୋମବାର ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ଆସନ୍ତା ୭ ଦିନ ମଧ୍ୟରେ କଂଗ୍ରେସ ନିଜର ପ୍ରାର୍ଥୀଙ୍କ ନାମ ଘୋଷଣା କରିବ। ଦଳ ଅଜିତଙ୍କ ପରିବାରରୁ କାହାରିକୁ ପ୍ରାର୍ଥୀ କରିବ କି ନାହିଁ, ତାହା ଗୁରୁତ୍ୱପୂର୍ଣ୍ଣ ବିଷୟ। ଅଜିତଙ୍କ ପରିବାରରୁ ଯଦି କିଏ ପ୍ରାର୍ଥୀ ହୁଅନ୍ତି, ତେବେ ଅନୁକମ୍ପାମୂଳକ ଭୋଟ ରହିବ, ଯାହାକୁ କଂଗ୍ରେସ ହାତଛଡା କରିବ ନାହିଁ ବୋଲି କୁହାଯାଉଛି। ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଅଜିତଙ୍କ ସ୍ତ୍ରୀଙ୍କୁ ପ୍ରାର୍ଥୀ କରିବା ସପକ୍ଷରେ ମତ ରଖିଛନ୍ତି। ସୁରେଶ କହିଛନ୍ତି ଯେ, ଅଜିତଙ୍କ ସ୍ତ୍ରୀ ଜଣେ ଉଚ୍ଚଶିକ୍ଷିତା ଏବଂ ଭଦ୍ର ମହିଳା। ତାଙ୍କ କଥାବାର୍ତ୍ତା ବହୁତ ଭଲ। ଆହୁରି ସେ ବେଶ୍ ଲୋକପ୍ରିୟ। ଅଜିତଙ୍କୁ ବ୍ୟବସାୟରେ ତାଙ୍କ ସ୍ତ୍ରୀ ସାହାଯ୍ୟ କରୁଥିଲେ। ତେଣୁ ତାଙ୍କୁ ପ୍ରାର୍ଥୀ କଲେ ଭଲ ହେବ ବୋଲି ସୁରେଶ ମତ ରଖିଛନ୍ତି। ଅଜିତଙ୍କ ପରିବାର ବ୍ୟତୀତ ଆଉ ୩ଜଣ ପ୍ରାର୍ଥୀ ହେବା ଲାଗି ଆଗ୍ରହୀ ଥିବା କଂଗ୍ରେସର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଏପ୍ରିଲ ୧୭ରେ ନିର୍ବାଚନ ହୋଇଥିଲେ ଯାହା ହୋଇଥାନ୍ତା, ମେ ୧୩ରେ ମଧ୍ୟ ତାହା ହିଁ ହେବ। ଏହି ଉପନିର୍ବାଚନରେ ଭାଜପା ସପକ୍ଷରେ ଫଳାଫଳ ଯିବ। କୌଣସି ପ୍ରକାର ଅନୁକମ୍ପା ଭୋଟ ପଡ଼ିବ ନାହିଁ। ଦୀର୍ଘଦିନ ଧରି ପିପିଲିବାସୀ ଅବହେଳିତ ହୋଇ ରହିଛନ୍ତି। ସେଠାରେ ଅରାଜକତା ଚାଲିଛି। ଅରାଜକତା ବିରୋଧରେ ଜନମତ ସୃଷ୍ଟି ହୋଇଛି। ପୂର୍ବ ଯୋଜନା ମୁତାବକ ଭାଜପା ସେଠାରେ କାର୍ଯ୍ୟ କରୁଥିବା ସେ କହିଛନ୍ତି। ସେହିପରି ବିଜେଡି ନେତା ସମୀର ଦାଶ କହିଛନ୍ତି ଯେ, ପିପିଲି ଲୋକଙ୍କ ସହ ବିଜେଡି ନେତାମାନେ ଯୋଡ଼ିହୋଇ ରହିଛନ୍ତି। ସେମାନଙ୍କ ସମସ୍ୟା ଏବଂ ବିଭିନ୍ନ ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ଦଳ କାର୍ଯ୍ୟକ୍ରମ ଜାରି ରଖିଛି। ପିପିଲିରେ ବିଜେଡି ନିଶ୍ଚିତ ବିଜୟୀ ହେବ ବୋଲି ସେ କହିଛନ୍ତି।

ମେ ୧୩କୁ ଉପନିର୍ବାଚନ ଘୁଞ୍ଚିଯିବା ପରେ ରାଜନୈତିକ ଦଳଗୁଡିକ କିପରି ନିଜର ରାଜନୈତିକ କାର୍ଯ୍ୟକ୍ରମ କରୁଛନ୍ତି ତାହା ଉପରେ ଲୋକଙ୍କ ନଜର ରହିବ। ଗୋଟିଏ ପଟେ ରାଜ୍ୟ ସରକାର କୋଭିଡ୍ ସ୍ଥିତିକୁ ନେଇ ନିୟମ କଡ଼ାକଡ଼ି କରୁଥିବାବେଳେ ରାତ୍ରି କର୍ଫ୍ୟୁ ଲଗାଇ ସାରିଛନ୍ତି। ତେଣୁ ଯଦି ପିପିଲି ଉପନିର୍ବାଚନରେ ରାଜନୈତିକ ଦଳଗୁଡିକ ନିୟମ ନ ମାନି ପ୍ରଚାର ପ୍ରସାର କରନ୍ତି, ତେବେ ଲୋକଙ୍କ ପାଖକୁ ଏକ ଖରାପ ବାର୍ତ୍ତା ଯିବ। ତେଣୁ ପିପିଲି ଉପନିର୍ବାଚନରେ କିଛି କଡ଼ାକଡ଼ି ନିୟମ ରହିବ ନା ସବୁକିଛି ଅଣଦେଖା କରି ରାଜନୈତିକ କାର୍ଯ୍ୟକ୍ରମ ଚାଲିବ ସେନେଇ ସଭିଁଙ୍କ ନଜର ରହିବ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Pratichi
ଏକ ପ୍ରତିଷ୍ଠିତ ଦୁଗ୍ଧ କାରଖାନା ପାଇଁ ଓଡ଼ିଶାର ପ୍ରତି ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ଯୋଗାଯୋଗ : ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲି., ପ୍ଲଟ ନଂ. ୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ
ମୋ.- ୯୮୫୩୦୦୩୩୧୭
Email ID: pratichidairyproducts@gmail.com

Indus Digilat Tower
ପ୍ରଥମ ଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 30,000,00/- ପାଆନ୍ତୁ ଓ ମାସକୁ ଭଡା 18,000/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ

R-102, Cyber Building, Bangalore, Karnataka-400021.
6396901850
7505488038

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣି

A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

ଖର୍ଚ୍ଚ ଋଣରୁ କଟିବ
KUBER FINANCE
ନ୍ୟାଶନାଲ ଆୱାର୍ଡ ଭାରତର ନଂ.1 କମ୍ପାନୀ
ଲୋନ୍

24 ଘଣ୍ଟାରେ ଘରେ ବସି ଲୋନ୍ ପ୍ରାପ୍ତ କରନ୍ତୁ
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
ଆଧାରକାର୍ଡ ଲୋନ୍, ଏଜୁକେଶନ ଲୋନ୍, ହୋମ୍ ଲୋନ୍, ପ୍ରପର୍ଟି ଲୋନ୍, ପର୍ସନାଲ ଲୋନ୍, ବିଜନେସ୍ ଲୋନ୍
1% ସୁଧ | 50% ଛାଡ଼
ମହିଳା, ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
076830-42752

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**OFFICE OF THE SUPERINTENDENT**
**CHC, BHAPUR, NAYAGARH**
**TENDER CALL NOTICE**
Adv. No. 01/21-22 Date: 19.04.2021
Sealed tenders are invited for engagement / empanellment / hiring of Vehicle details as given below:

| Sl. No. | Name of Programme | Type of Vehicle | Supplier by |
|---|---|---|---|
| 01 | Mobile Health Team (RBSK) | Hiring of Vehicle (MAX / BOLERO / MARSHAL / SUMO etc. | Registered Local Travel Agencies/ Individuals |

The detail regarding application format, terms and conditions may be downloaded from District website i.e. www.nayagarh.nic.in. The tenders should reach the office of the undersigned by 07.05.2021 (till 12.30 P.M.) on working day within office hours through courier, speed post or registered post only. The tenders will be opened at 10.00 A.M. on 10.05.2021. The undersigned reserves the right to reject any or all the tenders without assigning any reason thereof.
Sd./- SUPERINTENDENT, CHC, BHAPUR, NAYAGARH

**କେଜି ସୋମାନୀ ଇନ୍‌ସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ବିକ୍ରୟ ବିଜ୍ଞପ୍ତି**

**ପରିସମାପନଧୀନ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍**
**ଇ-ନିଲାମ ପାଇଁ ତାରିଖ ବୃଦ୍ଧି ସମ୍ବନ୍ଧୀୟ ବିଜ୍ଞପ୍ତି**

ଏତଦ୍ୱାରା ସମସ୍ତଙ୍କୁ ସୂଚିତ କରାଯାଉଛି ଯେ କରୋନା ମହାମାରୀର ଦ୍ୱିତୀୟ ଲହର କାରଣରୁ, ପରିସମାପନଧୀନ ମେସର୍ସ କେଭିକେ ନୀଳାଚଳ ପାୱାର ପ୍ରାଇଭେଟ୍ ଲିମିଟେଡ୍‌ର ଚାଲୁ ବ୍ୟବସାୟ ଭିତ୍ତିରେ ତଥା **"ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ", "ଯେପରି ଅଛି ଯାହା ଅଛି ଭିତ୍ତିରେ", "ସେଠାରେ ଯାହା ବି ଅଛି ଭିତ୍ତିରେ"**, ଏବଂ **"ବିନା ଅବଲମ୍ବନ ଭିତ୍ତିରେ"** ବ୍ୟବସାୟର ବିକ୍ରୟ ପାଇଁ ଇ-ନିଲାମ, ଯାହା **୧୯ ଏପ୍ରିଲ, ୨୦୨୧**ରେ ଅନୁଷ୍ଠିତ ହେବା ପାଇଁ ଧାର୍ଯ୍ୟ ହୋଇଥିଲା, ତାହାକୁ ବୃଦ୍ଧି କରାଯାଇଛି ଏବଂ ତାହା ଏବେ **ବୁଧବାର, ୫ ମେ, ୨୦୨୧** ଦିନ ଅନୁଷ୍ଠିତ ହେବ ଏବଂ ସେହି ଅନୁଯାୟୀ ଦସ୍ତାବିଜ ଏବଂ ଇଏମ୍‌ଡି ଦାଖଲର ଶେଷ ତାରିଖକୁ ବର୍ତ୍ତମାନ **ସୋମବାର, ୩ ମେ, ୨୦୨୧**କୁ ସଂଶୋଧନ କରାଯାଇଛି।
ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ସମାନ ଓ ଅପରିବର୍ତ୍ତିତ ରହିବ। ନିୟମ ଓ ସର୍ତ୍ତାବଳୀ ସମ୍ବଳିତ ଇ-ନିଲାମ ପ୍ରକ୍ରିୟା ସୂଚନା ଦସ୍ତାବିଜ ୱେବ୍‌ସାଇଟ୍: **www.kvknilachalpower.com, https://right2vote.in** ତଥା **www.kgsip.com**ରେ ମଧ୍ୟ ଉପଲବ୍ଧ।
କୌଣସି ସ୍ପଷ୍ଟୀକରଣ ପାଇଁ, ଆପଣ ନିମ୍ନ ସ୍ୱାକ୍ଷରକାରୀଙ୍କ ସହିତ **kvknilachalkgs2019@gmail.com**ରେ ଯୋଗାଯୋଗ ମଧ୍ୟ କରିପାରନ୍ତି।

ରାଜେନ୍ଦ୍ର ପ୍ରସାଦ ଟାକ - ପରିସମାପକ
ଆଇବିବିଆଇ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୫୨୬/୨୦୧୭-୧୮/୧୦୯୫୧
କେଜି ସୋମାନୀ ଇନସଲ୍‌ଭେନ୍ସି ପ୍ରଫେସନାଲ୍ସ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ୩/୧୫, ୪ର୍ଥ ମହଲା, ଅସଫ ଅଲି ରୋଡ୍, ନୂଆଦିଲ୍ଲୀ-୧୧୦୦୦୨,
ଇମେଲ୍ ଆଇଡି kvknilachalkgs2019@gmail.com,
ଯୋଗାଯୋଗ ନମ୍ବର: ୦୧୧-୪୧୪୨୬୨୬୨, ୦୧୧-୨୩୨୭୭୬୭୭, ୯୩୧୩୧୦୨୫୫୨

## ମାସ୍କ ଯାଞ୍ଚ, ଜରିମାନା ଆଦାୟ

ବାଲିଗୁଡ଼ା,(ଡି.ଏନ.ଏ.): ବାଲିଗୁଡ଼ା ଏନ୍ଏସିର ପାତ୍ର ସାହି ଓ ଟ୍ରେଜେରୀ କଲୋନୀରୁ ପଜିଟିଭ ଚିହ୍ନଟ ପରେ ସମ୍ପୃକ୍ତ ଅଞ୍ଚଳକୁ ପ୍ରଶାସନ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରିଛି। କନ୍ଧମାଳ ଜିଲାରେ ରାତ୍ରି କାଳୀନ କର୍ଫ୍ୟୁର ଦ୍ୱିତୀୟ ଦିନରେ ସହରରେ ମାସ୍କ ଚେକିଂ ଓ ସାମାଜିକ ଦୂରତାକୁ କଡ଼ାକଡ଼ି କରାଯିବା ସହ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଉଥିବା ଦେଖିବାକୁ ମିଳିଛି। ନାଇଟ କର୍ଫ୍ୟୁକୁ ସଫଳ କରିବାକୁ ରାତିସାରା ପୋଲିସ ଓ ପ୍ରଶାସନ ତରଫରୁ ପଇଁତରା ମାରି ଜନସାଧାରଣଙ୍କୁ ସଚେତନ କରାଯାଉଛି।

**ସଂକ୍ଷେପରେ**

## ଗଜପତି ଜିଲାରେ ୬୩ ପଜିଟିଭ୍

**ପାରଳାଖେମୁଣ୍ଡି, ୧୮।୪ (ଡି.ଏନ୍.ଏ.):** ଗଜପତି ଜିଲାରେ ରବିବାର ପୁଣି ୬୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିରେ ପାରଳାଖେମୁଣ୍ଡିରୁ ୩୧, ଗୋସାଣି ବ୍ଲକରୁ ୧୦, ଗୁମ୍ମା ବ୍ଲକରୁ ୩, କାଶୀନଗର ବ୍ଲକରୁ ୫, ମୋହନା ବ୍ଲକରୁ ୪, ନୂଆଗଡ଼ ବ୍ଲକରୁ ୩, ଆର. ଉଦୟଗିରି ବ୍ଲକରୁ ୩ ଓ ଆନ୍ଧ୍ର ପ୍ରଦେଶର ୪ ଜଣ ଅଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତ ସଂଖ୍ୟା ୪୩୩୫ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ପ୍ରେସ ବିବୃତି ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି। ସମସ୍ତ ଆକ୍ରାନ୍ତଙ୍କୁ ହୋମ୍ ଆଇସୋଲେଶନରେ ରଖାଯାଇଛି। ଅଧିକା ପଜିଟିଭ୍ ବାହାରୁଥିବା ଅଞ୍ଚଳକୁ ପ୍ରଶାସନ ତରଫରୁ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଉଛି।

## ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଜବତ

**ଆସିକା, ୧୮।୪ (ଡି.ଏନ୍.ଏ.):** ଗାଙ୍ଗପୁର ଥାନା ବୋରି ଗ୍ରାମ ଗୋମାତା ପୋଖରୀରୁ ରବିବାର ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ସେହି ଗ୍ରାମର ଭଗବାନ ବିଷୋୟୀ (୮୫)। ଭଗବାନ ଶନିବାର ଗ୍ରାମ ପୋଖରୀକୁ ସ୍ନାନ ଶୌଚ ଲାଗି ଯାଇଥିଲେ। ଗୋଡ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ପୋଖରୀ ତୁଠରେ ତାଙ୍କର ବଙ୍କୁଲିବାଡି ଓ ଗାମୁଛା ଦେଖି ବୁଡିଯାଇଥିବା ଅନୁମାନ କରାଯାଇଥିଲା। ଭଞ୍ଜନଗର ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜିଥିଲେ ମଧ କୌଣସି ପତ୍ତା ମିଳି ନ ଥିଲା। ରବିବାର ମୃତଦେହ ଭାସିବା ପରେ ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ସରକାରୀ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଗାଙ୍ଗପୁର ପୋଲିସ ନଂ. ୮/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସ୍କୁଟି-ବାଇକ୍ ମୁହାଁମୁହିଁ, ୨ ଗୁରୁତର

**ଗୋପାଳପୁର,୧୮।୪:** ଗୋଳନ୍ଥରା ଥାନା ଅନ୍ତର୍ଗତ ଦାସପୁର ନିକଟରେ ସ୍କୁଟି ଓ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ରବିବାର ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୋଲଥିଗାଁର ଆଲୋକ ପାତ୍ର ଓ ମନୋଜ ଜେନା। ଏହି ଥାନା ଅନ୍ତର୍ଗତ ଆଲୋକ ସ୍କୁଟିରେ କନିଷି ହାଟ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ମନୋଜ ବାଇକ୍ ସହ ଦାସପୁର ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ସାମାଜିକ କର୍ମୀ ନୀଳମାଧବ ପାତ୍ର ଓ ତାଙ୍କ ସାଙ୍ଗ ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମ୍‌କେସିଜିରେ ଭର୍ତ୍ତି କରିଥିଲେ। ଏ ନେଇ ଥାନାରେ କୌଣସି ଦୁର୍ଘଟଣା ମାମଲା ରୁଜୁ ହୋଇ ନ ଥିବା ପୋଲିସ କହିଛି।

## ଗଞ୍ଜାମ ବ୍ଲକରେ ୨ ପଜିଟିଭ୍

**ଗଞ୍ଜାମ,୧୮।୪(ଡି.ଏନ.ଏ.):** ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ସେଥିରୁ ଗଞ୍ଜାମ ବ୍ଲକର କୁଜିଡେପା ଗ୍ରାମରୁ ଜଣେ ଓ ହୁମ୍ମା ଅଞ୍ଚଳରୁ ଜଣେ ଏବଂ ବ୍ରହ୍ମପୁର ଅଞ୍ଚଳର ଆଉ ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ସରକାରୀ କର୍ମଚାରୀଙ୍କୁ ହେଡ୍‌କ୍ୱାର୍ଟର ଛାଡ଼ିବା ମନା

- ଜିଲାପାଳଙ୍କ ଅନୁମତି ନେବାକୁ ପଡିବ
- ଟେଲିମେଡିସିନ୍‌ରେ ଯୋଡି ହେଲେ ୨୦ ଡାକ୍ତର

**ଛତ୍ରପୁର,୧୮।୪(ଡି.ଏନ.ଏ)**

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲିଛି । ଏଭଳି ସମୟରେ ଜିଲାର ସରକାରୀ କର୍ମଚାରୀ ଓ ଅଧିକାରୀମାନେ ବିନା ଅନୁମତିରେ ହେଡକ୍ୱାର୍ଟର ଛାଡ଼ି ପାରିବେନି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲାପାଳ ଦର୍ଶାଇଛନ୍ତି ଯେ, ଏହି ମହାମାରୀ ସମୟରେ ଜିଲାର କେତେଜଣ ସରକାରୀ ଅଧିକାରୀ, କର୍ମଚାରୀ ସାପ୍ତାହିକ ଛୁଟି ଓ ଅନ୍ୟ ଛୁଟି ସମୟରେ ଭୁବନେଶ୍ୱର ଓ କଟକ ଯାଉଥିବା ଖବର ମିଳିଛି। ଘରୋଇ କାର୍ଯ୍ୟ ପାଇଁ ସେମାନେ ହେଡ୍‌କ୍ୱାର୍ଟର ଛାଡୁଥିବା ଯାଞ୍ଚ ବେଳେ ଜଣାପଡିଛି। ଅଯଥାରେ ହେଡକ୍ୱାର୍ଟର ଛାଡ଼ି ଅନ୍ୟ ସହରକୁ ଯିବା ଦ୍ୱାରା ସଂକ୍ରମଣ ବୃଦ୍ଧି ପାଇବା ସମ୍ଭାବନା ରହୁଛି। ସରକାରୀ କର୍ମଚାରୀ ଏପରି କଲେ ନିଜେ କରୋନା ସଂକ୍ରମିତ ହେବା ସହ ଅନ୍ୟମାନଙ୍କୁ ସଂକ୍ରମିତ କରି ଗଞ୍ଜାମର ସ୍ଥିତିକୁ ବିଗାଡ଼ିବେ। ତେଣୁ କୌଣସି ସରକାରୀ ଓ କର୍ମଚାରୀ ହେଡକ୍ୱାର୍ଟର ଛାଡିପାରିବେନି । ଅତି ଆବଶ୍ୟକ ପଡିଲେ ନିଜ ବିଭାଗୀୟ ମୁଖ୍ୟଙ୍କ ସୁପାରିଶପତ୍ର ସହ ଜିଲାପାଳଙ୍କ ଅନୁମତି ନେଇ ହେଡକ୍ୱାର୍ଟର ଛାଡ଼ିବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଏହାକୁ କେହି ଅବମାନନା କଲେ କାର୍ଯ୍ୟାନୁଷ୍ଠାନ ସହ ବିଭାଗୀୟ ପ୍ରୋସିଡି ଆରମ୍ଭ ହେବ ବୋଲି ଜିଲାପାଳ ସତର୍କ କରାଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ରବିବାର ଟୁଇଟ୍ ମଧ କରିଛନ୍ତି। ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ କରିବାକୁ ଡିଆଇଜି, ପିଡି, ୨ ଅତିରିକ୍ତ ଜିଲାପାଳ, ୩ ଉପଜିଲାପାଳଙ୍କ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟର ମୁଖ୍ୟଙ୍କୁ ଚିଠି ପଠାଯାଇଛି ।


Collector & District Magistrate, ...
@Ganjam_Admin
ଗଞ୍ଜାମ ଜିଲ୍ଲାର ସରକାରୀ କର୍ମଚାରୀଙ୍କୁ ସଦର ମହକୁମା ଛାଡିବା ମନା ହୋଇଛି
ଜରୁରୀ କାମ ଥିଲେ ବିଭାଗୀୟ ଅନୁମତି ଦରକାର
କଟକଣା ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ @CMO_Odisha
15:40 · 18 Apr 21 · Twitter for iPhone

ଜିଲାପାଙ୍କ ଟୁଇଟ୍

ସୂଚନାଯୋଗ୍ୟ, କରୋନା ସଂକ୍ରମଣ ରୋକିବା ପାଇଁ ଜିଲାର ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଜନସାଧାରଣ ନ ଆସିବାକୁ ଜିଲାପାଳ ପୂର୍ବରୁ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସରକାରୀ କାର୍ଯ୍ୟ ଓ ସମସ୍ୟା ସମାଧାନ ପାଇଁ ଜନସାଧାରଣ ମୋବାଇଲ୍ ନଂ.୯୪୩୭୫୬୩୮୦୦କୁ ଫୋନ୍ କରି ଜଣାଇପାରିବେ। ସଂକ୍ରମଣକୁ ରୋକିବା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା ଜିଲାପାଳ କହିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟର ମୁଖ୍ୟ ଫାଟକ ବନ୍ଦ ରହୁଛି । ସରକାରଙ୍କ ଘୋଷଣା ଅନୁଯାୟୀ ଶନିବାରଠାରୁ ଜିଲାର ସମସ୍ତ ୧୮ ସହରାଞ୍ଚଳରେ ରାତି ୯ରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରିକର୍ଫ୍ୟୁ ହେଉଛି। ସହରାଞ୍ଚଳରେ ପୋଲିସ ପକ୍ଷରୁ ମକ୍ ପାଟ୍ରୋଲିଂ ସହ କର୍ଫ୍ୟୁ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଛି ବୋଲଇ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ରବିବାର ଟୁଇଟ୍ କରି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବ୍ରହ୍ମପୁରରେ ଟେଲି ମେଡିସିନ୍ ବ୍ୟବସ୍ଥା ଆରମ୍ଭ ହୋଇଛି । ପଜିଟିଭ୍ ଥିବା ବ୍ୟକ୍ତି ମୋବାଇଲ୍ ଫୋନ୍ କିମ୍ବା ଭିଡିଓ କଲ୍ ଜରିଆରେ ଡାକ୍ତରଙ୍କ ପରାମର୍ଶ ନେଇପାରିବେ । ଏଥିସହ ସେମାନଙ୍କୁ କାଉନସେଲିଂ କରାଯିବ। ଆବଶ୍ୟକ ହେଲେ ମେଡିକାଲ ସେବା ଯୋଗାଇ ଦିଆଯିବ। ଟେଲି ମେଡିସିନ୍ ବ୍ୟବସ୍ଥାରେ ୨୦ ଜଣ ଅଭିଜ୍ଞ ତଥା ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଡି ହୋଇଥିବା ବ୍ରହ୍ମପୁର ମହାନଗର ନିଗମ କମିଶନର ଟୁଇଟ୍ କରି ସୂଚନା ଦେଇଛନ୍ତି।

## ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ବୁଗୁଡା,୧୮।୪(ଡି.ଏନ.ଏ.)**

ବୁଗୁଡା ବ୍ଲକ ଅନ୍ତର୍ଗତ ଚିଆପଲ୍ଲୀ, ନଗୁଡୁ, ଭୋଗଡ଼ା, ମାଣିତରା, ବେଠିଆବୋରଦା, ପୋଚାଲୁଣ୍ଡି, ରାମଗଡ଼ ଓ ମକରାପଲ୍ଲୀ ଆଦି ୮ ଗ୍ରାମରେ ଘରୋଇ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଧାୟକ ସମ୍ପୃକ୍ତ ଗ୍ରାମଗୁଡ଼ିକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ମଧ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମଗୁଡିକରେ ବୁଗୁଡ଼ା ବ୍ଲକ ଅଧକ୍ଷା ମାମି ସେନାପତି, ଉପାଧକ୍ଷ ଟୁକୁନା ସ୍ୱାଇଁ, ଜିଲା ପରିଷଦ ସଦସ୍ୟା ଭୁବନେଶ୍ୱରୀ ଖଟେଇ, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ବ୍ଲକ ବିଜେଡି ସଭାପତି ମଦନ ଗୋପାଳ ଦୋରା, ନଗର ସଭାପତି ରାଜେନ୍ଦ୍ର କୁମାର ପାଢ଼ୀ, ବିଧାୟକ ପ୍ରତିନିଧି କେ. ତ୍ରିଲୋଚନ ଦୋରା, ଗ୍ରାମ୍ୟ ଜଳ ପରିମଳ ବିଭାଗର ଏସ୍‌ଡିଓ ତୁଷାର କାନ୍ତ ସାହୁ, କନିଷ୍ଠ ଯନ୍ତ୍ରୀ ଏ. ରାମା ରାଓ, କିଶୋର ବେହେରା, କବିରାଜ ଗୌଡ଼, ମାନସ ରଞ୍ଜନ ପ୍ରଧାନ, ରବୀନ୍ଦ୍ର କୁମାର ପଣ୍ଡା, ବିଜୁଳି ଜେନାଙ୍କ ସମେତ ସମ୍ପୃକ୍ତ ପଞ୍ଚାୟତଗୁଡିକର ସମିତିସଭ୍ୟ ଓ ସରପଞ୍ଚମାନେ ଯୋଗଦେଇଥିଲେ।

# ଲାଗୁ ହେଲା ନାଇଟ୍ କର୍ଫ୍ୟୁ


ପାରଳାଖେମୁଣ୍ଡି ସହରରେ ଯାଞ୍ଚ କରୁଥିବା ପୋଲିସ କର୍ମଚାରୀମାନେ।

**ପାରଳାଖେମୁଣ୍ଡି,୧୮।୪(ଡି.ଏନ୍.ଏ.)**

ଗଜପତି ଜିଲାର ସହରାଞ୍ଚଳରେ ଶନିବାରଠାରୁ ରାତ୍ରିକାଳୀନ କର୍ଫ୍ୟୁ ଜାରି କରାଯାଇଛି। ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଯାତାୟାତ ବାରଣ କରାଯାଇଛି। ଏଥିପାଇଁ ଜିଲାର ସମସ୍ତ ପ୍ରବେଶ ପଥରେ ଚେକିଂ କଡ଼ାକଡ଼ି କରାଯାଇଛି। କିଛି ଜରୁରିକାଳୀନ ସେବା କ୍ଷେତ୍ରରେ ଲୋକଙ୍କୁ ଅନୁମତି ଦିଆଯାଇଥିବା ବେଳେ ଅମାନିଆଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। କର୍ଫ୍ୟୁରେ ପୋଲିସ ପାଟ୍ରୋଲିଂରେ ଏସ୍‌ପି ତପନ କୁମାର ପଟ୍ଟନାୟକ ଓ ପାରଳାଖେମୁଣ୍ଡି ଆଇଆଇସି ବିବେକାନନ୍ଦ ସ୍ୱାଇଁଙ୍କ ସମେତ ସମସ୍ତ ପୋଲିସ ଅଧିକାରୀ ସାମିଲ ହୋଇଛନ୍ତି। ତେବେ ଗୋଷ୍ଠୀ ସଂକ୍ରମଣରୁ ରକ୍ଷା କରିବା ପାଇଁ ସରକାରଙ୍କ ସମସ୍ତ ପଦକ୍ଷେପରେ ଜନସାଧାରଣ ସହଯୋଗ କରିବାକୁ ଏସ୍‌ପି ଅନୁରୋଧ କରିଛନ୍ତି।

## ସାମାଜିକ ଦୂରତା ମାନୁନାହାନ୍ତି ଲୋକେ

**ଭଞ୍ଜନଗର,୧୮।୪(ଡି.ଏନ.ଏ)**

ଭଞ୍ଜନଗର ଓ ବେଲଗୁଣ୍ଠା ଅଞ୍ଚଳରେ ଗତ ୨ ସପ୍ତାହ ମଧ୍ୟରେ ୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲାଣି। ସେମାନେ କେଉଁ ରୋଗରେ ଆକ୍ରାନ୍ତ ହୋଇଥିଲେ ତାହା ଜଣାପଡୁନାହିଁ। ଭଞ୍ଜନଗର ସହର ନିକଟରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷକଙ୍କ ରବିବାର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁର ପ୍ରକୃତ କାରଣ ମଧ୍ୟ ଜଣାପଡୁନାହିଁ । ଏପଟେ ପ୍ରବାସୀ ଓଡ଼ିଆମାନେ ଘରକୁ ଫେରିଲେ ଠିକ୍ ଭାବେ ସଙ୍ଗରୋଧରେ ରହୁନାହାନ୍ତି । ସେହିପରି ଲୋକେ ଘରୁ ବାହାରକୁ ବାହାରିଲେ ସାମାଜିକ ଦୂରତ୍ୱ ରକ୍ଷା କରୁନାହାନ୍ତି । ଅଧିକାଂଶ ଠିକ୍ ଭାବେ ମାସ୍କ ପିନ୍ଧୁନାହାନ୍ତି । ତେଣୁ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ସମ୍ଭାବନା ରହିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି । ସୂଚନାଯୋଗ୍ୟ, ଶନିବାର ଭଞ୍ଜନଗର ବ୍ଲକ ଓ ଏନଏସିରୁ ୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରବିବାର କେହି ନୂଆ ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି ।

## ୩୦ କେଜି ଗଞ୍ଜେଇ ଜବତ, ୪ ଗିରଫ

**ରାଇକିଆ,୧୮।୪(ଡି.ଏନ.ଏ.)**

ରାଇକିଆ ପୋଲିସ ଗଞ୍ଜେଇ ଚାଲାଣ ଅଭିଯୋଗରେ ରବିବାର ୪ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦାରିଙ୍ଗିବାଡ଼ି ଥାନା ଅନ୍ତର୍ଗତ କୁପିବାଡିର ଜନକ ନାୟକ, ଗ୍ରୀନବାଡିର ସାଗର ମଲିକ, ମହାଗଣ୍ଡାର ଗୌରବ ସାହାଣୀ, ସୁଗଡବଡିର ମଳୟ ନାୟକ। ଦାରିଙ୍ଗବାଡ଼ିରୁ ଭୁବନେଶ୍ୱର ବସ୍ ଯୋଗେ ଗଞ୍ଜେଇ ଚାଲାଣ ପାଇଁ ଲେଙ୍ଗୁମାହାଠାରେ ଅଭିଯୁକ୍ତମାନେ ବସ୍‌କୁ ଅପେକ୍ଷା କରିଥିଲେ। ରାଇକିଆ ଥାନାଧିକାରୀ ତରୁଣ ତପନ ବେହେରା ପହଞ୍ଚି ଲେଙ୍ଗୁମାହା ଛକରୁ ୩୦ କେଜି ଗଞ୍ଜେଇ ଜବତ କରିବା ସହ ଅଭିଯୁକ୍ତମାନଙ୍କୁ ଧରିଥିଲେ।

## ଜନକଲ୍ୟାଣ ପ୍ରତିଷ୍ଠାନର ଖବରଦାତା ସମ୍ମିଳନୀ


ଖବରଦାତା ସମ୍ମିଳନୀରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

**ଗୁମ୍ମା,୧୮।୪**

ଜନକଲ୍ୟାଣ ପ୍ରତିଷ୍ଠାନ କ୍ଷେତ୍ର ଏନଜିଓ (ଏଫଏନଜିଓ) ଭାବେ ୨୦୧୭ ଜୁଲାଇରୁ ଲାଞ୍ଜିଆ ସଉରାମାନଙ୍କ ସହିତ ସେରଙ୍ଗ ଅଞ୍ଚଳରେ ୩ ପଞ୍ଚାୟତ ଭୁବନି, ଅଜୟଗଡ଼, କୁଜାସିଂରେ ଓପିଲିପି କାର୍ଯ୍ୟ କରିଆସୁଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜନକଲ୍ୟାଣ ପ୍ରତିଷ୍ଠାନ ସେକ୍ରେଟାରୀ ଦୁର୍ଗା ମାଧବ ପଣ୍ଡା, ଓପିଲିପି ଟିମ ଅଧକ୍ଷ ବିଉଟି କୁମାରୀ ଲିମା, ଓପିଲିପି କୃଷି ଅଧିକାରୀ ଅପର୍ଣ୍ଣା ପଣ୍ଡା, ଓପିଲିପି ଏଲଆଇ ମାନସ ବିଶ୍ୱାସରାଇ, ଜିଏସ କୋଅର୍ଡିନେଟର ଅକ୍ଷୟ କୁମାର ମହାନ୍ତି ଉପସ୍ଥିତ ଥିଲେ। ଅନୁଷ୍ଠାନ ପିଏମୟୁ ଭୁବନେଶ୍ୱର ସହିତ ଏମଓୟୁ ସାକ୍ଷର କରି ଏଲଏସଡ଼ିଏ ସଂସ୍ଥା ସହିତ ସହଯୋଗରେ କାମ କରିଆସୁଛି। ଓପିଲିପି କାର୍ଯ୍ୟକ୍ରମରେ ମୋଟ ୩୨ଟି ରାଜସ୍ୱ ଗ୍ରାମରେ ଗ୍ରାମ ଉନ୍ନୟନ କମିଟି ଗଠନ କରି ପ୍ରୋତ୍ସାହିତ କରାଯାଇଛି। ପରେ ୨୭୭ଟି ସ୍ୱୟଂ ସହାୟକ ଦଳ ଗଠନ କରାଯାଇଛି। ଓପିଲିପି ପ୍ରକଳ୍ପ ଅଧୀନରେ ଥିବା ପ୍ରତ୍ୟେକ କାର୍ଯ୍ୟକ୍ରମ ଭିଡ଼ିସି ମାଧ୍ୟମରେ କାର୍ଯ୍ୟକାରୀ ହେଉଛି। ଜନକଲ୍ୟାଣ ପ୍ରତିଷ୍ଠାନ କର୍ମୀମାନଙ୍କ ଦରମା ବାବଦ ଓ ପରିଚାଳନା ଖର୍ଚ୍ଚ ଏଲଏସଡ଼ିଏରୁ ପ୍ରଦାନ କରାଯାଏ। କୃଷି ଉତ୍ପାଦନ ଫଳ ଓ ପରିବା ଚାଷ, ଜଳ ଜମିର ଉନ୍ନତିକରଣ, ଗୋ ସମ୍ପଦ ବିକାଶ, ଗ୍ରାମ୍ୟ ଭିତ୍ତିଭୂମି ବିକାଶ, କ୍ଷୁଦ୍ର ପ୍ରକ୍ରିୟା କରଣ ଆଦି କାର୍ଯ୍ୟକ୍ରମ ଗ୍ରାମ୍ୟ ଉନ୍ନୟନ କମିଟି ଦ୍ୱାରା କାର୍ଯ୍ୟକାରୀ କରାଯାଉଛି। ୩ ପଞ୍ଚାୟତରେ ମାସକୁ ୭୦ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ମଜୁରୀ ସୃଷ୍ଟି କରିବା ସହ ୧୮ବର୍ଷରୁ ଉର୍ଦ୍ଧ୍ୱ ହେଲେ ଯେଉଁ ଝିଅ ବିବାହ କରୁଛନ୍ତି ସେମାନଙ୍କୁ ପ୍ରୋତ୍ସାହନ ରାଶି ୧୦,୦୦୦ ଟଙ୍କା ଦିଆଯାଇଛି। ଏସଏଚଜି ଓ ଚାଷୀଙ୍କୁ ସହଯୋଗ କ୍ଷେତ୍ରରେ ଜନକଲ୍ୟାଣ ପ୍ରତିଷ୍ଠାନର ମୁଖ୍ୟ ଭୂମିକା ରହିଛି।

# ଟାଏକୋଣ୍ଡୋ କଲର ବେଲ୍ଟ ପ୍ରତିଯୋଗିତା

**ଛତ୍ରପୁର,୧୮।୪(ଡି.ଏନ.ଏ.)**

ଛତ୍ରପୁର ବ୍ଲକ ବଡ଼ମାଧପୁର ଗ୍ରାମର ଶ୍ୟାମାକାଳୀ ଯୁବ ସଂଘ ପରିସରରେ ଗଞ୍ଜାମ ଟାଏକୋଣ୍ଡୋ ଏକାଡେମୀ ଆନୁକୂଲ୍ୟରେ ଦ୍ୱିତୀୟ କଲର ବେଲ୍ଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅରୁଣ ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆନ୍ତର୍ଜାତିକ ରେଫରି ତଥା ରାଜ୍ୟ ସଂପାଦକ କେ. ମନୋଜ ପ୍ରଧାନ ପରୀକ୍ଷକ ଭାବେ ଯୋଗଦେଇଥିଲେ। ରଘୁନାଥ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ଟାଏକୋଣ୍ଡୋ ସଂଘ ସଭାପତି ଶ୍ରୀକାନ୍ତ ମହାନ୍ତି, ରାଜ୍ୟ ଟାଏକୋଣ୍ଡୋ ମହିଳା କମିଶନ ସଦସ୍ୟା ଡ. ଅନୀତା ମିଶ୍ର, ସନ୍ତରଣ କୋଚ ସୁନୀତା ପାତ୍ର, ସମାଜିକ କର୍ମୀ ନିରଜ କୁମାର ନାୟକ ଅତିଥି ଭାବେ ଯୋଗଦେଇଥିଲେ। ଗଞ୍ଜାମ ଟାଏକୋଣ୍ଡୋ ଏକାଡେମୀର କୋଚ ଇ. ଲଳିତ କୁମାର, ବ୍ରହ୍ମପୁରର ଜାଗୁଆର ଟାଏକୋଣ୍ଡୋ ଏକାଡେମୀର କୋଚ ଅମ୍ବିକା ଦାଶ, ହୋପ ଟାଏକୋଣ୍ଡୋ ଏକାଡେମୀର କୋଚ ସି. ଏଚ. ପ୍ରସାଦ, ଦିଗପହଣ୍ଡି ଟାଏକୋଣ୍ଡୋ ଏକାଡେମୀର କୋଚ ବାସୁ ନାୟକ, ବ୍ରହ୍ମପୁର ଟାଏକୋଣ୍ଡୋ ଟ୍ରେନିଂ ସ୍କୁଲର କୋଚ ଜନଜ ମହାରଣା ଉପସ୍ଥିତ ଥିଲେ। ଏହି ଅବସରରେ ଦକ୍ଷିଣ କୋରିଆର କୁକିୟାନସ୍ଥିତ ବିଶ୍ୱ ଟାଏକୋଣ୍ଡୋ ମୁଖ୍ୟାଳୟ ଦ୍ୱାରା ପ୍ରଦତ୍ତ ୨ୟ ଡାନ ବ୍ଲାକ୍ ବେଲ୍ଟ ସି. ଏଚ. ପ୍ରସାଦଙ୍କୁ, ୧ମ ଡାନ ବ୍ଲାକ୍ ବେଲ୍ଟ ଅନୀତା ମିଶ୍ର ଓ ମୁନମୁନ ନାୟକଙ୍କୁ ପ୍ରଦାନ କରାଯାଇଥିଲା। ଯୁଧିଷ୍ଠିର ରେଡ୍ଡୀ, ଦିଲୀପ ବେହେରା, ମହେନ୍ଦ୍ର ଗୌଡ଼, ଟି. କିଶୋର ରେଡ୍ଡୀ, ଶିବ ସାହୁ, ଅନାଦି ବେହେରା, ଜିତେନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କୃତୀଙ୍କୁ ପୁରସ୍କୃତ କରାଯାଉଛି ।

## ଶ୍ରମିକଙ୍କୁ ମାଡ଼ ଭିଡିଓ ଭାଇରାଲ ଘଟଣା, ମାମଲା ରୁଜୁ

**ବେଗୁନିଆପଡ଼ା,୧୮।୪(ଡି.ଏନ୍.ଏ.)**

ବେଗୁନିଆପଡ଼ା ଫାଣ୍ଡି ଅନ୍ତର୍ଗତ କଞ୍ଚଣା ନିକଟ ଏକ ଫାର୍ମ ହାଉସରେ ସ୍ଥାନୀୟ ବ୍ଲକ କୁମ୍ଭାର ଗାଁର ଶ୍ରମିକ ଅଭିଷେକ ନାହାକଙ୍କୁ ଜଣେ ଠିକାଦାର ନିସ୍ତୁକୁ ଭାବେ ମାଡ଼ ମାରିଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ପୋଲିସ ଓ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଇଛି। ରବିବାର ଅଭିଷେକଙ୍କ ଏତଲା କ୍ରମେ କୋଦଳା ପୋଲିସ ନଂ. ୧୫୩/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, କଞ୍ଚଣା ଗ୍ରାମର ଜଣେ ଠିକାଦାର କର୍ଣ୍ଣାଟକର ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରିବା ପାଇଁ ଅଭିଷେକଙ୍କୁ ନେଇଥିଲେ। ସେଠାରେ କାମ ଚାଲିଥିବା ବେଳେ କୌଣସି କଥାକୁ ନେଇ ଅଭିଷେକ ସହିତ ଉକ୍ତ କମ୍ପାନୀର ସୁପରଭାଇଜରଙ୍କ ବଚସା ହୋଇଥିଲା। ଏଥିପାଇଁ ଅଭିଷେକ କାମ କରିବାକୁ ମନା କରି ନିଜ ଗାଁକୁ ଫେରିଆସିଥିଲେ। ଏ ନେଇ ଠିକାଦାର ଜଣକ ଅଭିଷେକଙ୍କୁ କଞ୍ଚଣା ଫାର୍ମ ହାଉସକୁ ଡାକି ନିସ୍ତୁକ ମାଡ଼ ମାରିଥିଲେ।

# ଭତ୍ତା ନେବାକୁ ଆସି ବୃଦ୍ଧା ଅସୁସ୍ଥ

**ଦିଗପହଣ୍ଡି,୧୮।୪(ଡି.ଏନ.ଏ.)**

**ଶୁଣିଲାନି ପ୍ରଶାସନ**

ଦିଗପହଣ୍ଡି ବ୍ଲକ ବଡ଼ଡୁମୁଲା ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ନେବାପାଇଁ ଆସିଥିବା ନୂଆଗାଁର ବିଧବା ବୃଦ୍ଧା ପୂର୍ଣ୍ଣିମା (୮୦)ମଲିକ ଶୁକ୍ରବାର ଅସୁସ୍ଥ ହୋଇପଡ଼ିଥିଲେ। କେରାଣ୍ଡିମାଳ ପାହାଡ ପାଦ ଦେଶରେ ନୂଆଗାଁ ରହିଛି। ଏଠାରୁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିବା ପାଇଁ କୌଣସି ଗାଡ଼ି ଚଳାଚଳ କରୁନାହିଁ। ଫଳରେ ଗାଁର ପ୍ରାୟ ଲୋକ ୧୦ କିଲୋମିଟର ଚାଲି ଚାଲି ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥାନ୍ତି। ପ୍ରାୟ ୨ମାସ ହେବ ଅସୁସ୍ଥତା କାରଣରୁ ପୂର୍ଣ୍ଣିମା ତାଙ୍କ ଭତ୍ତା ଟଙ୍କା ପାଇ ନ ଥିଲେ। ଏ ନେଇ ତାଙ୍କ ପରିବାର ଲୋକେ ପଞ୍ଚାୟତ କାର୍ଯ୍ୟାଳୟକୁ ସ୍ଥାନୀୟ ସରପଞ୍ଚ ପ୍ରତିନିଧିଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଗ୍ରାମ ରୋଜଗାର ସେବକଙ୍କୁ ଜଣାଇ ଭତ୍ତା ଟଙ୍କା ଦେବା ପାଇଁ ଗୁହାରି କରିଥିଲେ ମଧ ସେଥିପ୍ରତି କେହି ଶୁଣି ନ ଥିଲେ ବୋଲି ଗାଁ ମୁଖିଆ ରମେଶ ମଲ୍ଲିକ ଅଭିଯୋଗ କରିଛନ୍ତି। ଶେଷରେ ବାଧ ହୋଇ ପୂର୍ଣ୍ଣିମା ଭତ୍ତା ପାଇଁ ନାତି ରବୀନ୍ଦ୍ର ମଲ୍ଲିକଙ୍କ ସହ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପୂର୍ବରୁ ଅସୁସ୍ଥତା ଥିବା ସମୟରେ ଭତ୍ତା ଟଙ୍କା ନେଇ ଗାଁକୁ ଯାଉଥିବା ବେଳେ ବଡ଼ ଡୁମୁଲା ଗ୍ରାମ ବିଦ୍ୟାଳୟ ନିକଟରେ ଅସୁସ୍ଥ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସୁସ୍ଥ ହେବାରୁ ତାଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ଏନେଇ ସରପଞ୍ଚ ପ୍ରତିନିଧିଙ୍କୁ ପଚାରିବାରୁ ତାଙ୍କ ନିକଟରେ କୌଣସି ସୂଚନା ନ ଥିବା ଉଲ୍ଲେଖ କରିଛନ୍ତି। ପୂର୍ଣ୍ଣିମାଙ୍କ ପରିବାର ଲୋକେ ତାଙ୍କ ନିକଟରେ ପୂର୍ବରୁ ଏନେଇ ଅଭିଯୋଗ କରି ନ ଥିବା ସେ ଦର୍ଶାଇଛନ୍ତି। ଦିଗପହଣ୍ଡି ବିଡିଓ ହଳଧର ଶବରଙ୍କୁ ପଚାରିବାରୁ ଏ ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନ ଥିଲେ ମଧ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଏ ନେଇ ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସେ ଗଭୀର ଦୁଃଖ ପ୍ରକାଶ କରିବା ସହ ଆବଶ୍ୟକ ହେଲେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ଦ୍ୱାରା ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବା ସହ ତହସିଲ ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ପରିବାରଙ୍କୁ ସହାୟତା ପ୍ରଦାନ ପାଇଁ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷତି

**ଭଞ୍ଜନଗର/ଆସିକା,୧୮।୪(ଡି.ଏନ.ଏ)**

- ଉଡ଼ିଗଲା ଚାଳ ଛପର
- ଗଛପଡି ଗମନାଗମନ ବ୍ୟାହତ, ଟେଲିଫୋନ ସେବା ବାଧାପ୍ରାପ୍ତ


ଏସ୍‌ଡିପିଓ ଅଫିସ ଆଜବେଷ୍ଟସ ଛାତ ଉଡ଼ିଯାଇଛି।

କାଳବୈଶାଖୀ ପ୍ରଭାବରେ ଭଞ୍ଜନଗର ଅଞ୍ଚଳରେ ରବିବାର ଅପରାହ୍ନ ପ୍ରାୟ ସାଢ଼େ ୨ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ବର୍ଷାପବନ ସହ କୁଆପଥର ବୃଷ୍ଟି ହୋଇଥିଲା। ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଶତାଧିକ ଘରର ଟିଣ ଓ ଚାଳ ଛପର ଉଡ଼ିଯାଇଛି । ବଡ଼ ବଡ଼ ଗଛ ଭାଙ୍ଗି ରାସ୍ତା ଉପରେ ପଡ଼ିଥିବାରୁ ବହୁ ସ୍ଥାନରେ ଗମନାଗମନ ବ୍ୟାହତ ହୋଇଥିଲା। ଗଛ ପଡ଼ି ବହୁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ବିଦ୍ୟୁତ୍ ବିଭାଗ କର୍ମଚାରୀ ସନ୍ଧ୍ୟା ୭ଟା ବେଳକୁ ସହରର କିଛି ଅଞ୍ଚଳକୁ ବିଦ୍ୟୁତ୍ ସେବା ଯୋଗାଇଛନ୍ତି। ଅନ୍ୟ ଅଞ୍ଚଳକୁ ରାତି ସୁଦ୍ଧା ବିଦ୍ୟୁତ୍ ଯୋଗାଣ ପାଇଁ ଚେଷ୍ଟା ଚଳାଇଛନ୍ତି। ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସେବା ବିଶେଷ ଭାବେ ପ୍ରଭାବିତ ହୋଇଛି। ବିଦ୍ୟୁତ୍ ନ ଥିବାରୁ ବିଏସ୍‌ଏନଏଲ୍‌ର କିଛି ମୋବାଇଲ ଟାୱାର ବନ୍ଦ ଥିଲା। ଫଳରେ ମୋବାଇଲ ଫୋନ ସେବା ବାଧାପ୍ରାପ୍ତ ହୋଇଥିଲା। ଘୂର୍ଣ୍ଣିଝଡ଼ରେ ଭଞ୍ଜନଗର ଏସ୍‌ଡିପିଓ ଅଫିସର ଆଜବେଷ୍ଟ ଛାତ ଉଡ଼ିଯିବାରୁ ଅପରାହ୍ନରୁ ଅଫିସ କାର୍ଯ୍ୟ ବନ୍ଦ ଅଛି। ପୂର୍ତ୍ତ ବିଭାଗ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ସେହିଭଳି ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ବିଇଓ ଅଫିସ, ମୁଜାଗଡ଼ ରେଞ୍ଜ କାର୍ଯ୍ୟାଳୟ ଏହି ତୋଫାନରେ ବିଶେଷ କ୍ଷତି ହୋଇଛି। ବର୍ଷା ଯୋଗୁ ଆମ୍ବ, କଦଳୀ ଓ କାଜୁ ଚାଷୀମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି। ଲକ୍ଷ ଲକ୍ଷ ଟଙ୍କାର ଆମ୍ବ ଓ କାଜୁ ନଷ୍ଟ ହୋଇଯାଇଛି । ଯାହାକୁ ନେଇ ଚାଷୀମାନେ ଚିନ୍ତିତ ହୋଇପଡ଼ିଛନ୍ତି। ସେହିପରି ଆସିକା ଅଞ୍ଚଳରେ ମଧ ଅସରାଏ ବର୍ଷା ସହ କୁଆପଥର ବୃଷ୍ଟି ହୋଇଥିଲା। ଗତ ୪ଦିନ ହେଲା ପ୍ରବଳ ରୌଦ୍ରରେ ଜନସାଧାରଣ ଉବୁଟୁବୁ ହେଉଥିବା ବେଳେ ଏହି ବର୍ଷା ସାଧାରଣରେ ଆଶ୍ୱସ୍ତି ସୃଷ୍ଟି କରିଛି । ଆସିକା ଭଳି ଗାଙ୍ଗପୁର ଅଞ୍ଚଳରେ ମଧ କାଳବୈଶାଖୀ ବର୍ଷା ଓ କୁଆପଥର ମାଡ଼ ହୋଇଥିବା ସୂଚନା ମିଳିଛି।

**ଯାତ୍ରୀବାହୀ ଯାନର ରପ୍ତାନି ୩୯% ହ୍ରାସ**

ମହାମାରୀ କାରଣରୁ ଭାରତରୁ ରପ୍ତାନି ହେଉଥିବା ଯାତ୍ରୀବାହୀ ଯାନ ଚାହିଦା ୩୯% ହ୍ରାସ ପାଇଛି। ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକଚର୍ସ (ସିଆମ୍) ଡାଟା ଅନୁଯାୟୀ ୨୦୨୦-୨୧ ଆର୍ଥିକ ବର୍ଷରେ ଯାତ୍ରୀବାହୀ ଯାନ (ପିଭି) ରପ୍ତାନି ପ୍ରାୟ ୩୮.୯୨% ହ୍ରାସ ପାଇଛି। ୨୦୧୯-୨୦ରେ ୬.୬୨ ଲକ୍ଷ ୟୁନିଟ ପିଭି ରପ୍ତାନି ହୋଇଥିବା ବେଳେ ୨୦୨୦-୨୧ର ସମାନ ଅବଧିରେ ଏହି ସଂଖ୍ୟା ୪.୦୪ ଲକ୍ଷ ୟୁନିଟକୁ ଖସି ଆସିଛି। ସେହିଭଳି ପାସେଞ୍ଜର କାର ଡେସ୍‌ପ୍ୟାଚ୍ ମଧ୍ୟ ଏହି ସମୟରେ ପ୍ରାୟ ୪୪.୩୨% ହ୍ରାସ ପାଇଥିବା ଜଣାପଡିଛି।

## ସଂକ୍ଷେପରେ

### ଶ୍ୟାମ ଷ୍ଟିଲ୍‌ର ନୂଆ ଟିଭିସି

**ଭୁବନେଶ୍ୱର,୧୮।୪:** ଶ୍ୟାମ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ନୂଆ ଟିଭିସି ଅଭିଯାନ ମକ୍‌ସଦ ତୋ ଇଣ୍ଡିଆ କୋ ବନାନା ହୈ ଉନ୍ମୋଚିତ ହୋଇଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ଏକ ବ୍ରାଣ୍ଡ୍ ବାର୍ତ୍ତା ପ୍ରଦାନ କରିବା, ଯାହା ହେଉଛି ଇସ୍ପାତ କେବଳ ଏକ ଉତ୍ପାଦ, ଉଦ୍ଦେଶ୍ୟ ହେଉଛି ଦେଶ ଗଠନ କରିବା। ଏହି ଟିଭିସିରେ ସୋନୁ ସୁଦ ଅଗ୍ରଣୀ ଭୂମିକାରେ ଅଭିନୟ କରିଛନ୍ତି। ଏହାକୁ ମୋଗେ ମିଡିଆ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ ଶ୍ୟାମ ଷ୍ଟିଲ୍ ଇଣ୍ଡିଆର ବ୍ରାଣ୍ଡ୍ ଆମ୍ବାସାଡର ସୋନୁ ସୁଦ୍, ଶ୍ୟାମ ଷ୍ଟିଲ୍ ଇଣ୍ଡିଆର ନିର୍ଦ୍ଦେଶକ ଲଳିତ ବେରିୱାଲା, ଶ୍ୟାମ ଷ୍ଟିଲ୍ ଇଣ୍ଡିଆର ଉପସଭାପତି ମାର୍କେଟିଂ ମିସ୍ ମେଘା ବେରିୱାଲା ଓ ମୋଗେ ମିଡିଆର କ୍ରିଏଟିଭ୍ ଡାଇରେକ୍ଟର ହରିଶ ଅରୋରାଙ୍କ ଉପସ୍ଥିତିରେ ଏହି ଅଭିଯାନକୁ ଉନ୍ମୋଚନ କରାଯାଇଛି।

### ଆସସ୍‌ର ନୂଆ ଡୁଆଲ ସ୍କ୍ରିନ୍ ଲାପ୍‌ଟପ୍

**ଭୁବନେଶ୍ୱର,୧୮।୪:** ଆସସ୍ ପକ୍ଷରୁ ଏହାର ବିସ୍ତୃତ ଜେନ୍‌ବୁକ୍ ଶୃଙ୍ଖଳାରେ ଦୁଇଟି ନୂତନ ଲାପ୍‌ଟପ୍ ଜେନ୍‌ବୁକ୍ ଡୁଓ ୧୪ ଓ ଜେନ୍‌ବୁକ୍ ପ୍ରୋ ଡୁଓ ୧୫ ଓଏଲ୍‌ଇଡିର ବଜାର ପ୍ରବେଶ ହୋଇଛି। ଜେନ୍‌ବୁକ୍ ପ୍ରୋ ଡୁଓ ୧୫ ଓଏଲ୍‌ଇଡି ଓ ଜେନ୍‌ବୁକ୍ ଡୁଓ ୧୪ରେ ଫୋର୍-ସାଇଡେଡ୍ ଫ୍ରେମ୍‌ଲେସ୍ ନାନୋଏଜ୍ ଡିସ୍‌ପ୍ଲେ ସହିତ ଡୁଆଲ ଡିସ୍‌ପ୍ଲେ ରହିଛି। ଯାହାକି ଏକ ସମ୍ପୂର୍ଣ୍ଣ ନିମଜ୍ଜିତ ଅଭିଜ୍ଞତା ପାଇଁ ଅଲ୍ଟ୍ରାସ୍ଲିମ୍ ବେଜେଲ୍ ସହିତ ଅତୁଳନୀୟ ଭାବେ ଉଜ୍ଜ୍ୱଳ । ଜେନ୍‌ବୁକ୍ ଡୁଓ ୧୪ ହେଉଛି ଇଣ୍ଟେଲ୍‌ସ୍ ଇଭୋଟିଏମ୍ ପ୍ରମାଣିତ ଏବଂ ଏଥିରେ ୧୧ତମ ପିଢ଼ିର ଜେନ୍ ଇଣ୍ଟେଲ୍‌ସ୍ କୋର୍‌ଟିଏମ୍ ଆଇ ୭ ପ୍ରୋସେସର ସହିତ ଇଣ୍ଟେଲ୍‌ସ୍ ଆଇରିସ୍‌ସ୍ ଏକ୍ସଇ ଗ୍ରାଫିକ୍ସ ରହିଛି। ଏହା ଏକ ଏନ୍‌ଭିଆଇଡିଆଇଏସ୍ ଜିଫୋର୍ସସ୍ ଏମ୍‌ଏକ୍ସ୪୫୦ ଜିପିୟୁର ବିକଳ୍ପ ସହିତ ଆସୁଛି। ଜେନ୍‌ବୁକ୍ ଡୁଓରେ ୧୦୦% ଏସ୍‌ଆର୍‌ଜିବି କଭରେଜ୍ ସହିତ ଏକ ୧୪ ଇଞ୍ଚର ଏଲ୍‌ଇଡି-ବ୍ୟାକ୍‌ଲିଟ୍ ଫୁଲ୍ ଏଚ୍‌ଡି ୧୦୮୦ପି ଡିସ୍‌ପ୍ଲେ ରହିଛି।

# ଅନିଶ୍ଚିତତା, ଆଶଙ୍କାରେ ବଜାର

**ନୂଆଦିଲ୍ଲୀ,୧୮।୪**

**ଆବଶ୍ୟକ ପଡ଼ିଲେ ଦ୍ୱିତୀୟ ପଦକ୍ଷେପ ନିଆଯିବ: ନୀତି ଆୟୋଗ**



କୋଭିଡ୍‌ର ଦ୍ୱିତୀୟ ଲହର ଏବେ ବଢ଼ିଚାଲିଛି। ଦିନକୁ ଦିନ ଅଧିକ ଲୋକ ସଂକ୍ରମଣରଶିକାର ହେବାରୁ ରାଜ୍ୟସ୍ତରରେ କୋଭିଡ୍ କଟକଣା ଜୋରଦାର ହୋଇଛି। କରୋନା ଲକ୍‌ଡାଉନ ଯୋଗୁ କ୍ଷତିଗ୍ରସ୍ତ ବଜାର ଧୀରେ ଧୀରେ ଟ୍ରାକ୍‌କୁ ଫେରୁଥିଲା। ଚଳିତ ବର୍ଷ ସବୁକିଛି ଠିକ୍ ହୋଇଯିବ ବୋଲି ବଜାର ବିଶେଷଜ୍ଞ ଆଶା ପ୍ରକଟ କରିଥିଲେ। ହେଲେ ବର୍ତ୍ତମାନର ସ୍ଥିତି ପୁଣି ଥରେ ବଜାରକୁ ଅନିଶ୍ଚିତତା ମଧ୍ୟକୁ ଠେଲି ଦେବାର ଆଶଙ୍କା ସୃଷ୍ଟି ହୋଇଛି। ବିଶେଷ କରି ଖାଉଟି ଏବଂ ନିବେଶକ ମନୋଭାବ ଉପରେ ଏହାର ଝଟକା ଗଭୀର ଭାବେ ଲାଗିବ ବୋଲି ଆକଳନ କରାଯାଇଛି। କୌଣସି ଦେଶର ଅର୍ଥ ବ୍ୟବସ୍ଥା ଲାଗି ଉଭୟ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏହା କ୍ଷତିଗ୍ରସ୍ତ ହେଲେ ଅଭିବୃଦ୍ଧିକୁ ନକାରାତ୍ମକ କରିବାର ସମ୍ଭାବନାକୁ ଏଡାଇ ଦେଇ ହେବନି।

ଦ୍ୱିତୀୟ ଲହର ବଢୁଥିବା ବେଳେ ଏହି ପରିପ୍ରେକ୍ଷୀରେ ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ସ୍ୱଷ୍ଟୀକରଣ ରଖିଛନ୍ତି। ରବିବାର ସେ କହିଛନ୍ତି, ବଜାର ସ୍ଥିତି ଯଦି ବେଶି ବିଗିଡେ ତେବେ ସରକାର ଆବଶ୍ୟକ ମୁତାବକ ବିତ୍ତୀୟ ପଦକ୍ଷେପ ଗ୍ରହଣ କରିବେ। ବର୍ତ୍ତମାନ ବଜାର ସ୍ଥିତି ବିଗୁଡୁଥିବା ବେଳେ ଦେଶର ଅର୍ଥ ବ୍ୟବସ୍ଥାକୁ ନେଇ କୁମାର ଆଶାବାଦୀ ରହିଛନ୍ତି। ୨୦୨୧-୨୨ ଆର୍ଥିକ ବର୍ଷରେ ଜିଡିପି ୧୧% ବଢ଼ିବ ବୋଲି ସେ ଆଶା ରଖିଛନ୍ତି। ସେ ପୁଣି କହିଛନ୍ତି, ଭାରତ କୋଭିଡ୍‌କୁ ହରାଇବାରେ ସକ୍ଷମ ହୋଇଛି। ମାତ୍ର ଇଂଲଣ୍ଡ ସମେତ ଅନ୍ୟ କିଛି ଦେଶରୁ ଦ୍ୱିତୀୟ ଷ୍ଟ୍ରେନ୍ ଆସିବା ଯୋଗୁ ସ୍ଥିତି ବିଗାଡିଛି। ସେବା ସହ ଅନ୍ୟ କ୍ଷେତ୍ରଗୁଡିକର ଦ୍ୱିତୀୟ ଲହର ପ୍ରଭାବ ଦେଖାଯାଇଛି। ଆର୍ଥିକ କାର୍ଯ୍ୟକଳାପ ଏବଂ ଅର୍ଥନୈତିକ ପରିବେଶକୁ କ୍ଷତିଗ୍ରସ୍ତ କରୁଥିବାରୁ ଏହାକୁ ନେଇ ସତର୍କ ରହିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଛନ୍ତି।

ସରକାର ପୁଣି ଥରେ ଏକ ଆର୍ଥିକ ପ୍ୟାକେଜ ଆଣିବେ କି ବୋଲି ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ଦ୍ୱିତୀୟ ଲହରର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ପ୍ରଭାବ ସମ୍ପର୍କରେ ଅର୍ଥ ମନ୍ତ୍ରଣାଳୟ ତର୍ଜମା କରିବା ପରେ ଯାଇ ଏ ସମ୍ପର୍କରେ ଠିକ୍ ଉତ୍ତର ମିଳିପାରିବ। ସରକାର ସ୍ଥିତିକୁ ବିଚାର କରି ଠିକ୍ ପଦକ୍ଷେପ ନେବେ ବୋଲି ଆଶା ରହିଛି। ଉଲ୍ଲେଖଯୋଗ୍ୟ, ଗତ ମାସରେ ରିଜର୍ଭ ବ୍ୟାଙ୍କ ଏହାର ରେପୋ ରେଟ୍‌କୁ ଅପରିବର୍ତ୍ତିତ ରଖିଛି। ଅର୍ଥ ବ୍ୟବସ୍ଥାକୁ ସହାୟତା କରିବା ଲାଗି କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏଭଳି ପଦକ୍ଷେପ ହାତକୁ ନିଆଯାଇଛି। ୨୦୨୦ରେ ସରକାର ମୋଟ ୨୭.୧ ଲକ୍ଷ କୋଟି ଟଙ୍କାର ଆତ୍ମନିର୍ଭର ପ୍ୟାକେଜ ଘୋଷଣା କରିଥିଲେ। ଏହା ମୋଟ ଜିଡିପିର ୧୩% ବୋଲି କୁହାଯାଉଛି। ଚଳିତ ଆର୍ଥିକ ବର୍ଷରେ ଜିଡିପି ୧୦.୫% ରହିବା ନେଇ ରିଜର୍ଭ ବ୍ୟାଙ୍କ ଆକଳନ କରିଛି। ବର୍ଷ ମଧ୍ୟରେ ଜିଡିପି ୧୧% ବଢିବା ନେଇ ଅର୍ଥନୈତିକ ସର୍ଭେ ରିପୋର୍ଟରେ କୁହାଯାଇଛି। ୨୦୨୦-୨୧ରେ ଜିଡିପି ୮% ଖସିବା ନେଇ ଅନୁମାନ କରାଯାଇଛି।

## ଫ୍ୟୁଚର ରିଟେଲକୁ ୨ ବର୍ଷର ମହଲତ




**ଋଣ ପୁନର୍ଗଠନ ଯୋଜନାକୁ ମଞ୍ଜୁରୀ**

**ନୂଆଦିଲ୍ଲୀ,୧୮।୪:** ଫ୍ୟୁଚର ରିଟେଲର ଋଣ ରିକାଷ୍ଟ ଯୋଜନାକୁ ଋଣ ପ୍ରଦାନକାରୀ ସଂସ୍ଥାଗୁଡିକ ଅନୁମୋଦନ ପ୍ରଦାନ କରିଛନ୍ତି। ଫଳରେ କମ୍ପାନୀ ଏହାର ଋଣ ପଇଠ ଅବଧିକୁ ୨ ବର୍ଷ ଯାଏ ବଢାଇ ପାରିବ। କର୍ପୋରେଟ ଋଣକୁ ଏକାଥରକେ ପୁନର୍ଗଠନ କରିବା ଲାଗି କେ.ଭି. କାମାଥଙ୍କ ଅଧ୍ୟକ୍ଷତାରେ ରିଜର୍ଭ ବ୍ୟାଙ୍କ ଏକ କମିଟି ଗଠନ କରିଥିଲେ। ଏହି ଯୋଜନାକୁ କାମାଥ କମିଟି ମଞ୍ଜୁର କରିବା ପରେ ଫ୍ୟୁଚର ରିଟେଲକୁ ୨ ବର୍ଷର ମହଲତ ମିଳିଥିବା ଜଣାପଡିଛି। କମ୍ପାନୀ ଏହାର ଋଣ ପଇଠ କରିବାକୁ ବିଭିନ୍ନ ସମସ୍ୟା ସାମ୍ନା କରୁଥିବାରୁ ଏହାକୁ କିଛିଟା ଆଶ୍ୱସ୍ତି ମିଳିଥିବା କୁହାଯାଉଛି। ଫ୍ୟୁଚର ରିଟେଲର ଋଣ ପ୍ରଦାନକାରୀ ସଂସ୍ଥା ମଞ୍ଜୁରୀ ଦେଇଥିବା ବେଳେ ଏପ୍ରିଲ ୨୬ଠାରୁ କମ୍ପାନୀର ବୋର୍ଡ ଅଫ ଡାଇରେକ୍ଟର୍ସ ଏହାକୁ କାର୍ଯ୍ୟକାରୀ କରାଇବେ ବୋଲି ସୂଚନା ମିଳିଛି। ଏହି କମ୍ପାନୀକୁ ମୋଟ ୨୮ ବ୍ୟାଙ୍କ ଋଣ ପ୍ରଦାନ କରିଛନ୍ତି। ଏହା ମଧ୍ୟରେ ୟୁନିୟନ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଷ୍ଟେଟ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ଆକ୍ସିସ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ରହିଛନ୍ତି। କମ୍ପାନୀ ନେଇଥିବା ସ୍ୱଳ୍ପ ମିଆଦି ଋଣ, ମିଆଦି ଋଣ, ଏନ୍‌ସିଡି, ଓଭରଡିଉ ୱାର୍କିଂ କ୍ୟାପିଟାଲ ଲୋନର ପଇଠ ଅବଧିକୁ ବଢାଇବା ନେଇ ଏହି ବ୍ୟାଙ୍କଗୁଡିକ ରାଜି ହୋଇଛନ୍ତି।

## ବିଜିୟୁ ପକ୍ଷରୁ ରିସର୍ଚ୍ଚ ସ୍କଲାର୍ସ ସପ୍ତାହ

**ଭୁବନେଶ୍ୱର,୧୮।୪:** ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି(ବିଜିୟୁ) ଭୁବନେଶ୍ୱର ପକ୍ଷରୁ ୫ ଦିନିଆ ରିସର୍ଚ୍ଚ ସ୍କଲାର୍ସ ସପ୍ତାହ ଭର୍ଚୁଆଲରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ୭୦ରୁ ଉର୍ଦ୍ଧ୍ୱ ରିସର୍ଚ୍ଚ ସ୍କଲାର୍ସ ଯୋଗ ଦେଇଥିଲେ। ଭାରତର ଆଇଆଇଟି, ଏନ୍‌ଆଇଟି, ଏଆଇଏମ୍, ସେଣ୍ଟ୍ରାଲ ୟୁନିଭର୍ସିଟିଜ୍, ଷ୍ଟେଟ୍ ୟୁନିଭର୍ସିଟି ଏବଂ ଅନ୍ୟ ଖ୍ୟାତିସମ୍ପନ୍ନ ଅନୁଷ୍ଠାନର ରିସର୍ଚ୍ଚ ସ୍କଲାର୍ସ ଏଥିରେ ଅଂଶଗ୍ରହଣ କରିଥିଲେ। ବାଂଲାଦେଶ, ତାଞ୍ଜାନିଆ ପରି ଦେଶର ରିସର୍ଚ୍ଚ ସ୍କଲାର ମଧ୍ୟ ଏଥିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଜିୟୁ କୁଳପତି ଡ. ପି.ପି. ମାଥୁର ଉଦ୍‌ଘାଟନ କରିଥିଲେ। ଗୁଣାତ୍ମକ ପ୍ରକାଶନ ଏବଂ ଅନ୍ତର୍ନିହିତ ବିକାଶର ଗୁରୁତ୍ୱ ଉପରେ ସେ ଏଥିରେ ମତ ରଖିଥିଲେ। ରିସର୍ଚ୍ଚ ସମସ୍ୟା, ରିସର୍ଚ୍ଚ ଡିଜାଇନ୍, ସାହିତ୍ୟ ସମୀକ୍ଷା, ଲାଟେକ୍ସ ବ୍ୟବହାର କରି ବୈଜ୍ଞାନିକ ଲେଖା, ଲେଖାର ଧାରା ଏବଂ ଗୁଣାତ୍ମକ ଜର୍ନାଲରେ ପ୍ରକାଶନ ଉପରେ ଆଲୋଚନା କରିଥିଲେ। ନ୍ୟୁଜଲାଣ୍ଡ ଅକ୍‌ଲାଣ୍ଡ ୟୁନିଭର୍ସିଟି ପ୍ରଫେସର ନୋଏମି ସିଙ୍କୋଭିକ୍ସ ଏବଂ ଓପନ ୟୁନିଭର୍ସିଟି ମୁଖ୍ୟ ସମ୍ପାଦକ ପ୍ରଫେସର ଜନ୍ ହଲଙ୍କ ନିଜର ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ବିଜିୟୁର ସେଣ୍ଟର ଫର ରିସର୍ଚ୍ଚ ପକ୍ଷରୁ ଆୟୋଜନ କରାଯାଇଥିଲା। ସିଏଫ୍‌ଆର୍‌ର ମୁଖ୍ୟ ଏବଂ ସଂଯୋଜକ ଡ. ଅନୁଭା ରାୟ, ଡ. ପ୍ରଦୀପ କୁଣ୍ଡୁ, ଏବଂ ଡ. ସନ୍ଦୀପ କୁମାର ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଜିଡିପି ଆକଳନ ଖସାଉଛନ୍ତି ଏଜେନ୍ସି

**ନୂଆଦିଲ୍ଲୀ,୧୮।୪**



କରୋନା ସଂକ୍ରମଣ ବଢୁଥିବାରୁ ବିଶ୍ୱର ସଙ୍କଟ ସ୍ଥିତି ଉପୁଜିଛି। ଭାରତ ବଜାର ପାଇଁ ଏହା ପୁଣି ଥରେ ସମସ୍ୟା ଆଣିଛି। ବିଶ୍ୱର ପ୍ରମୁଖ ବ୍ରୋକରେଜ ଫାର୍ମଗୁଡିକ ଭାରତ ବଜାର ଲାଗି ପୂର୍ବରୁ କରିଥିବା ଜିଡିପି ଆକଳନକୁ ବର୍ତ୍ତମାନ ଖସାଉଥିବା ଦେଖାଯାଇଛି। ଦେଶ ମଧ୍ୟରେ ବିଭିନ୍ନ ସ୍ଥାନରେ ଲକଡାଉନ ହେବା ଯୋଗୁ ଆର୍ଥିକ ସ୍ଥିତି ପ୍ରଭାବିତ ହେଉଛି। ଏହାକୁ ଦେଖି ଏଜେନ୍ସିଗୁଡିକ ଜିଡିପିକୁ ପ୍ରାୟ ୧୦% ଯାଏ ହ୍ରାସ କରିଛନ୍ତି।

ବ୍ରୋକରେଜ ଫାର୍ମ ନୋମୁରା କହିଛି ଯେ, ଜିଡିପି ୧୨.୬% ରହିପାରେ। ପୂର୍ବରୁ ଏହା ୧୩.୬% ଅଭିବୃଦ୍ଧି ନେଇ କହିଥିଲା। ସେହିଭଳି ଜେପି ମୋର୍ଗାନ ୧୩ରୁ ୧୧%, ୟୁଏସ୍‌ବି ୧୧.୫ରୁ ୧୦%କୁ ଜିଡିପି ଆକଳନ କମାଇଛି। ଏହାବାଦ ସିଟି ଗ୍ରୁପ ପୂର୍ବରୁ ଆକଳନକୁ ପରିବର୍ତ୍ତନ କରି ବର୍ତ୍ତମାନ ୧୨% କରିଛି। ସେହିଭଳି ଅଭିବୃଦ୍ଧି ୧୦.୫% ରହିବା ନେଇ ଆର୍‌ବିଆଇ କହିଥିବା ବେଳେ ଆଇଏମ୍‌ଏଫ୍ ୧୨.୫% ଏବଂ ୱାର୍ଲଡ ବ୍ୟାଙ୍କ ୧୨.୫% ଜିଡିପି ଆକଳନ କରିଛି। ଜିଡିପି ୧୧.୫% ରହିବା ନେଇ ପୂର୍ବରୁ ୟୁବିଏସ୍ ନାମକ ବ୍ରୋକରେଜ କହିଥିବା ବେଳେ ବର୍ତ୍ତମାନ ଏହା ୧୦%କୁ ଖସାଇ ଦେଇଛି।

ନିକଟରେ ବ୍ୟାଙ୍କ ଅଫ୍ ଆମେରିକା ଏହାର ଆକଳନରେ କହିଥିଲା ଯେ,କରୋନା ସ୍ଥିତି ବିଗୁଡୁଥିବାରୁ ୨୦୨୦-୨୧ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସ ଜିଡିପି ଅଭିବୃଦ୍ଧି ପ୍ରଭାବିତ ରହିବ। ପୂର୍ବରୁ ଏହି ଅବଧିରେ ୩% ଅଭିବୃଦ୍ଧି ଆକଳନ କରାଯାଇଥିଲା। ମାତ୍ର ଏହା ହାସଲ କରିବାରେ ଚ୍ୟାଲେଞ୍ଜ ଉପୁଜିବ। ସାରା ଦେଶରେ ଗୋଟିଏ ମାସ ଲକଡାଉନ ହେଲେ ଦେଶର ଅର୍ଥ ବ୍ୟବସ୍ଥାକୁ ୧୦୦ରୁ ୨୦୦ ବେସିସ ପଏଣ୍ଟ ଝଟକା ଲାଗିବ ବୋଲି ଆଶଙ୍କା କରାଯାଉଛି। କୋଭିଡ ୧୯ର ନୂଆ ଲହର ଭାରତୀୟ ଅର୍ଥ ବ୍ୟବସ୍ଥା ଲାଗି ସଙ୍କଟ ସ୍ଥିତି ସୃଷ୍ଟି କରୁଥିବା ଏହି ଫିଚ୍ ସଲ୍ୟୁଶନ ପ୍ରକାଶ କରିଛି।

## ଭି ପକ୍ଷରୁ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୮।୪:** ଭୋଡାଫୋନ୍ ଆଇଡିଆ ଫାଉଣ୍ଡେଶନ ଯାଦୁ ଗିନି କା କାର୍ଯ୍ୟକ୍ରମ ଅଧୀନରେ ଆର୍ଥିକ ସାକ୍ଷରତାର ପ୍ରସାର ଲାଗି ପଦକ୍ଷେପ ଗ୍ରହଣ କରିଛି। ଭୁବନେଶ୍ୱରରେ ପିଏମ୍‌ଜିଦିଶା ଗଳି ଗଳି ଗାଁ ଗାଁ ଭ୍ୟାନ୍‌କୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପତାକା ଦେଖାଇ ଲୋକାର୍ପିତ କରିଛନ୍ତି। ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆର୍ଥିକ ଅନ୍ତର୍ଭୁକ୍ତୀକରଣ' ଲକ୍ଷ୍ୟର ଅଂଶସ୍ୱରୂପ ଟେଲିକମ୍ ଅପରେଟର୍ ଭି ଏହାର ସିଏସ୍‌ଆର୍ ଶାଖା ଭୋଡାଫୋନ୍ ଆଇଡିଆ ଫାଉଣ୍ଡେଶନ୍ ପକ୍ଷରୁ ଲର୍ନି ଲିଙ୍କ୍ସ ଫାଉଣ୍ଡେଶନ୍‌ର ସହଯୋଗ ଓ ସିଏସ୍‌ସିର ସହାୟତା ଜରିଆରେ ଯାଦୁ ଗିନି କା କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇଛି।

## ଖେଳ ଖବର

### କ୍ରିଷ୍ଣା ପୁନିଆଙ୍କୁ କରୋନା

**ନୂଆଦିଲ୍ଲୀ, ୧୮।୪(ପି.ଟି.):** ଦିଲ୍ଲୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟିନୀ କ୍ରିଷ୍ଣା ପୁନିଆ କରୋନା ସଂକ୍ରମିତ ହୋଇଛନ୍ତି। ରବିବାର ହୋଇଥିବା କୋଭିଡ୍ ଟେଷ୍ଟରେ ତାଙ୍କର ପଜିଟିଭ ଆସିଛି। ୪୩ ବର୍ଷୀୟା କ୍ରିଷ୍ଣା ୨୦୧୦ ଦିଲ୍ଲୀ ଗେମ୍ସ ମହିଳା ଡିସ୍‌କସ୍ ଥ୍ରୋ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଚିକିତ୍ସା ପାଇଁ ସେ ରାଜସ୍ଥାନ ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍‌ସେସ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସାମାନ୍ୟ ଜ୍ୱର ଓ କଫ ଅନୁଭବ କରିବାରୁ ପୁନିଆ ଶନିବାର କରୋନା ଟେଷ୍ଟ କରାଇଥିଲେ। ଫଳାଫଳ ନେଗେଟିଭ୍ ଆସିଥିଲା। ପରେ ରାଜସ୍ଥାନ ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍‌ସେସ ହସ୍ପିଟାଲରେ ସିଟି ସ୍କାନ କରିବା ପରେ ତାଙ୍କର ପଜିଟିଭ ଆସିଥିଲା ବୋଲି ତାଙ୍କ ସ୍ୱାମୀ ବୀରେନ୍ଦ୍ର ପୁନିଆ ପ୍ରକାଶ କରିଛନ୍ତି। କ୍ରିଷ୍ଣା ରାଜସ୍ଥାନର ସାଦୁଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ବିଧାୟିକା ଅଛନ୍ତି। ବର୍ତ୍ତମାନ ସେ ଡାକ୍ତରଖାନାରେ କିଛି ଦିନ ରହି ଚିକିତ୍ସିତ ହେବେ। ୫ ଦିନ ପରେ ତାଙ୍କର କୋଭିଡ୍ ଟେଷ୍ଟ ହେବ। ବୀରେନ୍ଦ୍ର କିଛିମାସ ପୂର୍ବେ କରୋନା ଆକ୍ରାନ୍ତ ହୋଇ ଆରୋଗ୍ୟ ଲାଭ କରିଛନ୍ତି। ତାଙ୍କ କହିବା ଅନୁସାରେ କ୍ରିଷ୍ଣା ଶୁକ୍ରବାର କୋଭିଡ୍ ଭ୍ୟାକ୍ସିନର ପ୍ରଥମ ଡୋଜ୍ ନେଇଛନ୍ତି।



### ସିତ୍‌ସିପାସ୍‌ଙ୍କୁ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟାଇଟଲ

**ମୋନାକୋ, ୧୮।୪ (ଏପି):** ଗୋଟିଏ ହେଲେ ସେଟ୍ ଡ୍ରପ୍ ନ କରି ଗ୍ରୀସ୍‌ର ଷ୍ଟିଫାନସ ସିତ୍‌ସିପାସ ମଣ୍ଟେ କାର୍ଲୋ ମାଷ୍ଟର୍ସ ଟେନିସ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ୬-୩, ୬-୩ ସେଟ୍‌ରେ ଆନ୍ଦ୍ରେ ରୁବ୍ଲେଭଙ୍କୁ ହରାଇ ଦେଇଛନ୍ତି। ଫଳରେ ସେ ଚଳିତବର୍ଷ ତାଙ୍କର ପ୍ରଥମ ଏବଂ ମୋଟ ଉପରେ ୬ଷ୍ଠ ଟାଇଟଲ ହାସଲ କରିଛନ୍ତି। ୨୨ ବର୍ଷୀୟ ସିତ୍‌ସିପାସ ଗତବର୍ଷ ଫେବୃୟାରୀରେ ମର୍ସିଲିଠାରେ ଓପନ୍ ୧୩ ଇନ୍‌ଡୋର ଟୁର୍ନାମେଣ୍ଟ ଜିତିଥିଲେ।

# ଶ୍ରୀହରି ନଟରାଜଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ

**ତାସ୍‌କେଣ୍ଟ, ୧୮।୪(ପି.ଟି.)**

ଭାରତର ଅଗ୍ରଣୀ ସନ୍ତରଣକାରୀ ଶ୍ରୀହରି ନଟରାଜ ଏଠାରେ ଚାଲିଥିବା ଉଜ୍‌ବେକିସ୍ତାନ ଓପନ ଚାମ୍ପିୟନଶିପ୍‌ରେ ୫୦ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିବା ସହ ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୨୦ ବର୍ଷୀୟ ଏହି ସନ୍ତରଣକାରୀ ୨୫.୧୧ ସେକେଣ୍ଡ ଟାଇମିଂରେ ଫିନା (ଇଣ୍ଟରନ୍ୟାଶନାଲ ସୁଇମିଂ ଫେଡେରେଶନ) ସ୍ୱୀକୃତିପ୍ରାପ୍ତ ଏହି ଅଲିମ୍ପିକ କ୍ୱାଲିଫାଇଂ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଚାମ୍ପିୟନଶିପ୍‌ରେ ଭାରତୀୟ ସନ୍ତରଣକାରୀମାନେ ୧୮ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ମୋଟ ୨୯ ପଦକ ଜିତିସାରିଲେଣି। ଶ୍ରୀହରି ଦୁଇଦିନ ମଧ୍ୟରେ ତାଙ୍କର ତୃତୀୟ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଚଳିତ ସପ୍ତାହ ପ୍ରଥମ ଭାଗରେ ବେଙ୍ଗାଲୁରୁର ଏହି ସନ୍ତରଣକାରୀ ତାଙ୍କ ଫେଭରାଇଟ୍ ୧୦୦ମିଟର ବ୍ୟାକଷ୍ଟ୍ରୋକ୍‌ରେ ଦୁଇଥର ଜାତୀୟ ରେକର୍ଡ ଭଙ୍ଗ କରିସାରିଛନ୍ତି। ୧୦୦ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଶ୍ରୀହରି ଟୋକିଓ ଅଲିମ୍ପିକ୍ସ ପାଇଁ ବି' ଷ୍ଟାଣ୍ଡାର୍ଡ ଟାଇମ୍ ହାସଲ କରିସାରିଛନ୍ତି। ହିଟ୍‌ରେ ସେ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ୫୪.୧୦ ସେକେଣ୍ଡ ହାସଲ କରିଥିଲେ। ପରେ ଫାଇନାଲରେ ୫୪.୦୭ ସେକେଣ୍ଡ ଟାଇମିଂରେ ତାଙ୍କ ରେକର୍ଡକୁ ଭଙ୍ଗ କରିବା ସହ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସେ ମାତ୍ର ୦.୨୨ ସେକେଣ୍ଡ ଟାଇମିଂ ପାଇଁ ଅଲିମ୍ପିକ ଏ' କ୍ୱାଲିଫିକେଶନ ଅଙ୍କ ହାସଲ କରିପାରି ନ ଥିଲେ। ଅନ୍ୟଜଣେ ଅଲିମ୍ପିକ ଆଶାୟୀ ସଜନ ପ୍ରକାଶ ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ସେ ଭାଗ ନେଇଥିବା ସମସ୍ତ ୪ଟି କାଟେଗୋରିରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କେରଳର ଏହି ସନ୍ତରଣକାରୀ ୫୩.୬୯ ସେକେଣ୍ଡ ଟାଇମିଂ ୧୦୦ମିଟର ବଟରଫ୍ଲାଏ ଫାଇନାଲ ଜିତି ସ୍ୱର୍ଣ୍ଣ ପଦକ ପାଇଥିଲେ। ଅନ୍ୟପକ୍ଷରେ ମହିଳା ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍ ଇଭେଣ୍ଟରେ ମାନା ପଟେଲ ଓ ସୁଭନା ବାସ୍କର ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲେ। ବାସ୍କର ତାଙ୍କ ଶ୍ରେଷ୍ଠ ଟାଇମିଂ ୩୦.୨୮ ସେକେଣ୍ଡ ସହ ତାଙ୍କ ରେସ୍ ଶେଷ କରିଥିଲେ। ଶ୍ରୀହରିଙ୍କ ଭଳି ୨୦୧୬ ରିଓ ଅଲିମ୍ପିକ୍ସରେ ଦେଶରୁ ଭାଗ ନେଇଥିବା ଏକମାତ୍ର ପୁରୁଷ ସନ୍ତରଣକାରୀ ସଜନ ମଧ୍ୟ ଟୋକିଓ ଗେମ୍ସ ପାଇଁ ଏ' ଷ୍ଟାଣ୍ଡାର୍ଡ ଟାଇମ୍ ହାସଲ କରିପାରି ନ ଥିଲେ। ସଜନ ମଙ୍ଗଳବାର ତାଙ୍କ ଫେଭରାଇଟ୍ ୨୦୦ମିଟର ବଟରଫ୍ଲାଏ ଇଭେଣ୍ଟରେ ଭାଗ ନେଇଥିଲେ। ସେ ୧.୫୪.୫୭ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିବାରୁ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିପାରି ନ ଥିଲେ। ଅଲିମ୍ପିକ ଯୋଗ୍ୟତା ହାସଲ ପାଇଁ ସର୍ବନିମ୍ନ ଟାଇମିଂ ୧: ୫୬.୪୮ ସେକେଣ୍ଡ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ, ଯଦି ଏ' ଷ୍ଟାଣ୍ଡାର୍ଡ ଟାଇମିଂ ହାସଲ କରିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରୁ କେହି ଅଲିମ୍ପିକ୍ସରୁ ଓହରିଯାଏ ତେବେ ଅଲିମ୍ପିକ୍ସ ବି' ଷ୍ଟାଣ୍ଡାର୍ଡ ଟାଇମ୍ ହାସଲ କରିଥିବା ପ୍ରତିଯୋଗୀଙ୍କୁ ସୁଯୋଗ ଦିଆଯାଇଥାଏ। ସଜନ ଓ ଶ୍ରୀହରିଙ୍କ ବ୍ୟତୀତ ଅନ୍ୟ ୪ଜଣ ଭାରତୀୟ ବି' ଷ୍ଟାଣ୍ଡାର୍ଡ ଟାଇମିଂ ହାସଲ କରିଛନ୍ତି। ସେମାନେ ହେଲେ ବିର୍ଦ୍ଧୱାଲ ଖାଡେ, କୁଶାଗ୍ରା ରାୱତ, ଆର୍ୟନ ମାକ୍ଷିଜା ଓ ଆଡଭେଟ୍ ପେଜ୍। ଟୋକିଓ ଅଲିମ୍ପିକ୍ସ ପାଇଁ ଏ ପର୍ଯ୍ୟନ୍ତ ଜଣେ ହେଲେ ଭାରତର ଏ' ଷ୍ଟାଣ୍ଡାର୍ଡ ଟାଇମିଂ ହାସଲ କରିପାରିନାହାନ୍ତି।



ଶ୍ରୀହରି ନଟରାଜ

## ଫର୍ମୁଲା ୱାନ୍ କ୍ୟାଲେଣ୍ଡରରେ ମାୟାମି ଗ୍ରାଁ ପ୍ରି



**ମାୟାମି, ୧୮।୪(ଏପି):** ଆସନ୍ତାବର୍ଷ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ରେ ଦୁଇଟି ଫର୍ମୁଲା ୱାନ ରେସ୍ ହେବ। ନୂତନ ଭାବେ ମାୟାମି ଗ୍ରାଁ ପ୍ରିକୁ ୨୦୨୨ କ୍ୟାଲେଣ୍ଡରରେ ସାମିଲ କରାଯିବ। ଏଥିଲାଗି ୧୦ ବର୍ଷିଆ ଚୁକ୍ତି ହୋଇଛି। ବର୍ତ୍ତମାନ ଟେକ୍ସାସ ଅନ୍ତର୍ଗତ ଅଷ୍ଟିନ୍‌ଠାରେ ରହିଥିବା ସର୍କିଟ ଅଫ୍ ଦି ଆମେରିକାଜ୍‌ରେ ଗ୍ରାଁ ପ୍ରି ଅନୁଷ୍ଠିତ ହୋଇଆସୁଛି। ୨୦୨୨ରେ ମାୟାମିରେ ଫର୍ମୁଲା ୱାନ ରେସ୍ ଆରମ୍ଭ ହେବ। ଏଥିପାଇଁ ଆମର ଉତ୍କଣ୍ଠା ରହିଛି ବୋଲି ଫର୍ମୁଲା ୱାନ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଷ୍ଟିଫାନୋ ଡୋମେନିକାଲି ପ୍ରକାଶ କରିଛନ୍ତି। ୟୁଏସ୍‌ଏରେ ବଡ଼ ବଜାର ରହିଛି। ତେଣୁ ଦ୍ୱିତୀୟ ରେସ୍ ଆୟୋଜନ ନେଇ ଆମେ ଉତ୍ସାହିତ ବୋଲି ସେ କହିଛନ୍ତି। ମାୟାମିରେ ପ୍ରଥମଥର ଫର୍ମୁଲା ୱାନ୍ ରେସ୍ ଆୟୋଜନ ହେବାକୁ ଯାଉଥିବାବେଳେ ଫ୍ଲୋରିଡ଼ାରେ ୧୯୫୯ରୁ ରେସ୍ ଅନୁଷ୍ଠିତ ହୋଇ ଆସୁଛି। ମାୟାମି ଗାର୍ଡେନ୍ସ ଅନ୍ତର୍ଗତ ହାର୍ଡ ରକ୍ ଷ୍ଟାଡିୟମ କମ୍ପ୍ଲେକ୍ସଠାରେ ଏକ ନୂଆ ସର୍କିଟରେ ମାୟାମି ଗ୍ରାଁ ପ୍ରି ହେବ। ୫.୪୧ କିଲୋମିଟର ( ୩.୩୬ ମାଇଲ) ଦୀର୍ଘ ବିଶିଷ୍ଟ ଏହି ସର୍କିଟରେ ୧୯ଟି କର୍ନର ଏବଂ ୩ଟି ଷ୍ଟ୍ରେଟ୍ ରହିଛି। ଏଥିରେ ସର୍ବାଧିକ ଘଣ୍ଟାପ୍ରତି ୩୨୦ କିଲୋମିଟର ବେଗରେ ଗାଡ଼ି ଚଳାଇ ହେବ।

## ଅନ୍ତର୍ଜାତୀୟ ମହିଳା ହକି ଅମ୍ପାୟରଙ୍କ ଅକାଳ ବିୟୋଗ

**ନୂଆଦିଲ୍ଲୀ, ୧୮।୪(ପି.ଟି.)**

କୋଭିଡ୍ ସମ୍ବନ୍ଧୀୟ ଜଟିଳତା ଯୋଗୁ ପୂର୍ବତନ ଅନ୍ତର୍ଜାତୀୟ ମହିଳା ହକି ଅମ୍ପାୟର ଅନୁପମା ପୁଞ୍ଚିମାଣ୍ଡାଙ୍କ ବେଙ୍ଗାଲୁରୁରେ ଅକାଳ ମୃତ୍ୟୁ ଘଟିଛି। ତାଙ୍କୁ ୪୦ ବର୍ଷ ହୋଇଥିଲା। ଅନୁପମା ବହୁ ମର୍ଯ୍ୟାଦାପୂର୍ଣ୍ଣ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ପରିଚାଳନା କରିଛନ୍ତି। ତନ୍ମଧ୍ୟରେ ସାଣ୍ଟିଆଗୋରେ ୨୦୦୫ ବିଡିଓ ଜୁନିୟର ୱାର୍ଲ୍ଡ କପ୍ (ମହିଳା), ୨୦୧୩ରେ ଦିଲ୍ଲୀରେ ହିରୋ ହକି ୱାର୍ଲ୍ଡ ଲିଗ୍ ରାଉଣ୍ଡ-୨ (ମହିଳା) ଏବଂ କୁଆଲାଲମ୍ପୁରଠାରେ ୨୦୧୩ ମହିଳା ଏସିଆ କପ୍ ଅନ୍ତର୍ଭୁକ୍ତ। ଅନୁପମାଙ୍କ ବିୟୋଗରେ ହକି ଇଣ୍ଡିଆ ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି। ଭାରତର ଯେଉଁ ଅଳ୍ପ କେତେଜଣ ଅମ୍ପାୟର ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ପରିଚାଳନା କରି ସୁନାମ ଅର୍ଜନ କରିଛନ୍ତି ସେମାନଙ୍କ ମଧ୍ୟରେ ଅନୁପମା ଅନ୍ୟତମ ବୋଲି ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ର ନିଗୋମବାମ ପ୍ରକାଶ କରିଛନ୍ତି।



ଅନୁପମା ପୁଞ୍ଚିମାଣ୍ଡା

### ୫ ଭାରତୀୟ କ୍ୱାର୍ଟରଫାଇନାଲରେ

**ନୂଆଦିଲ୍ଲୀ, ୧୮।୪ (ପି.ଟି.):** ପୋଲାଣ୍ଡର କିଲ୍‌ସିଠାରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଚାଲିଥିବା ଯୁଥ୍ ବକ୍ସିଂ ବିଶ୍ୱଚାମ୍ପିୟନଶିପ୍‌ରେ ଭାରତର ୫ ବକ୍ସର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ମହିଳାଙ୍କ ମଧ୍ୟରେ ଗୀତିକା (୪୮କେଜି) କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଅନ୍ୟପକ୍ଷରେ ପୁରୁଷ ବିଭାଗରେ ଏସିଆନ ରୌପ୍ୟ ବିଜେତା ଅଙ୍କି ନରୱାଲ (୬୪କେଜି), ବିଶ୍ୱାମିତ୍ର ଚୋଙ୍ଗ୍‌ଥାମ (୪୯କେଜି), ସଚିନ (୫୬କେଜି) ଓ ବିଶାଲ ଗୁପ୍ତା (୯୧କେଜି) କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଦେଶ ପାଇଁ ପଦକ ଜିତିବାକୁ ହେଲେ ସେମାନଙ୍କୁ ଆଉ ଗୋଟିଏ ମାତ୍ର ବିଜୟ ଆବଶ୍ୟକ। ଲାଟିଭିଆର ବିଟ୍ରିଜ୍ ରୋଜେନ୍‌ଟେଲଙ୍କଠାରୁ ୧-୪ରେ ପରାସ୍ତ ହେବା ପରେ ନିଶା ଗୁର୍ଜାରଙ୍କ ଅଭିଯାନ ଶେଷ ହୋଇଛି।

## ଦୀପକ ପୁନିଆଙ୍କୁ ରୌପ୍ୟ ପଦକ

**ଅଲମାଟି (କାଜାଖସ୍ତାନ), ୧୮।୪ (ପି.ଟି.)**

**ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍**

ଏଠାରେ ଚାଲିଥିବା ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ଭାରତର ଦୀପକ ପୁନିଆ ରୌପ୍ୟ ପଦକ ହାସଲ କରିଛନ୍ତି। ଫାଇନାଲରେ ସେ ତାଙ୍କ ଆଦର୍ଶ ତଥା ଇରାନିଆନ୍ କିମ୍ବଦନ୍ତୀ ହସନ ୟାଜଦାନିଚାରାତିଙ୍କଠାରୁ ହାରିଯାଇଛନ୍ତି। ସେହିପରି ସଞ୍ଜିତ ଦେଶ ପାଇଁ ଏକ ବ୍ରୋଞ୍ଜ ପଦକ ଆଣିଦେଇଛନ୍ତି। ୮୬କେଜି ଶ୍ରେଣୀ ଫାଇନାଲରେ ଇରାନିଆନ୍ ରେସ୍‌ଲରଙ୍କ ଆକ୍ରମଣାତ୍ମକ ପ୍ରଦର୍ଶନ ଆଗରେ ଦୀପକ ତିଷ୍ଠି ପାରି ନ ଥିଲେ। ୨୦୧୬ ଅଲିମ୍ପିକ ଚାମ୍ପିୟନ ତଥା ଦୁଇଥର ବିଶ୍ୱ ଚାମ୍ପିୟନଙ୍କ ସହିତ ଦୀପକଙ୍କ ଏହା ଥିଲା ଦ୍ୱିତୀୟ ମୁକାବିଲା। କିନ୍ତୁ ଏଠାରେ ସେ ପ୍ରଥମ ଥର ତାଙ୍କୁ ଚ୍ୟାଲେଞ୍ଜ ଦେଇଥିଲେ। କାରଣ ଗୋଡ଼ରେ ଇଞ୍ଜୁରି ଯୋଗୁ ଏହି ଇରାନିଆନ ରେସ୍‌ଲରଙ୍କ ବିପକ୍ଷ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍ ଫାଇନାଲରୁ ଦୀପକ ଓହରିଯାଇଥିଲେ। ରବିବାର ପୋଡିୟମ ଫିନିଶ କରିଥିବା ଅନ୍ୟ ଜଣେ ଭାରତୀୟ ରେସ୍‌ଲର ହେଲେ ସଞ୍ଜିତ (୯୨କେଜି)। ବ୍ରୋଞ୍ଜ ପ୍ଲେ-ଅଫ୍‌ରେ ସେ ଉଜବେକିସ୍ତାନର ରୁସ୍ତମ ଶୋଦିଭଙ୍କୁ ୧୧-୮ରେ ହରାଇ ଦେଇଥିଲେ। ପୁରୁଷ ଫ୍ରିଷ୍ଟାଇଲ ଇଭେଣ୍ଟରେ ଓଭର ଅଲ୍ ଭାରତ ୭ ପଦକ ଜିତିଥିଲା। କେବଳ ଦୀପକ ଡାହିୟା (୫୭କେଜି) ଏକ ସ୍ୱର୍ଣ୍ଣ ଜିତିବାରେ ସଫଳ ରହିଥିଲେ। ରବିନ୍ଦର (୬୧କେଜି) କିରଗିଜସ୍ତାନର ଇକ୍ରୋମଝୋନ୍ ଖାଦିମଉରୁଦୋଭ୍‌ଙ୍କ ବିପକ୍ଷ ତାଙ୍କ ବ୍ରୋଞ୍ଜ ପ୍ଲେ-ଅଫ୍ ଟେକ୍ନିକାଲ ସୁପରିଅରିଟିରେ ହାରିଯାଇଥିଲେ।



ଦୀପକ ପୁନିଆ



ଗାୟିକା ନେହା କକ୍କର ଏବଂ ତାଙ୍କ ସ୍ୱାମୀ ରୋହନପ୍ରିତ୍ ସିଂହଙ୍କ ଯୋଡ଼ି ମ୍ୟୁଜିକ ଇଣ୍ଡଷ୍ଟ୍ରିରେ ବେଶ ପ୍ରସିଦ୍ଧ। ଏବେ ଦୁଇଜଣ କିଛି ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏଥିରେ ନେହା ଏବଂ ରୋହନ ଘରେ ବସି ଗିଟାର ବଜାଉଥିବା ନଜର ଆସିଛନ୍ତି। ନେହାଙ୍କ ଘର ବହୁତ ସାଧାରଣ ଆଉ ସୁନ୍ଦର ଡିଜାଇନ ହୋଇଛି। ଏହା ସହ ନେହା ତାଙ୍କ ପିଲାଦିନେ ରହୁଥିବା ଘରର ଫଟୋ ବି ଶେୟାର କରିଛନ୍ତି। ଏଥିରେ କ୍ୟାପଶନ ଲେଖିଛନ୍ତି, ମୁଁ ଏହି ଘରେ ଜନ୍ମ ହୋଇଥିଲି। ଏହି ଘରେ ଆମେ ସମସ୍ତେ ରହୁଥିଲୁ। ଏଠାରେ ମୋ' ମା ରୋଷେଇ କରୁଥିଲେ। ଛୋଟ ଏକ ଟେବୁଲ ବି ଥିଲା। ଏହି ଫଟୋ ଶେୟାର କରି ନେହା ତାଙ୍କ ସଂଘର୍ଷ ଜୀବନ ବିଷୟରେ ଜଣାଇଛନ୍ତି।

# ଏଲିଏନ୍ ଖୋଜିବ ଟେଲିସ୍କୋପ୍

**ଆମେରିକୀୟ ସ୍ପେସ୍ ଏଜେନ୍ସି ନାସା ଦ୍ୱାରା ଚଳିତବର୍ଷ ମହାକାଶରେ ସ୍ଥାପିତ ହେବାକୁ ଯାଉଛି ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ୍ (ଜେଡବ୍ଲ୍ୟୁଏସ୍‌ଟି)। ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ ସଫଳ ହେଲେ ମହାକାଶ ଗବେଷଣାରେ କ୍ରାନ୍ତି ଆସିବ। ପୃଥିବୀ ବାହାରେ ଥିବା ଜୀବଜଗତ ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପଦାକୁ ଆସିବ। ଏପରି କି ଏଲିଏନ୍‌ଙ୍କ ବିଷୟରେ ବହୁ ରହସ୍ୟ ଉନ୍ମୋଚିତ ହେବା ସମ୍ଭାବନା ରହିଛି।**



**ନୂଆଦିଲ୍ଲୀ:** ପୃଥିବୀ ବାହାରେ ଜୀବନ ଖୋଜିବା ଲାଗି ଦୀର୍ଘଦିନରୁ ଉଦ୍ୟମ ଚଳାଇଛନ୍ତି ବୈଜ୍ଞାନିକ ଏବଂ ମହାକାଶ ବିଜ୍ଞାନୀ। ତେବେ ଏଥିଲାଗି ବ୍ୟାପକ ସୁବିଧା ନାହିଁ। ସୀମିତ ସାଧନ ଭିତରେ ଏହି କାର୍ଯ୍ୟ ଜାରି ରହିଛି। ମହାକାଶରେ କାର୍ଯ୍ୟକ୍ଷମ ହବଲ ଅପ୍ଟିକାଲ ଟେଲିସ୍କୋପ୍ ଉପରେ ବୈଜ୍ଞାନିକମାନେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ତେବେ ଚଳିତବର୍ଷ ନାସା ପକ୍ଷରୁ ମହାକାଶକୁ ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ୍ (ଜେଡବ୍ଲ୍ୟୁଏସ୍‌ଟି) ଛଡ଼ାଯିବା ଯୋଜନା ରହିଛି। ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ କାର୍ଯ୍ୟରେ ସଫଳତା ମିଳିଲେ ୪-୫ ବର୍ଷ ଭିତରେ ଏଲିଏନ୍‌ଙ୍କ ସହ ସମ୍ପର୍କ ସ୍ଥାପିତ ହୋଇଯିବ ବୋଲି ବୈଜ୍ଞାନିକମାନେ ଦୃଢ଼ ଆଶାବାଦୀ ଅଛନ୍ତି।

ସୌରମଣ୍ଡଳ ବାହାରେ ଜୀବନ ସଞ୍ଚାର ହୋଇପାରିବା ଭଳି ଅନେକ ଗ୍ରହ ରହିଛନ୍ତି। ପୃଥିବୀଠାରୁ ଏମାନଙ୍କ ଦୂରତ୍ୱ ବହୁ ଲକ୍ଷ କିଲୋମିଟର। ଏଭଳି ଗ୍ରହଗୁଡ଼ିକ ସୁପର ଆର୍ଥ ଭାବେ ନାମିତ। ବୈଜ୍ଞାନିକମାନେ ଏପରି ଗ୍ରହକୁ ଠାବ କରୁଛନ୍ତି ସତ, ହେଲେ ସେଠାରେ ମଣିଷ ବଞ୍ଚିବା ଭଳି କେଉଁ ସାଧନ ରହିଛି ଏବଂ କାହାର ଅଭାବ ରହିଛି ସେ ସମ୍ପର୍କିତ ସ୍ପଷ୍ଟ ତଥ୍ୟ ମିଳିପାରୁନାହିଁ। ମହାକାଶରେ ଜେଡବ୍ଲ୍ୟୁଏସ୍‌ଟି ସ୍ଥାପନ ହେଲେ ଏସବୁ ସମସ୍ୟାର ସରଳ ସମାଧାନ ହୋଇପାରିବ। ଏପରି କି ୫-୧୦ ବର୍ଷ ଭିତରେ ଅନ୍ୟ ଗ୍ରହରେ ଜୀବନ ଖୋଜାଯାଇପାରିବ।

ଓହିଓ ଷ୍ଟେଟ୍ ୟୁନିଭର୍ସିଟିର ଗ୍ରାଜୁଏଟ୍ ଛାତ୍ର କେପ୍ରାଇସ୍ ଫିଲିପ୍ ଚଳିତ ମାସରେ ପ୍ରେସ୍ କନ୍‌ଫରେନ୍ସରେ ଏ ସମ୍ପର୍କିତ ବିସ୍ତୃତ ତଥ୍ୟ ଦେବେ। ଫିଲିପ୍‌ଙ୍କ ଟିମ୍ ଏଥିଲାଗି ଏକ ମଡେଲ ପ୍ରସ୍ତୁତ କରିଛନ୍ତି, ଯାହା ଜେଡବ୍ଲ୍ୟୁଏସ୍‌ଟିରେ ଲାଗିଥିବା ଅତ୍ୟାଧୁନିକ ଉପକରଣ ମାଧ୍ୟମରେ ଦୂରବର୍ତ୍ତୀ ଗ୍ରହର ବାୟୁମଣ୍ଡଳ, ଏଠାରେ ଜଳକଣା ସୃଷ୍ଟିର ଉତ୍ସ ଅଛି କି ନାହିଁ, ସୃଷ୍ଟି ହେଉଥିବା ବାଦଲର ରୂପରେଖ ସମ୍ପର୍କରେ ବହୁ ସୂଚନା ଦେବ। ବିଶ୍ୱବ୍ରହ୍ମାଣ୍ଡରେ କେବଳ ପୃଥିବୀ ମଣିଷ ବାସୋପଯୋଗୀ ନା ଏଭଳି ଅନେକ ଗ୍ରହ ଅଛି, ତାହା ଏହି ଟେଲିସ୍କୋପ୍ ଦ୍ୱାରା ସ୍ପଷ୍ଟ ହୋଇଯିବ ବୋଲି ଫିଲିପ୍ କହିଛନ୍ତି।

ଫିଲିପ୍ ଆହୁରି ମଧ୍ୟ କହିଛନ୍ତି, ପୃଥିବୀ ବାହାରେ ଜୀବନକୁ ନେଇ ବହୁ ଅସମାହିତ ପ୍ରଶ୍ନ ରହିଛି। ଏହାକୁ ଜାଣିବା ଅତ୍ୟନ୍ତ ଜରୁରୀ। ଏଥିଲାଗି ଜେଡବ୍ଲ୍ୟୁଏସ୍‌ଟି ପ୍ରକଳ୍ପର ପରିକଳ୍ପନା କରାଯାଇଛି। ଏହା ଅତ୍ୟାଧୁନିକ ଜ୍ଞାନକୌଶଳରେ ସମୃଦ୍ଧ। ଆଉ କିଛି ପରୀକ୍ଷା ନିରୀକ୍ଷା ବାକି ରହିଥିବାରୁ ଏହି ଟେଲିସ୍କୋପ୍ ଉତ୍‌ପ୍ରେକ୍ଷଣରେ ସାମାନ୍ୟ ବିଳମ୍ବ ହେଉଛି। ନିକଟରେ ତୀବ୍ର ଝଟ୍‌କା ସହିବା ଭଳି କ୍ଷମତା ହାସଲ କରିଛି ଜେଡବ୍ଲ୍ୟୁଏସ୍‌ଟି, ଯାହା ଏହି ପ୍ରକଳ୍ପକୁ ଆଉ ଏକ ପାଦ ଆଗକୁ ନେଇଛି। ଏହାକୁ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଛି। ଜେଡବ୍ଲ୍ୟୁଏସ୍‌ଟି ପୃଥିବୀର ସବୁଠାରୁ ଶକ୍ତିଶାଳୀ ଏବଂ ବଡ଼ ଟେଲିସ୍କୋପ୍ ବୋଲି ସେ ସୂଚନା ଦେଇଛନ୍ତି।

# ଉର୍ବଶୀଙ୍କୁ ବ୍ଲକ୍ କରିଥିଲେ ପନ୍ତ



**ବମ୍ବେ:** ଅଭିନେତ୍ରୀଙ୍କ ସହ କ୍ରିକେଟରଙ୍କ ନାମ ଯୋଡ଼ା ଯିବା ନୂଆ କଥା ନୁହେଁ। ସେଥିରୁ କିଛି ସତ ଥିବା ବେଳେ କିଛି ଗୁଜବ ବୋଲି ଜଣାପଡ଼େ। ସେଭଳି ଚର୍ଚ୍ଚାରୁ ଗୋଟିଏ ହେଲା ଅଭିନେତ୍ରୀ ଉର୍ବଶୀ ରୌତେଲା ଏବଂ ଉଇକେଟ କିପର ତଥା ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କ କାହାଣୀ। ୨୦୧୯ରେ ପନ୍ତଙ୍କ ସହ ଉର୍ବଶୀ ରୌତେଲାଙ୍କ ନାମ ଯୋଡ଼ା ଯାଇଥିଲା। ଉଭୟ ପରସ୍ପରକୁ ଡେଟ କରୁଥିବା ନେଇ ଖବର ଶୁଣିବାକୁ ମିଳିଥିଲା। ହେଲେ କିଛି ଦିନ ପରେ ପୁନଃ ସେମାନେ ଅଲଗା ହୋଇ ଯାଇଥିବା କୁହାଯାଇଥିଲା। ନିକଟରେ ଜଣେ ପ୍ରଶଂସକ ଉର୍ବଶୀ କେଉଁ କ୍ରିକେଟରଙ୍କୁ ପସନ୍ଦ କରନ୍ତି ବୋଲି ତାଙ୍କୁ ପଚାରିଥିଲେ। ଅଭିନେତ୍ରୀ ଜଣକ କ୍ରିକେଟ ଦେଖନ୍ତି ନାହିଁ ବୋଲି ଉତ୍ତର ଦେଇଥିଲେ। ସେ ହୃଦୟରୁ କେବଳ ସଚିନ ତେନ୍ଦୁଲକର ଏବଂ ବିରାଟ କୋହଲିଙ୍କୁ ସମ୍ମାନ କରନ୍ତି ବୋଲି କହିଥିଲେ। ଯେତେବେଳେ ଉର୍ବଶୀଙ୍କ ସହ ସମ୍ପର୍କ ନେଇ ଚର୍ଚ୍ଚା ହେଉଥିଲା, ସେତେବେଳେ ଖରାପ ସମୟ ଦେଇ ଗତି କରୁଥିଲେ ପନ୍ତ। ଉର୍ବଶୀ ତାଙ୍କ ସହ ବାରମ୍ବାର କଥା ହେବାକୁ ଚେଷ୍ଟା କରୁଥିବାରୁ ପନ୍ତ ତାଙ୍କୁ ହ୍ୱାଟ୍ସଆପ୍‌ରେ ବ୍ଲକ କରିଦେଇଥିଲେ। ପରେ ପନ୍ତ୍ ଈଶା ନେଗିଙ୍କ ପ୍ରେମରେ ପଡ଼ିଥିବା ଜଣାପଡ଼ିଥିଲା। ଏବେ ପନ୍ତ ଈଶାଙ୍କ ସହ ରିଲେସନଶିପ୍‌ରେ ଅଛନ୍ତି।

# ସବୁଠୁ ଦାମୀ ତରଳ ପଦାର୍ଥ ବିଛା ବିଷ

**ନୂଆଦିଲ୍ଲୀ:** ବିଶ୍ୱର ସବୁଠୁ ଦାମୀ ତରଳ ପଦାର୍ଥ ହେଉଛି କଙ୍କଡ଼ା ବିଛାର ବିଷ। ଏହା ନିଶ୍ଚିତ ଭୟଙ୍କର। କିନ୍ତୁ ଏହା ବିଶ୍ୱର ସବୁଠୁ ମୂଲ୍ୟବାନ ତରଳ ପଦାର୍ଥ। ଏକ ଗ୍ୟାଲନ ତଥା ପ୍ରାୟ ୪ ଲିଟର କଙ୍କଡ଼ା ବିଛା ବିଷର ମୂଲ୍ୟ ୩୯ ନିୟୁତ ଡଲାର। ଭାରତୀୟ ମୂଲ୍ୟରେ ୨୯୦ କୋଟି ଟଙ୍କାରୁ ଅଧିକ। ଟଙ୍କା ଥିଲେ ମଧ୍ୟ ଏହାକୁ କିଣିବା କଷ୍ଟକର। ଚିନିର ଏକ ଦାନା ଭଳି ବୁନ୍ଦାଏ କଙ୍କଡ଼ା ବିଛା ବିଷ ପାଇଁ ୧୩୦ ଡଲାର ଅର୍ଥାତ ୯.୬ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଏହା ପଛର କାରଣ ଅତି ସରଳ। ଥରେକେ ଗୋଟିଏ କଙ୍କଡ଼ା ବିଛାଠାରୁ କେବଳ ୨ ମିଲିଗ୍ରାମ ବିଷ ମିଳିଥାଏ। ଏବେ ମନକୁ ପ୍ରଶ୍ନ ଆସିବା ସ୍ୱାଭାବିକ ଏହା କେଉଁ କାର୍ଯ୍ୟରେ ଲାଗେ? ବିଭିନ୍ନ ପ୍ରକାର ଦୂରାରୋଗ୍ୟର ଔଷଧ ଏହି ବିଷରୁ ତିଆରି ହୋଇଥାଏ। ମସ୍ତିଷ୍କ ଓ ମେରୁଦଣ୍ଡରେ କର୍କଟ ରୋଗୀଙ୍କ ଚିକିତ୍ସା କ୍ଷେତ୍ରରେ ଏହା ବ୍ୟବହୃତ ହୋଇଥାଏ। ବିଷରୁ ମିଳୁଥିବା କାଲିଓଟକ୍ସିନ ହାଡ଼ ଜନିତ ସମସ୍ୟା ଦେଇ ଗତି କରୁଥିବା ମୂଷାକୁ ଦିଆଯାଏ। ବୈଜ୍ଞାନିକଙ୍କ ମତରେ ଏହା ମଣିଷଙ୍କ କ୍ଷେତ୍ରରେ ମଧ୍ୟ କାମ ଦେଇପାରେ। କେବଳ ଏତିକି ନୁହେଁ, ମେଡିକାଲ ସାଇନ୍ସରେ ଏହାର ଆହୁରି ଉପକାରିତା ରହିଛି।



## ସାଲାଡ ପ୍ୟାକେଟ୍‌ରେ ସାପ




**ସିଡନୀ:** ଅଷ୍ଟ୍ରେଲିଆର ସିଡନୀ ସହରରେ ଜଣେ ବ୍ୟକ୍ତି କିଣିଥିବା ଏକ ସାଲାଡ ପ୍ୟାକେଟରୁ ବିଷଧର ସାପ ବାହାରିବା ପରେ ତାହା ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଆଲେକଜାଣ୍ଡାର ହ୍ୱାଇଟ ଏବଂ ତାଙ୍କ ସ୍ତ୍ରୀ ଏମିଲି ନେଟି ସିଡ୍‌ନୀର ଏକ ସୁପରମାର୍କେଟରୁ ପନିପରିବା ଓ ସାଲାଡ ପ୍ୟାକେଟ କିଣିଥିଲେ। ଘରେ ପ୍ୟାକେଟ ଖୋଲିବାରୁ ସେଥିରୁ ବିଷଧର ସାପ ବାହାରିଥିଲା। ଏହା ଦେଖି ସେମାନେ ଭୟଭୀତ ହୋଇଯାଇଥିଲେ। ପରେ ସାପଟିକୁ ଜଙ୍ଗଲରେ ଛାଡ଼ି ଦେଇଥିଲେ।

# କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, କେନ୍ଦ୍ରାପଡ଼ା, କଟକ, ଗଜପତି, ଗଞ୍ଜାମ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୋନପୁର, ରାୟଗଡ଼ା, ମାଲକାନଗିରି ବଲାଙ୍ଗୀର ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇପାରେ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାଗ ମେଘୁଆ ରହିବା ସହ କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ସୋମବାର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୪ | ୨୩.୨ |
| ଚାନ୍ଦବାଲି | ୩୬.୯ | ୨୪.୦ |
| କଟକ | ୩୬.୨ | ୨୫.୦ |
| ପାରାଦୀପ | ୩୨.୧ | ୨୭.୫ |
| ଭୁବନେଶ୍ୱର | ୩୮.୬ | ୨୫.୫ |
| ଗୋପାଳପୁର | ୩୧.୬ | ୨୭.୨ |
| ପୁରୀ | ୩୨.୮ | ୨୭.୬ |
| ଅନୁଗୋଳ | ୩୯.୯ | ୨୫.୬ |
| ବାରିପଦା | ୩୭.୨ | ୨୦.୬ |
| ଝାରସୁଗୁଡ଼ା | ୩୯.୫ | ୨୫.୬ |
| କେନ୍ଦୁଝର | ୩୬.୪ | ୨୧.୬ |
| ସମ୍ବଲପୁର | ୩୯.୦ | ୨୬.୧ |
| ସୁନ୍ଦରଗଡ଼ | ୩୭.୫ | ୨୦.୫ |
| ହୀରାକୁଦ | ୩୯.୧ | ୨୫.୧ |
| ତାଳଚେର | ୩୯.୭ | ୨୪.୩ |
| ଭବାନୀପାଟଣା | ୪୦.୨ | ୨୬.୫ |
| ବଲାଙ୍ଗୀର | --- | ୨୫.୦ |
| କୋରାପୁଟ | ୩୪.୫ | ୨୦.୨ |
| ଫୁଲବାଣୀ | ୩୭.୫ | ୨୨.୫ |
| ଟିଟିଲାଗଡ଼ | ୪୨.୦ | ୨୬.୮ |
| ମାଲକାନଗିରି | ୪୦.୫ | ୨୩.୫ |
| ସୋନପୁର | ୪୧.୮ | ୨୩.୪ |
| ଦାରିଙ୍ଗବାଡ଼ି | --- | ୨୦.୫ |
| ନୟାଗଡ଼ | ୩୯.୦ | ୨୫.୦ |
| ବୌଦ୍ଧ | ୪୦.୫ | ୨୫.୦ |
| ଛତ୍ରପୁର | ୩୩.୫ | ୨୫.୫ |
| ପାରଳାଖେମୁଣ୍ଡି | ୩୫.୦ | ୨୪.୫ |
| ରାୟଗଡ଼ା | ୩୫.୮ | --- |

ଡିଗ୍ରୀ ସେଲ୍‌ସିୟସ୍

# ଓଡ଼ିଶାର ଗୌରବମୟ ଐତିହ୍ୟକୁ ବିକୃତ କରିବାର ଉପକ୍ରମ

ଡ. ସୁରେନ୍ଦ୍ର କୁମାର ମିଶ୍ର




ଗତ ଆଲୋଚନାରେ ଆମେ ଟଲେମୀଙ୍କ ଭୂଗୋଳରେ ଥିବା କୋନାଗର ଶବ୍ଦକୁ ମିଶାଇ କୋଣାର୍କର ବାରଟି ନାମର ତାଲିକା ପ୍ରସ୍ତୁତ କରିଥିଲୁ। ସେଥିରେ ହୁଏନ୍‌ସାଂଙ୍କ 'ଚେଲିତୋଲ' ଶବ୍ଦକୁ ସାମିଲ କରି ନ ଥିଲୁ। ଏହି ଶବ୍ଦକୁ ସମର୍ଥନ କରିଛନ୍ତି 'ପୁରୀ ଡିଷ୍ଟ୍ରିକ୍ଟ ଗେଜେଟିଅର (୧୩ଶ ସଂସ୍କରଣ, ପୃ-୩୧୩)। ଏହି ନାମକୁ ଚିତ୍ରୋତ୍ପଳା ବନ୍ଦର ସହିତ ସମୀକରଣ କରିବାକୁ ଅନେକ ଆଲୋଚକ ଇଚ୍ଛା କରିନାହାନ୍ତି। ଭିନ୍ନ ମତ ଦେଇଛନ୍ତି। ସବୁ କଥାରେ ଭିନ୍ନମତ ବେଳେ ବେଳେ ଗୋଟାଏ ଜାତିର ଐତିହ୍ୟଗାଥାକୁ ଊଣା କରିଦିଏ। ବିଶ୍ୱ ଦରବାର କଥା ଛାଡ଼, ଜାତୀୟସ୍ତରରେ ଆମେ ଆମର ଗୌରବପୂର୍ଣ୍ଣ ଗାଥାକୁ ଠିକଣା ଢଙ୍ଗରେ ସଜେଇପାରିନେ ମନେହୁଏ ଏଇ କାରଣ ଯୋଗୁ। ନଇଲେ ଏଲଫିନ୍ ଷ୍ଟୋନ ୧୮୩୯ ମସିହାରେ 'ଭାରତ ଇତିହାସ'ରେ ଓଡ଼ିଶାର ଗଙ୍ଗବଂଶକୁ ବଙ୍ଗୀୟ ବୋଲି ଲେଖିଥାନ୍ତେ! ଶ୍ରୀ ହଣ୍ଟର ଯାକୁ ସମର୍ଥନ କରି ନୂତନ ଇତିହାସ ଲେଖି ଓଡ଼ିଶା ଇତିହାସକୁ ବିକୃତ ବଳୟ ଭିତରକୁ ଠେଲିଦେଇଥାନ୍ତେ! ହଣ୍ଟର ସେତିକିରେ ଅଟକିଲେ ନାହିଁ, କୋଣାର୍କ ମନ୍ଦିରକୁ 'ବଙ୍ଗାଳୀ କଳାକୃତି' ବୋଲି ବହିରେ ଛାପିଦେଲେ। ସତରେ ଯେମିତି ଅପେକ୍ଷା କରିଥିଲେ ରାଜେନ୍ଦ୍ରନାଥ ମିତ୍ର। ସେ 'ଏଣ୍ଟିକ୍ୱିଜ ଅଫ୍ ଓଡ଼ିଶା'ର ୨ୟ ଭାଗ ପୃ-୧୫୫ରେ ଯାକୁ ସମର୍ଥନ କରିଗଲେ। ଭାବିଲେ ନାହିଁ ବଙ୍ଗାଳୀମାନେ ନିଜ ରାଜ୍ୟରେ କଳାକୃତିର ମନ୍ଦିରଟିଏ ଗଢ଼ି ପାରିନାହାନ୍ତି। କେମିତି ଏଠିକି ଆସି ଗଢ଼ିଦେଲେ!

୧୮୮୦ ମସିହାରେ ମିତ୍ରଙ୍କ ପୁସ୍ତକର ପ୍ରଥମ ସଂସ୍କରଣ ପ୍ରକାଶ ପାଇବାପରେ ଯାହା ହେବା କଥା ତାହା ହେଲା। ଅର୍ବାଚୀନ ବଙ୍ଗ ଇତିହାସକାରମାନେ ମତୁଆଲା ହୋଇଗଲେ। ସେମାନେ ଓଡ଼ିଶାର ଭାଷା, କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟକୁ ଗର୍ଭସାତ୍ କରିବା ପାଇଁ ୫୦ ବର୍ଷ ଧରି ଲେଖନୀ ଚଳାଇଲେ। ଏମାନଙ୍କ ସହିତ ମତୁଆଲା ହୋଇଗଲେ ପ୍ରଥିତଯଶା ବଙ୍ଗୀୟ ସାହିତ୍ୟିକ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଓରଫ ବଙ୍କିମ ଚାଟାର୍ଜୀ। ସେ 'ବାଂଲାର ଇତିହାସେର ଉପାଦାନ' ଶୀର୍ଷକ ପ୍ରବନ୍ଧ ଲେଖିଲେ। 'ମଣିମାଳା'ରେ (ବିଦ୍ୟାଳୟ ପାଠ୍ୟପୁସ୍ତକ) ତାହା ସ୍ଥାନ ପାଇବା ପରେ ବଙ୍ଗାଳୀ ପିଲେ ତାକୁ ପଢ଼ିଲେ। ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ଆମର ବନ୍ଦନୀୟ, ଏଇଥିପାଇଁ ଯେ ସେ ବଙ୍କିମ ଚାଟାର୍ଜୀଙ୍କ ଉକ୍ତିକୁ ଉଦ୍ଧୃତ କରି ତାହାକୁ ଅସାର ପ୍ରତିପାଦନ କରିଥିଲେ। ଚାଟାର୍ଜୀ ଲେଖିଥିଲେ– 'ଏଇ ବଙ୍ଗେରଇ ଗଙ୍ଗବଂଶ ଏକଦିନ ଓଡ଼ିଶ୍ୟାର ରାଜ୍ୟ ସ୍ଥାପନ ପୂର୍ବକ ଏକଦିନେ ଯେମନ ପୁରୀର ଓ କୋଣାର୍କର ମନ୍ଦିର ନିର୍ମାଣ କରିୟା ଛିଲେନ୍, ଆପର ଦିକେ ସେଇ ରୂପ ତିନି ଶତ ବତ୍ସର ଧରିୟା ବିଜଣୀଷ୍ଣୁ ପାଠାନ ଗନକେ ପଦେ ପଦେ ପରାଭୂତ ଓ ଲାଞ୍ଛିତ କରିୟା ଛିଲେନ୍। ଆତ୍ମବିସ୍ମୃତି ବାଙ୍ଗାଲୀ ଏ ସମସ୍ତ କଥା କି ତୋମାକେ ଅପରେ ସ୍ମରଣ କରାଇୟା ଦିତେ ଆସିବେ? ହାଣ୍ଟାରେର ଗ୍ରନ୍ଥେ ଯେ ଉଡ଼ିଆ ସୈନ୍ୟେର ଏତ ପ୍ରଶଂସା ତାହାର ତୋମାଦେର ଉଡ଼ିଶ୍ୟାବାସୀ ବାଙ୍ଗାଲୀ ସୈନ୍ୟ'।





ଗୌଡ଼ବାଡ଼ ସାହିର ପ୍ରାଚୀନ କେତକୀଝର, ଯାହାର ଚାରିପଟେ ଗୁପ୍ତରେ ରହିଥିଲେ ଗୌଡ଼ଦେଶର ରାଜା ଓ ରାଜପାର୍ଷଦ। ଏବେକାର କେତକୀଝର (ଡାହାଣ) **ଫଟୋ: ଯଜ୍ଞେଶ୍ୱର ମହାନ୍ତି**

ଏଇଠି ସରିଲାନି କଥା। ନଗେନ୍ଦ୍ର ନାଥ ବସୁ କୋଣାର୍କ ମନ୍ଦିରକୁ ଲକ୍ଷ୍ୟ କରି ଲେଖିଲେ– ଯଦି କେଉଁଠି ବଙ୍ଗୀୟ ଶିଳ୍ପ ନୈପୁଣ୍ୟର ଉଜ୍ଜ୍ୱଳ ଉଦାହରଣ ଥାଏ ତାହା ଏଇ ରବିକ୍ଷେତ୍ର (ବିଶ୍ୱକୋଷ, ୪ର୍ଥ ଭାଗ, ପୃ-୫୮୦)। ସେ ମହାଶୟ କୋଣାର୍କ ମନ୍ଦିରଠି ଅଟକିଲେ ନାହିଁ। 'ଭବଭୂମିବାର୍ତ୍ତା' ନାମରେ ବହିଟିଏ ଲେଖିଲେ। ସେଥିରେ ଭୁବନେଶ୍ୱରର ପ୍ରାୟ ସମସ୍ତ ମନ୍ଦିର ବଙ୍ଗାଳୀଙ୍କର କୀର୍ତ୍ତି ବୋଲି ପ୍ରାମାଣିତ କରିବାକୁ ଚେଷ୍ଟା କଲେ।

ଏହାପରେ ଆଗକୁ ଆସିଲେ ବିଜୟ ଚନ୍ଦ୍ର ମଜୁମଦାର। ସେ ଆଉ ପାଦେ ଆଗେଇ ଯାଇ ଲେଖିଲେ– ସୋମବଂଶୀ ରାଜାମାନେ ବଙ୍ଗାଳୀ ଏବଂ ମହାରାଜା ଯଯାତି ବଙ୍ଗାଳୀ ଥିଲେ। ୧୯୨୫ ମସିହାରେ 'ଓରିଶା ଇନ୍ ଦି ମେକିଙ୍ଗ' ପୁସ୍ତକ ପ୍ରକାଶ ପାଇଥିଲା। ଯାକୁ କଲିକତା ବିଶ୍ୱବିଦ୍ୟାଳୟ ପ୍ରକାଶ କରିଥିଲା। ଏଥିରେ ସୋମବଂଶୀ ରାଜାମାନେ ଓ ମହାରାଜା ଯଯାତି ବଙ୍ଗାଳୀ ଥିଲେ ବୋଲି ମୋହର ବାଜିଲା। ଦେଶର ଏକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ଶେଷରେ ଗୋଟାଏ ଜାତିର ଐତିହ୍ୟକୁ ନିଜୀକରଣ କରିବାରେ ସହାୟତା କଲେ। ବଙ୍କିମ ଚାଟାର୍ଜୀ ଯେଉଁ ଶେଷ ବାକ୍ୟଟି ଲେଖିଥିଲେ ଯେ 'ହଣ୍ଟରଙ୍କ ଗ୍ରନ୍ଥରେ ଯେଉଁ ଓଡ଼ିଆ ସୈନ୍ୟଙ୍କର ଏତେ ପ୍ରଶଂସା କରାଯାଇଛି ତାହା ତୁମର ଓଡ଼ିଶାବାସୀ ବାଙ୍ଗାଲୀ ସୈନ୍ୟ' ତାହାକୁ ଆଗେଇ ନେଲେ ମଜୁମ୍‌ଦାର। ସେ ରାଜବଂଶ ଓ ରାଜାଙ୍କୁ ବଙ୍ଗାଳୀ ବୋଲି ହାତକାଟି ଲେଖିଦେଲେ। ଅଥଚ ଥରୁଟିଏ ଇତିହାସରେ ପ୍ରାମାଣିକ ତଥ୍ୟ ଦେଖି ଲେଖିଲେ ନାହିଁ ଯେ ଆଫଗାନମାନଙ୍କ ଅତ୍ୟାଚାରରେ ବଙ୍ଗାଳୀ ରାଜାମାନେ ଓଡ଼ିଶା ରାଜାଙ୍କ ଶରଣ ନେଇଥିଲେ ଏବଂ ଓଡ଼ିଶାର ଗଜପତି ତାଙ୍କୁ ସୁରକ୍ଷିତ ଭାବରେ ପୁରୀ ସମୁଦ୍ରକୂଳ ଅଞ୍ଚଳରେ ଲୁଚାଇ ରଖିଥିଲେ ବୋଲି। ସ୍ମୃତି ଆଜି ବି ଅଛି। ବଙ୍ଗଳାର ରାଜାଙ୍କୁ ରଖାଯାଇଥିବା ସ୍ଥାନ ଗୌଡ଼ବାଡ଼ ସାହି ନାମରେ ଆଜି ପରିଚିତ ହେଉଅଛି। (ବଙ୍ଗଳାର ରାଜା ଗୌଡ଼ଦେଶ ରାଜା ଭାବରେ ପରିଚିତ ଥିଲେ)।

ଆମେ ଆରମ୍ଭ କରିଥିଲେ ଜାତିର ଐତିହ୍ୟ ଗାଥାକୁ ଅନ୍ୟମାନେ ବିକୃତ କରିବାରେ ଲାଗିଥିବା ବେଳେ ଆମେ କିପରି ଉଦାସୀନ ରହିଗଲେ। ଜାତୀୟ ସ୍ତରରେ ପହଞ୍ଚେଇବାରେ ପଛୁଆ ହୋଇଗଲେ। କୋଣାର୍କ ମନ୍ଦିରର ସମସ୍ତ ଶ୍ରେୟ ସେହିପରି ସେମାନେ ଛଡ଼େଇ ନେବାର ଉପକ୍ରମ ଆରମ୍ଭ କରି ପତ୍ର/ପତ୍ରିକା, ଗଳ୍ପ, ଉପନ୍ୟାସ, କବିତା, ଆଲୋଚନା ଓ ଇତିହାସ ପୁସ୍ତକ ମାଧ୍ୟମରେ ପ୍ରଚାର କରିଚାଲିଥିଲେ। ଆମେ ସେତେବେଳେ ସ୍ୱାଧୀନତାର ସ୍ୱପ୍ନ ଦେଖି ଫିରିଙ୍ଗିମାନଙ୍କ ସହିତ ସଂଗ୍ରାମରେ ଜୀବନକୁ ବାଜି ଲଗାଇଥିଲୁ।

## ଦୁବାଇ ଓଡ଼ିଆ ସମାଜର 'ଭର୍ଚୁଆଲ ପଣାସଂକ୍ରାନ୍ତି ଉତ୍ସବ'ରେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

ଏକବିଂଶ ଶତାବ୍ଦୀରେ କେବଳ ଆମର ଉତ୍କଳୀୟ ପରମ୍ପରାକୁ ନୂଆ ଭାବେ ପାଳନ କରିବା ନୁହେଁ ବରଂ ଏହାକୁ ବ୍ୟାପକ କରିବା ଦରକାର। ପୂର୍ବରୁ ଉତ୍କଳୀୟ ପରମ୍ପରା ଥିଲା ଏବଂ ଏହା ଆଗାମୀ ଦିନରେ ନିଶ୍ଚିତ ରହିବ। ଏପରି ଦୃଢ଼ ଆତ୍ମବିଶ୍ୱାସ ସହ ଏହାକୁ ବିଶ୍ୱରେ ରହୁଥିବା ଓଡ଼ିଆ ଭଉଣୀ, ଭାଇମାନେ ଅନୁଶୀଳନ କରିବା ଜରୁରୀ ବୋଲି ରବିବାର ଦୁବାଇ ଓଡ଼ିଆ ସମାଜ ପକ୍ଷରୁ ଆୟୋଜିତ 'ଭର୍ଚୁଆଲ ଓଡ଼ିଆ ନବ ବର୍ଷ ପଣାସଂକ୍ରାନ୍ତି ଉତ୍ସବ'ରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଥିଲେ, ସମସ୍ତଙ୍କ ପାଇଁ ଆଜି ଖୁସି ଓ ଆନନ୍ଦର ଅବସର, କାରଣ ଓଡ଼ିଆ ନବବର୍ଷ ଉପଲକ୍ଷେ ସମସ୍ତେ ରାଜ୍ୟର ଅନନ୍ୟ କଳା, ସାହିତ୍ୟ ଓ ସଂସ୍କୃତିର ପରିଚିତ ଏକ ମଞ୍ଚରେ ଏକାଠି ହୋଇଛୁ। ବର୍ତ୍ତମାନ ସମୟରେ ଟେକ୍ନୋଲୋଜି ମାଧ୍ୟମରେ ଆମେ ସଂସ୍କୃତି ଓ ପରମ୍ପରା ଉତ୍ସବ ପାଳନର ମହତ୍ତ୍ୱ, ଓଡ଼ିଆ ଭାଷାକୁ ନୂଆ ଢଙ୍ଗରେ ଉପସ୍ଥାପନ କରିବାର ପ୍ରଭାବଶାଳୀ ମାଧ୍ୟମ ତିଆରି କରିପାରିଛୁ। ଏବେ କରୋନା ମହାମାରୀ ସମୟରେ ପୂର୍ବାପେକ୍ଷା ଅଧିକ ସତର୍କ ରହିବାକୁ ପଡ଼ିବ। ନିୟମିତ ମାସ୍କ ପିନ୍ଧିବା ସହ ଲୋକଙ୍କୁ ସଚେତନ କରିବାର ସାମାଜିକ ଦାୟିତ୍ୱ ନେବାକୁ ପଡ଼ିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। କାର୍ଯ୍ୟକ୍ରମରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଦୁବାଇର ସିଜିଆଇ ଅମନ ପୁରୀ, ପଦ୍ମଶ୍ରୀ ହଳଧର ନାଗ ଏବଂ ୧୫ ଦେଶରୁ ଓଡ଼ିଆମାନେ ଯୋଗ ଦେଇଥିଲେ।

# ଉପକାରୀ ଲେମ୍ବୁ



**ଲେ**ମ୍ବୁ ହେଉ ଅବା ଏଥିରୁ ପ୍ରସ୍ତୁତ ସର୍ବତ ଶରୀର ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ। ଆପଣଙ୍କ ଶରୀରରେ ଚର୍ବି ବଢ଼ିଯାଇଛି କି? ଯଦି ହଁ, ତେବେ ସରଳ ଉପାୟରେ ଏହାକୁ କମାଇ ପାରିବେ। ଏକ ଗ୍ଲାସ ଉଷୁମ ପାଣିରେ ଲେମ୍ବୁ ଚିପୁଡ଼ି ଏବଂ ସେଥିରେ ଦୁଇ ଚାମଚ ମହୁ ମିଶାଇ ପିଇଲେ ଚର୍ବି କମିଯାଇଥାଏ। ନିୟମିତ ଲେମ୍ବୁ ପାଣି ପିଇବା ଦ୍ୱାରା ଅନେକ ଉପକାର ମିଳିଥାଏ। ଏପରି ଅଭ୍ୟାସ ଦ୍ୱାରା ଉଚ୍ଚ ରକ୍ତଚାପ, କ୍ଳାନ୍ତି, ମୁଣ୍ଡ ବୁଲାଇବା ଭଳି ସମସ୍ୟାରୁ ଅନେକାଂଶରେ ଉପଶମ ମିଳିଥାଏ। ଲେମ୍ବୁରେ ସାଇଟ୍ରିକ୍ ଏସିଡ୍ ଏବଂ ଭିଟାମିନ୍ 'ସି' ଭରି ରହିଛି। ଏହା ଅସ୍ଥିକୁ ମଜଭୁତ କରିଥାଏ। ସବୁଠାରୁ ଖାସ୍ କଥା ହେଲା ଖରାଦିନେ ଲେମ୍ବୁ ପାଣି ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହା ଶୋଷ ମେଣ୍ଟାଇବା ସହ ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖିଥାଏ।

# ଯୋଗ-ପ୍ରାଣାୟାମ ପୂର୍ବରୁ...



## ଯୋଗ କିମ୍ବା ପ୍ରାଣାୟାମ କରିବା ପୂର୍ବରୁ ନିମ୍ନଲିଖିତ ବିଷୟ ପ୍ରତି ଦୃଷ୍ଟି ଦେଲେ ଭଲ...

- ଯୋଗ କରିବା ପୂର୍ବରୁ ନିଜର ଶାରୀରିକ ଫିଟ୍‌ନେସ୍ ପ୍ରତି ନଜର ଦିଅନ୍ତୁ।
- ଯଦି ଯୋଗ କିମ୍ବା ପ୍ରଣାୟାମ ସମ୍ପର୍କରେ ବିଶଦ ଜ୍ଞାନ ନାହିଁ, ତେବେ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ସୂର୍ଯ୍ୟୋଦୟର ଅଧ ଘଣ୍ଟା ପୂର୍ବରୁ କିମ୍ବା ସୂର୍ଯ୍ୟାସ୍ତର ଏକ ଘଣ୍ଟା ପରେ ଯୋଗ କରନ୍ତୁ।
- କଦାପି ତରତର ହୋଇ ଯୋଗ କରନ୍ତୁ ନାହିଁ। କାରଣ ଏପରି କରିବା ଦ୍ୱାରା ଯୋଗର ଖରାପ ପ୍ରଭାବ ଶରୀର ଉପରେ ପଡିଥାଏ।
- ଯୋଗ କିମ୍ବା ପ୍ରାଣାୟାମ କରିବା ସମୟରେ କାହା ସହ କଥା ହୁଅନ୍ତୁ ନାହିଁ।
- ଯୋଗ କରିବା ସମୟରେ ପାଟି ବାଟେ ଶ୍ୱାସକ୍ରିୟା କରନ୍ତୁ ନାହିଁ।
- ସବୁବେଳେ ଏକ ସୁସ୍ଥ ତଥା ପ୍ରଦୂଷଣମୁକ୍ତ ସ୍ଥାନରେ ଯୋଗ କିମ୍ବା ପ୍ରାଣାୟାମ କରନ୍ତୁ।

# ରିକମ୍ବିନାଣ୍ଟ ଡିଏନ୍ଏ




ଡ. ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ


**ମ**ଣିଷ ଈଶ୍ୱରଙ୍କ ଅନୁପମ ସୃଷ୍ଟି। ମଣିଷ ଭିତରେ ନିୟୁତାଧିକ କୋଷିକା ମଧ୍ୟରେ ନାଭି ଥାଏ। ନାଭି ମଧ୍ୟରେ ରହିଥାଏ ସୂତା ଭଳି ୨୩ ଯୋଡ଼ା କ୍ରୋମୋଜମ୍। ତନ୍ମଧ୍ୟରେ ୨୨ ଯୋଡ଼ା ଅଟୋଜମ୍ ହୋଇଥାଏ, ଯାହା ନାରୀ ଓ ପୁରୁଷମାନଙ୍କଠାରେ ସମାନ ରହିଥାଏ। ମଣିଷର ୨୩ତମ କ୍ରୋମୋଜମ୍ ଯୋଡ଼ାକୁ 'ସେକ୍ସ କ୍ରୋମୋଜମ୍' କୁହାଯାଏ, ଯାହା ନାରୀ ଓ ପୁରୁଷ ମଧ୍ୟରେ ପ୍ରଭେଦ ଆଣିଥାଏ। ନାରୀମାନଙ୍କ କ୍ଷେତ୍ରରେ ହୋମୋଗାମେଟିକ୍ ଅର୍ଥାତ୍ ଦୁଇଟି 'ଏକ୍ସ' କ୍ରୋମୋଜମ୍ ଥିଲାବେଳେ ପୁରୁଷମାନେ ହେଟେରୋଗାମେଟିକ୍ ଅର୍ଥାତ୍ ଗୋଟିଏ 'ଏକ୍ସ' ଓ ଗୋଟିଏ 'ୱାଇ' କ୍ରୋମୋଜମ୍ ରହିଥାଏ। କ୍ରୋମୋଜମ୍‌ରେ ମୂଳ ଜନନ ସମ୍ବନ୍ଧୀୟ ବାର୍ତ୍ତା ବହନ କରୁଥିବା ଅମ୍ଳମାଳା ଡିଅକ୍ସିରାଇବୋନ୍ୟୁକ୍ଲିକ ଏସିଡ୍ ବା ଡିଏନ୍ଏ ଓ ହିଷ୍ଟୋନ ପୁଷ୍ଟିସାର ରହିଥାଏ। ମଣିଷ ଶରୀରରେ ପ୍ରାୟ ୨୦ ହଜାରରୁ ୨୫ ହଜାର ଜିନ୍ ରହି ଲକ୍ଷାଧିକ ପୁଷ୍ଟିସାର ଅଣୁ ପାଇଁ କୋଡିଂ କରନ୍ତି। କେତେକ ଜିନ୍ ପୁଷ୍ଟିସାର ପାଇଁ କୋଡିଂ କରି ନ ଥା'ନ୍ତି। ଅଧିକାଂଶ ଡିଏନ୍ଏ ନାଭିରେ ରହୁଥିଲାବେଳେ କେତେକ ମାଇଟୋକଣ୍ଡ୍ରିଆରେ ରହିଥାନ୍ତି। ଡିଏନ୍ଏ ହେଉଛି ଏକ ଜୈବ ପଲିମର ବା ଜଟିଳ ଓ ବିଶାଳ ଅଣୁ, ଯାହା ପଲିନ୍ୟୁକ୍ଲିଓଟାଇଡକୁ ନେଇ ଗଠିତ ହୋଇଥାଏ। ପ୍ରତ୍ୟେକ ନ୍ୟୁକ୍ଲିଓଟାଇଡରେ ଗୋଟିଏ ନାଇଟ୍ରୋଜେନ ବେସ୍ ଅଣୁ, ପାଞ୍ଚୋଟି କାର୍ବନ ଥିବା ଗୋଟିଏ ଶର୍କରା ଅଣୁ ଓ ଫସ୍‌ଫେଟ ଅଣୁକୁ ନେଇ ଗଠିତ। ଡିଏନ୍ଏ ଦୁଇଖିଅ ବିଶିଷ୍ଟ କୁଣ୍ଡଳାକୃତି ଶିଡି ବା ନିଶୁଣି ଭଳି ହୋଇଥାଏ, ଯେଉଁଥିରେ ବେସ୍ ଯୁଗଳମାନେ ଆଡ଼ପଟା ଆକାରରେ ଭୂଲମ୍ବ ପାର୍ଶ୍ୱ ସୁଗାର ଓ ଫସ୍‌ଫେଟରେ ତିଆରି ଦୁଇ ମେରୁଦଣ୍ଡକୁ ବାନ୍ଧି ରଖିଥାନ୍ତି। ଆଡେନିନ୍ ବେସ୍ ଥାଏମିନ୍ ସହିତ ଓ ଗୁଆନିନ୍ ବେସ୍ ସାଇଟୋସିନ୍ ସହିତ ଯୋଡ଼ି ହୋଇ ଶିଡି ପାହାଚ ସୃଷ୍ଟି କରନ୍ତି। ଡିଏନ୍ଏରେ ଥିବା ସନ୍ଦେଶ ରାସାୟନିକ ବେସ୍ ଆକାରରେ ଗଚ୍ଛିତ ହୋଇ ରହିଥାଏ। ଗୋଟିଏ କୋଷିକାରେ ଥିବା ଡିଏନ୍ଏକୁ ପ୍ରସାରିତ କଲେ ତାହାର ଲମ୍ବ ପ୍ରାୟ ଦୁଇ ମିଟର ହେବ। ଯଦି ଶରୀରର ସମସ୍ତ କୋଷିକାରେ ଥିବା ଡିଏନ୍ଏର ଲମ୍ବକୁ ମିଶାଯାଏ, ତାହା ଆମ ସୌରମଣ୍ଡଳର ବ୍ୟାସ ସଙ୍ଗେ ସମାନ ହେବ। ତନ୍ତୁମାନେ ଏକତ୍ର ହୋଇ ମଣିଷର ଅଙ୍ଗପ୍ରତ୍ୟଙ୍ଗ ସୃଷ୍ଟି କରନ୍ତି। ଡିଏନ୍ଏ ରାଇବୋନ୍ୟୁକ୍ଲିକ ଅମ୍ଳ ତିଆରି କରିଥାଏ। କୋଷିକାରେ ଥିବା ରାଇବୋଜୋମ୍ସ ଆର୍‌ଏନ୍ଏର ସାଙ୍କେତିକ ବାର୍ତ୍ତାରେ ଥିବା ତିନୋଟି ବର୍ଣ୍ଣକୁ ଏକାସାଙ୍ଗରେ ପାଠ କରି ତଦନୁସାରେ ଆମିନୋ ଅମ୍ଳ ତିଆରି କରନ୍ତି। ଯେପରି ସିଏଏ ସାଙ୍କେତିକ ବାର୍ତ୍ତା ଗ୍ଲୁଟାମିନ୍ ପାଇଁ ଏବଂ ଏଜିୟୁ ସାଙ୍କେତିକ ବାର୍ତ୍ତା ସେରିନ୍ ଆମିନୋ ଅମ୍ଳ ପାଇଁ କୋଡିଂ କରିଥାନ୍ତି। ତେଣୁ କେଉଁ ଆମିନୋ ଅମ୍ଳ କେତେ ପରିମାଣରେ ମିଶିବେ, କେଉଁ ଭଳି ଓ କେଉଁ ଆକୃତିର ପୁଷ୍ଟିସାର ନିର୍ମାଣ କରିବେ, ସବୁକିଛିର ସାଙ୍କେତିକ ବାର୍ତ୍ତା ଡିଏନ୍ଏରେ ଗଚ୍ଛିତ ହୋଇ ରହିଥାଏ। ଡିଏନ୍ଏର ଆକୃତି ଓ କାର୍ଯ୍ୟ ପ୍ରଣାଳୀ ବିଷୟରେ ଜେମ୍ସ ୱାଟସନ ଓ ଫ୍ରାନ୍ସିସ୍ କ୍ରିକ୍ ପ୍ରଥମେ ଗବେଷଣା କରିଥିଲେ, ଯାହା ୧୯୫୩ ମସିହାରେ ପ୍ରସିଦ୍ଧ 'ନେଚର ପତ୍ରିକା'ରେ ପ୍ରକାଶ ପାଇଥିଲା। ସେମାନଙ୍କୁ ମିଳିତ ଭାବେ ୧୯୬୨ରେ ଭେଷଜ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ରିକମ୍ବିନାଣ୍ଟ ଡିଏନ୍ଏ, ଜିନ୍ କ୍ଲୋନିଂ ଓ ଜିନ ଟ୍ରାନ୍ସଫର ବିଦ୍ୟା ପ୍ରୟୋଗ କରାଯାଇ ନୂଆ ଆଣ୍ଟିବାୟୋଟିକ୍, ଟିକା, ଔଷଧ, ହର୍ମୋନ ଓ ଏଞ୍ଜାଇମ୍ ତିଆରି କରାଯାଇପାରିବ। ଉଦ୍ଭିଦର ଡିଏନ୍ଏକୁ ବୀଜାଣୁମାନଙ୍କ ଡିଏନ୍ଏରେ ଓ ମଣିଷ ଡିଏନ୍ଏକୁ ନେଇ ଫଙ୍ଗାଲ ଡିଏନ୍ଏରେ ପ୍ରତିରୋପଣ କରାଯାଇପାରିବ। ପ୍ରଥମେ ୧୯୭୨ରେ ଆମେରିକାର ଜୈବ ରସାୟନବିତ୍ ପାଉଲ ବର୍ଗ ଜେନେଟିକ ଯାନ୍ତ୍ରିକ ବିଦ୍ୟା ବିକାଶ କରାଇଥିଲେ ଓ ସେଥିପାଇଁ ତାଙ୍କୁ ଜେନେଟିକ ଯାନ୍ତ୍ରିକ ବିଦ୍ୟାର ଜନକ ମଧ୍ୟ କୁହାଯାଏ। ସେ ଏସ୍‌ଭି-୪୦ ଟ୍ୟୁମର ଭୂତାଣୁର ଜିନ୍ ନେଇ ଗୋଟିଏ ବୀଜାଣୁ କୋଷିକା ମଧ୍ୟରେ ଲାମ୍ବଡ଼ା ଫେଜ୍ ମାଧ୍ୟମରେ ସନ୍ନିବିଷ୍ଟ ଓ ପ୍ରତିରୋପଣ କରାଇ ଡିଏନ୍ଏର ପୁନର୍ବିନ୍ୟାସ କରିଥିଲେ। ତାଙ୍କୁ ୧୯୮୦ ମସିହାରେ ରସାୟନ ବିଜ୍ଞାନ ପାଇଁ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଜେନେଟିକ ଯାନ୍ତ୍ରିକ ବିଦ୍ୟାର ବିକାଶ ପୂର୍ବରୁ ବୀଜାଣୁମାନଙ୍କ ଭିତରେ ଥିବା ପ୍ଲାସମିଡ୍ ଓ ଆଣବିକ କଇଁଚି ଭାବେ କାର୍ଯ୍ୟ କରୁଥିବା ରେଷ୍ଟ୍ରିକ୍ସନ ଏଣ୍ଡୋନ୍ୟୁକ୍ଲିଏଜେସ୍ ଏଞ୍ଜାଇମ୍ ଆବିଷ୍କାର ହୋଇସାରିଥିଲା।

ପ୍ଲାସ୍‌ମିଡ୍ ହେଉଛି ଏକ କ୍ଷୁଦ୍ରାକାର ଓ ବୃତ୍ତାକାର ବୀଜାଣୁ ଡିଏନ୍ଏ, ଯାହା କ୍ରୋମୋସୋମାଲ ଡିଏନ୍ଏଠାରୁ ଭିନ୍ନ ଅଟେ।

*-ଅଧ୍ୟାପକ, ରସାୟନ ବିଜ୍ଞାନ ବିଭାଗ, ସରକାରୀ ମହିଳା କନିଷ୍ଠ ମହାବିଦ୍ୟାଳୟ, ସୁନ୍ଦରଗଡ଼, ମୋ : ୯୯୩୮୭୮୩୦୫୧*




> "ଡିଏନ୍ଏର ଆକୃତି ଓ କାର୍ଯ୍ୟପ୍ରଣାଳୀ ବିଷୟରେ ଜେମ୍ସ ୱାଟ୍‌ସନ ଓ ଫ୍ରାନ୍ସିସ୍ କ୍ରିକ୍ ପ୍ରଥମେ ଗବେଷଣା କରିଥିଲେ, ଯାହା ୧୯୫୩ ମସିହାରେ ପ୍ରସିଦ୍ଧ 'ନେଚର ପତ୍ରିକା'ରେ ପ୍ରକାଶ ପାଇଥିଲା। ସେମାନଙ୍କୁ ମିଳିତ ଭାବେ ୧୯୬୨ରେ ଭେଷଜ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା। ରିକମ୍ବିନାଣ୍ଟ ଡିଏନ୍ଏ, ଜିନ୍ କ୍ଲୋନିଂ ଓ ଜିନ୍ ଟ୍ରାନ୍ସଫର ବିଦ୍ୟା ପ୍ରୟୋଗ କରାଯାଇ ନୂଆ ଆଣ୍ଟିବାୟୋଟିକ୍, ଟିକା, ଔଷଧ, ହର୍ମୋନ ଓ ଏଞ୍ଜାଇମ୍ ତିଆରି କରାଯାଇପାରିବ।"




# ଜାଣନ୍ତି କି



## ଏପରି କେତେକ ଖାଦ୍ୟ ଅଛି, ଯାହାକୁ ଖାଦ୍ୟ ସହ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଜାଣନ୍ତୁ ସେ ସମ୍ପର୍କରେ...

**ପରଟା-ଦହି :** ପରଟା ସହ ଦହି ଆଦୌ ଖାଆନ୍ତୁ ନାହିଁ। କାରଣ ଏହାର ପ୍ରଭାବ ପାଚନକ୍ରିୟା ଉପରେ ପଡିଥାଏ। ଆପଣ ରୁଟି ସହ ଦହି ଖାଇପାରନ୍ତି।

**ଖାଇବା ପରେ ଚା' :** ଅନେକେ ଖାଦ୍ୟ ଖାଇବା ପରେ ଚା' ପିଇଥାଆନ୍ତି। ଏହାଦ୍ୱାରା ପାଚନକ୍ରିୟାରେ ଅସନ୍ତୁଳନ ପରିଲକ୍ଷିତ ହୋଇଥାଏ। ତେଣୁ ଏଭଳି ଅଭ୍ୟାସକୁ ଯେତେ ସମ୍ଭବ ବଦଳାଇବାକୁ ଚେଷ୍ଟା କରନ୍ତୁ।

**କ୍ଷୀର-ଫଳ :** କ୍ଷୀର ଏବଂ ଫଳ ଶରୀର ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ। ତେବେ ଏହାକୁ ମିଶାଇ (କ୍ଷୀର ଏବଂ ଫଳ) ଆଦୌ ଖାଆନ୍ତୁ ନାହିଁ। କାରଣ କ୍ଷୀରରେ ଥିବା କ୍ୟାଲସିୟମ ତତ୍ତ୍ୱକୁ ଫଳରେ ଥିବା ଏଞ୍ଜାଇମ୍ ଶୋଷି ନେଇଥାଏ। ଏହାଦ୍ୱାରା କ୍ଷୀରର ସୁପ୍ରଭାବ ଶରୀର ଉପରେ ପଡି ନ ଥାଏ। ତା' ସହ ଫଳରେ ଥିବା କେତେକ ଉପକାରୀ ତତ୍ତ୍ୱ ମଧ୍ୟ ଶରୀର ଭିତରକୁ ଯାଇ ନ ଥାଏ।

**କ୍ଷୀର-ମାଛ :** କ୍ଷୀର ସହ ମାଛକୁ ମିଶାଇ ଖାଇଲେ ତାହାର ପ୍ରଭାବ ସିଧାସଳଖ ଚର୍ମ ଉପରେ ପଡିଥାଏ। କେବଳ ସେତିକି ନୁହେଁ, ଦହି ସହ ମାଛ ମଧ୍ୟ ଖାଆନ୍ତୁ ନାହିଁ। ଦହି ଥଣ୍ଡା ହୋଇଥିବା ବେଳେ ମାଛ ଗରମ। ତେଣୁ ଏହା ପେଟଜନିତ ସମସ୍ୟା ସୃଷ୍ଟି କରିଥାଏ।



# ଟେନ୍‌ସନ୍‌ର ବଶବର୍ତ୍ତୀ ହୋଇଥିଲେ..



**ଆ**ଜିକାଲିର ବ୍ୟସ୍ତ ଜୀବନଶୈଳୀ ମଧ୍ୟରେ ଅନେକେ ଟେନ୍‌ସନ୍‌ର ବଶବର୍ତ୍ତୀ ହୋଇଥାଆନ୍ତି। ଏହାଦ୍ୱାରା ନିଜର କାର୍ଯ୍ୟ କରିବା କ୍ଷମତା ପ୍ରଭାବିତ ହୋଇଥାଏ। ଯଦି କୌଣସି କଥାକୁ ନେଇ ଟେନ୍‌ସନ୍‌ରେ ଅଛନ୍ତି, ତେବେ ତାହାକୁ ସହଜ ଉପାୟରେ ଦୂର କରିପାରିବେ। ପ୍ରଥମେ ନିଜ ମିଜାଜକୁ ଥଣ୍ଡା ରଖନ୍ତୁ। କୌଣସି କଥାକୁ ବାରମ୍ବାର ଚିନ୍ତା କରିବା ପରିବର୍ତ୍ତେ ଯଦି ତାହା ସମସ୍ୟା ସୃଷ୍ଟି କରୁଛି, ତେବେ ତାହାର ସମାଧାନର ଉପାୟ ବାହାର କରନ୍ତୁ। ନିଜେ ସମ୍ପାଦନ କରୁଥିବା କାର୍ଯ୍ୟର ନକାରାତ୍ମକ ଚିନ୍ତାଧାରା ମନକୁ ଆଣନ୍ତୁ ନାହିଁ। କାରଣ ଏହାଦ୍ୱାରା କାର୍ଯ୍ୟଦକ୍ଷତା ବାଧାପ୍ରାପ୍ତ ହେବା ସହ ଅଯଥାରେ ଟେନ୍‌ସନ୍‌ର ସମ୍ମୁଖୀନ ହୋଇଥାଆନ୍ତି। ସବୁବେଳେ ନିଜର ସାମର୍ଥ୍ୟ ଅନୁସାରେ କାମ କରନ୍ତୁ। ଯେଉଁ କାମକୁ ଆପଣ ସହଜରେ ସମ୍ପାଦନ କରିପାରିବେ ସେପରି କାମକୁ ଚୟନ କରନ୍ତୁ।

# ସ୍ୱାସ୍ଥ୍ୟ ସୂଚନା



- ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଏହାଦ୍ୱାରା ରକ୍ତରେ ଶର୍କରା (ସୁଗାର) ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ।
- ତୈଳଯୁକ୍ତ ମାଛ (ଅଏଲି ଫିସ୍) ଖାଆନ୍ତୁ, କାରଣ ଏଥିରେ ଓମେଗା-୩ ଫ୍ୟାଟି ଏସିଡ୍ ଭରପୂର ହୋଇ ରହିଥାଏ। ଏହା କେବଳ ହୃଦ୍‌ଜନିତ ରୋଗୀଙ୍କ ପାଇଁ ନୁହେଁ, ଆଲଜିମର୍ସ ରୋଗୀଙ୍କ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ଫାଇବରଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଏହା ରକ୍ତରେ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖିବା ସହ ଓଜନ କମାଇବାରେ ସାହାଯ୍ୟ କରେ। ଟାଇପ-୨ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହି ଖାଦ୍ୟ ବେଶ୍ ଉପକାରୀ।
- ପ୍ରତିଦିନ ତଟକା ଫଳମୂଳରେ ପ୍ରସ୍ତୁତ ସାଲାଡ୍ ଖାଇବାକୁ ଭୁଲନ୍ତୁ ନାହିଁ।
- ନିଜକୁ ସୁସ୍ଥ ରଖିବା ପାଇଁ ସବୁବେଳେ ଘରେ ପ୍ରସ୍ତୁତ ଖାଦ୍ୟ ଖାଇବା ଭଲ। ବାହାର ଖାଦ୍ୟ ବିଶେଷ ଭାବରେ ଫାଷ୍ଟଫୁଡ୍, ପ୍ୟାକ୍‌ଡ ଫୁଡ୍ ଯେତେ କମ୍ ଖାଇବେ ତାହା ଆପଣଙ୍କ ପାଇଁ ସେତେ ଉପକାରୀ।

# ରୋଗ ଚିହ୍ନଟର ନୂଆ ଉପାୟ

**ଆ**ମକୁ କୌଣସି ରୋଗ ହେଲେ ଡାକ୍ତର ଉକ୍ତ ରୋଗର ଲକ୍ଷଣ ବିଷୟରେ ପ୍ରଥମେ ଭଲ ଭାବରେ ଅବଗତ ହୋଇଥାଆନ୍ତି ଏବଂ ତାହାକୁ ତର୍ଜମା କରି ଚିକିତ୍ସା କରନ୍ତି। ଅନ୍ୟପକ୍ଷରେ କେତେକ ରୋଗକୁ ଚିହ୍ନଟ କରିବା ପାଇଁ ରକ୍ତ, ମଳ, ମୂତ୍ର ପରୀକ୍ଷା କରାଯାଏ। ଏପରି କି କେତେକ କ୍ଷେତ୍ରରେ ଏକ୍ସ-ରେ, ଅଲଟ୍ରାସାଉଣ୍ଡ, ଏମ୍‌ଆରଆଇ, ସିଟି ସ୍କାନ୍ ଆଦି ପଦ୍ଧତି ଅନୁସରଣ କରାଯାଇଥାଏ। ତେବେ କିଛି ରୋଗ ଚିହ୍ନଟ କରିବାର ଏକ ସହଜ ତଥା ସରଳ ଉପାୟ ଖୋଜି ପାଇବାରେ ସକ୍ଷମ ହୋଇଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ। କେତେକ ବ୍ୟକ୍ତିଙ୍କର କଥାବାର୍ତ୍ତା ଶୈଳୀକୁ ତନ୍ନ ତନ୍ନ କରି ତର୍ଜମା କରିବା ପରେ ସେମାନେ କେତେକ ରୋଗର ଲକ୍ଷଣ ବିଷୟରେ ଅବଗତ ହୋଇଥିଲେ। ତେଣୁ କଥାବାର୍ତ୍ତା ଶୈଳୀକୁ ଅନୁସରଣ କରି କିଛି ରୋଗ ବିଷୟରେ ଅନେକାଂଶରେ ଜାଣିହେବ ବୋଲି ସେମାନେ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି।



# ହ୍ୟାଟ୍ରିକ ବିଜୟ ସହ ଶୀର୍ଷରେ ଆରସିବି

**ଚେନ୍ନାଇ, ୧୮।୪**

ଗ୍ଲେନ୍ ମ୍ୟାକ୍ସୱେଲ ଓ ଏବି ଡି'ଭିଲର୍ସଙ୍କ ବିସ୍ଫୋରକ ବ୍ୟାଟିଂ ପରେ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ରବିବାର ମ୍ୟାଚରେ କୋଲକାତା ନାଇଟ ରାଇଡର୍ସଙ୍କୁ ୩୮ ରନରେ ପରାସ୍ତ କରିଛି। ଆରସିବି ୨୦ ଓଭରରେ ୪ ଉଇକେଟ ହରାଇ ୨୦୪ ରନ କରିଥିବାବେଳେ କୋଲକାତା ସମାନ ସଂଖ୍ୟକ ଓଭର ଖେଳି ୮ ଉଇକେଟ ହରାଇ ୧୬୬ ରନ କରିବାକୁ ସକ୍ଷମ ହୋଇଛି। କ୍ରମାଗତ ୩ ମ୍ୟାଚ ଜିତି ବିଜୟରେ ହ୍ୟାଟ୍ରିକ୍ ସହ ପଏଣ୍ଟ ଟେବୁଲ୍‌ର ଶୀର୍ଷକୁ ପ୍ରତ୍ୟାବର୍ତ୍ତନ କରିଛି ବିରାଟ କୋହଲିଙ୍କ ଦଳ। ଏହି ଦଳ ୩ ମ୍ୟାଚରୁ ୬ ପଏଣ୍ଟ ହାସଲ କରିଛି। ଅନ୍ୟପକ୍ଷରେ କୋଲକାତା ୩ ମ୍ୟାଚରୁ ୨ୟ ପରାଜୟ ସହ ୨ ପଏଣ୍ଟରେ ସ୍ଥିର ରହିଛି। ଡି'ଭିଲର୍ସ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଆରସିବି ଅଧିନାୟକ ବିରାଟ। ତେବେ ବିରାଟଙ୍କ ସହ ଯୁବ ବ୍ୟାଟ୍ସମ୍ୟାନ ରଜତ ପଟିଦାର ବିଫଳ ହେବାରୁ ମାତ୍ର ୯ ରନରେ ୨ଟି ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ରୟାଲ ଚ୍ୟାଲେଞ୍ଜର୍ସ। କୋହଲି ୫ ରନ କରିଥିବାବେଳେ ବରୁଣ ଚକ୍ରବର୍ତ୍ତୀଙ୍କ ବଲ୍‌କୁ ମିଡ୍ ଅଫ୍ ଉପରେ ମାରିବାକୁ ଉଦ୍ୟମ କରିଥିଲେ। ମାତ୍ର ବ୍ୟାଟ୍‌ରେ ବଲ୍ ଠିକ୍‌ଭାବେ ସଂଯୋଗ ନ ହେବାରୁ ଏକ୍ସଟ୍ରା କଭର ଅଞ୍ଚଳରୁ ଦୌଡ଼ି ରାହୁଲ ତ୍ରିପାଠୀ କ୍ୟାଚ ଧରି ନେଇଥିଲେ। ବରୁଣ ନିଜ ପ୍ରଥମ ଓଭରର ଦ୍ୱିତୀୟ ବଲ୍‌ରେ କୋହଲି ଏବଂ ୬ଷ୍ଠ ବଲ୍‌ରେ ପଟିଦାରଙ୍କୁ କ୍ଲିନ୍ ବୋଲ୍ଡ କରି ଆରସିବିକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ମାତ୍ର ଦେବଦତ୍ତ ପଡିକାଲ ଓ ଗ୍ଲେନ ମ୍ୟାକ୍ସୱେଲ ୩ୟ ଉଇକେଟରେ ୫୮ ବଲ୍‌ରୁ ୮୬ ରନ ସଂଗ୍ରହ କରି ଇନିଂସ ସମ୍ଭାଳି ନେଇଥିଲେ। ଆରସିବି ପକ୍ଷରୁ ଆକ୍ରମଣର ନେତୃତ୍ୱ ନେଇଥିଲେ ମ୍ୟାକ୍ସୱେଲ। ପଡିକାଲ ୨୮ ବଲ୍‌ରୁ ୨୫(୨ ଚୌକା) ରନ କରି ଆଉଟ ହେବାରୁ ପାର୍ଟନରଶିପ୍ ଭାଙ୍ଗିଥିଲା। ଦେବଦତ୍ତଙ୍କୁ ତ୍ରିପାଠୀଙ୍କ ହାତରେ କ୍ୟାଚ କରାଇ ପ୍ରସିଦ୍ଧ କ୍ରିଷ୍ଣା କୋଲକାତାକୁ ବ୍ରେକ୍ ଥ୍ରୁ ଦେଇଥିଲେ। ମାତ୍ର ମ୍ୟାକ୍ସୱେଲଙ୍କ ସହ ଏବି ଡି'ଭିଲର୍ସ କ୍ରିଜ୍‌ରେ ଯୋଗଦେବା ପରେ ଆରସିବି ରନ୍ ହାର ଦ୍ରୁତ ବେଗରେ ବୃଦ୍ଧି ପାଇଥିଲା। ୨୮ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିବା ମ୍ୟାକ୍ସୱେଲ କ୍ରମେ କ୍ଲାନ୍ତ ମନେ ହୋଇଥିଲେ। ୪୯ ବଲ୍‌ରୁ ସେ ୯ ଚୌକା ଓ ୩ ଛକା ସହାୟତାରେ ୭୮ ରନ କରିଥିବାବେଳେ ପ୍ୟାଟ୍ କମିନ୍ସଙ୍କ ଛାତିଉଚ୍ଚା ବାଉନ୍ସରକୁ ପୁଲ୍ କରିବାକୁ ଯାଇ ଶର୍ଟ ଫାଇନ୍‌ଲେଗ୍‌ରେ ହରଭଜନ ସିଂଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ୪ର୍ଥ ଉଇକେଟରେ ମ୍ୟାକ୍ସୱେଲ ଓ ଡି'ଭିଲର୍ସ ୩୭ ବଲ୍‌ରୁ ୫୩ ରନ ସଂଗ୍ରହ କରିଥିଲେ। ଶେଷ ଭାଗରେ ଡି'ଭିଲର୍ସ ବିସ୍ଫୋରକ ବ୍ୟାଟିଂ କରିଥିଲେ । ତାଙ୍କୁ ଉପଯୁକ୍ତ ସହାୟତା ଦେଇଥିଲେ କାଏଲ ଜେମିସନ। ଫଳରେ ଅସମାପ୍ତ ୫ମ ଉଇକେଟରେ ଏ ଦୁହେଁ ମାତ୍ର ୨୦ ବଲ୍‌ରୁ ୫୬ ରନର ଭାଗୀଦାରି ଗଢ଼ି ଆରସିବି ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ୩୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଡି'ଭିଲର୍ସ ୯ ଚୌକା ଓ ୩ ଛକା ସହାୟତାରେ ୭୬ ଏବଂ ୪ ବଲ୍ ଖେଳିଥିବା ଜେମିସନ ୧ ଚୌକା ଓ ୧ ଛକା ସହ ୧୧ ରନରେ ଅପରାଜିତ ରହିଥିଲେ। କୋଲକାତା ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ୨ଟି ଏବଂ ପ୍ୟାଟ୍ କମିନ୍ସ ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ବଡ଼ ସ୍କୋରର ପିଛା କରିଥିବା କୋଲକାତା ଆକ୍ରମଣାତ୍ମକ ଆରମ୍ଭ କରିଥିଲେ ହେଁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ପରାଜୟମୁହାଁ ହୋଇଥିଲା। ଓପନିଂ ଯୋଡ଼ିରେ ମାତ୍ର ୧୧ ବଲ୍‌ରୁ ୨୩ ରନ ସଂଗ୍ରହ ହୋଇଥିବାବେଳେ ଶୁବମନ ଗିଲ୍‌ଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ ଜେମିସନ। ଶୁବମନ ୯ ବଲ୍‌ରୁ ୨ଟି ଲେଖାଏ ଚୌକା ଓ ଛକା ସହ ୨୧ ରନ କରି ଜେମିସନଙ୍କ ବଲ୍‌ରେ ବଦଳ ଖେଳାଳି ଡାନିଏଲ କ୍ରିଷ୍ଟିଆନଙ୍କୁ ମିଡ୍‌ଅନ୍ ଅଞ୍ଚଳରେ କ୍ୟାଚ ଦେଇ କ୍ରିଜ୍ ଛାଡ଼ିଥିଲେ। ନୀତୀଶ ରାଣା ଓ ରାହୁଲ ତ୍ରିପାଠୀ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ପାର୍ଟନରଶିପ୍‌ରେ ପରିଣତ କରିପାରି ନ ଥିଲେ। ରାହୁଲ ୨୦ ବଲ୍‌ରୁ ୨୫(୫ ଚୌକା) ଏବଂ ନୀତୀଶ ୧୧ ବଲ୍‌ରୁ ୧୮ (୨ ଚୌକା, ୧ ଛକା) ରନକରି ଯଥାକ୍ରମେ ୱାଶିଂଟନ ସୁନ୍ଦର ଓ ଯୁଜବେନ୍ଦ୍ର ଚହଲଙ୍କ ଶିକାର ହୋଇଥିଲେ। ଦୀନେଶ କାର୍ତ୍ତିକ (୨) ଫେଲ୍ ମାରିଥିବାବେଳେ ଅଧିନାୟକ ଇଅନ ମୋର୍ଗାନ ୨୩ ବଲ୍‌ରୁ ୨୯ (୧ ଚୌକା, ୨ ଛକା) ରନ କରି ଆଉଟ ହେବାରୁ କୋଲକାତାର ବିଜୟ ଆଶା ମଉଳି ଯାଇଥିଲା। ଶେଷ ଭାଗରେ ଶାକିବ ଅଲ୍ ହାସନ ଓ ଆନ୍ଦ୍ରେ ରସେଲ କେତେକ ଦର୍ଶନୀୟ ଶଟ୍ ଖେଳିଥିଲେ ହେଁ ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଶାକିବ ୨୫ ବଲ୍‌ରୁ ଗୋଟିଏ ଲେଖାଏ ଚୌକା ଓ ଛକା ସହ ୨୬ ରନ କରିଥିବାବେଳେ ଜେମିସନଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇ ଯାଇଥିଲେ। ସେହିପରି ବିପଜ୍ଜନକ ସାବ୍ୟସ୍ତ ହୋଇ ଆସୁଥିବା ରସେଲ ମାତ୍ର ୨୦ ବଲ୍‌ରୁ ୩ ଚୌକା ଓ ୨ ଛକା ସହ ୩୧ ରନ କରିଥିବାବେଳେ ହର୍ଷଲ ପଟେଲଙ୍କ ଗୁଡ୍‌ଲେନ୍ଥ ବଲ୍‌ରେ ପରାସ୍ତ ହୋଇ ବୋଲ୍ଡ ହୋଇଥିଲେ। ଫଳରେ କୋଲକାତା ଇନିଂସ ୨୦ ଓଭରରେ ୧୬୬/୮ରେ ସୀମିତ ରହି ଯାଇଥିଲା। ଆରସିବି ବୋଲରଙ୍କ ମଧ୍ୟରେ କାଏଲ ଜେମିସନ ୩ଟି, ଯୁଜବେନ୍ଦ୍ର ଚହଲ ଓ ହର୍ଷଲ ପଟେଲ ୨ଟି ଲେଖାଏ ଏବଂ ୱାଶିଂଟନ ସୁନ୍ଦର ଗୋଟିଏ ଉଇକେଟ ନେଇଥିଲେ। ହର୍ଷଲ ନିଜ ୪ ଓଭର ସ୍ପେଲ୍‌ରେ ମାତ୍ର ୧୭ ରନ ବ୍ୟୟ କରି ସୁନ୍ଦର ବୋଲିଂର ନମୁନା ଦେଖାଇଥିଲେ।





ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଗ୍ଲେନ୍ ମ୍ୟାକ୍ସୱେଲ୍। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବି ଡି'ଭିଲର୍ସ।

## ସଂକ୍ଷିପ୍ତ ସ୍କୋର

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୨୦୪/୪(ଗ୍ଲେନ ମ୍ୟାକ୍ସୱେଲ-୭୮, ଏବି ଡି'ଭିଲର୍ସ-୭୬*, ଦେବଦତ୍ତ ପଡିକାଲ-୨୫, ବରୁଣ ଚକ୍ରବର୍ତ୍ତୀ-୨/୩୯, ପ୍ୟାଟ୍ କମିନ୍ସ-୧/୩୪, ପ୍ରସିଦ୍ଧ କ୍ରିଷ୍ଣା-୧/୩୧)। କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୬୬/୮(ଆନ୍ଦ୍ରେ ରସେଲ-୩୧, ଇଅନ ମୋର୍ଗାନ-୨୯, ଶାକିବ ଅଲ୍ ହାସନ-୨୬, ରାହୁଲ ତ୍ରିପାଠୀ-୨୫, ଶୁବମନ ଗିଲ୍-୨୧, କାଏଲ ଜେମିସନ-୩/୪୧, ଯୁଜବେନ୍ଦ୍ର ଚହଲ-୨/୩୪, ହର୍ଷଲ ପଟେଲ-୨/୧୭, ୱାଶିଂଟନ ସୁନ୍ଦର-୧/୩୩)।

### ଆଜିର ମ୍ୟାଚ

ଚେନ୍ନାଇ ସୁପରକିଙ୍ଗ୍ସ
ବନାମ
ରାଜସ୍ଥାନ ରୟାଲ୍ସ



ସ୍ଥାନ : ମୁମ୍ବାଇ
ସମୟ : ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ୧୬୪ କେଜି ଭାର ଉଠାଇଲେ ସ୍ନେହା

**ଭୁବନେଶ୍ୱର, ୧୮।୪(କ୍ରୀଡ଼ା ପ୍ରତିନିଧି)**

ତାସକେଣ୍ଟରେ ଚାଲିଥିବା ଏସୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଝିଲ୍ଲୀ ଦଲବେହେରା ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଆଉ ଜଣେ ଓଡ଼ିଆ ଯୁବତୀ ସ୍ନେହା ସୋରେନ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ୫୫ କେଜି ବିଭାଗରେ ଭାଗ ନେଇଥିବା ୨୦ ବର୍ଷୀୟା ସ୍ନେହା ସ୍ନାଚ୍‌ରେ ୭୧ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୩ କେଜି ଏହିପରି ମୋଟ ୧୬୪ କେଜି ଭାର ଉଠାଇ ଗ୍ରୁପ୍ 'ବି'ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସ୍ନାଚ୍‌ରେ ସ୍ନେହା ପ୍ରଥମ ଉଦ୍ୟମରେ ୬୮ ଓ ଦ୍ୱିତୀୟ ଉଦ୍ୟମରେ ୭୧ କେଜି ଉଠାଇଥିବାବେଳେ ଅନ୍ତିମ ଉଦ୍ୟମରେ ୭୩ କେଜିରେ ବିଫଳ ହୋଇଥିଲେ। ସେହିପରି କ୍ଲିନ୍ ଆଣ୍ଡ ଜର୍କରେ ସେ ପ୍ରଥମ ଉଦ୍ୟମରେ ୯୩ କେଜି ଉଠାଇଥିଲେ ହେଁ ପରବର୍ତ୍ତୀ ୨ ଉଦ୍ୟମରେ ଯଥାକ୍ରମେ ୯୮ ଓ ୧୦୦ କେଜି ଭାର ଉଠାଇବାରେ ସଫଳ ହୋଇ ନ ଥିଲେ। ଗ୍ରୁପ୍ 'ଏ' ପ୍ରତିଯୋଗୀଙ୍କ ପ୍ରଦର୍ଶନ ପରେ ସ୍ନେହାଙ୍କ ଫାଇନାଲ ଷ୍ଟାଣ୍ଡିଂ ସ୍ପଷ୍ଟ ହେବ।



ସ୍ନେହା ସୋରେନ

# ଇମିଲିଆ ରୋମାଗ୍ନା ଗ୍ରାଁ ପ୍ରି ଜିତିଲେ ଭର୍ଷ୍ଟାପେନ୍

**ଇମୋଲା (ଇଟାଲି), ୧୮।୪**

ରେଡବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ୍ ଇମିଲିଆ ରୋମାଗ୍ନା ଫର୍ମୁଲା ୱାନ୍ ଗ୍ରାଁ ପ୍ରି କାର୍ ରେସ୍ ଜିତିଛନ୍ତି। ଚଳିତବର୍ଷ ଏହା ତାଙ୍କର ପ୍ରଥମ ଏବଂ କ୍ୟାରିୟରର ୧୧ତମ ଟାଇଟଲ ବିଜୟ। ରେସ୍ ଆରମ୍ଭରେ ରେଡ୍ ଫ୍ଲାଗ୍ ଯୋଗୁ ସେ କିଛିଟା ନର୍ଭସ ହୋଇଯାଇଥିଲେ, ମାତ୍ର ପରେ ତ୍ରୁଟିହୀନ ଡ୍ରାଇଭିଂ ସହ ୨୨ ସେକେଣ୍ଡ ବ୍ୟବଧାନରେ ରେସ୍ ଜିତିଥିଲେ। ମର୍ସିଡିଜର ଲୁଇସ୍ ହାମିଲଟନ ଦ୍ୱିତୀୟ ଓ ମ୍ୟାକ ଲରେନର ଲାଣ୍ଡୋ ନୋରିସ ତୃତୀୟ ହୋଇଥିଲେ। ଫେରାରିର ଦୁଇ ଡ୍ରାଇଭର ଚାର୍ଲ୍ସ ଲେକ୍‌ଲେରକ୍ ଓ କାର୍ଲୋସ ସେଞ୍ଜ ଜୁନିୟର ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଥିଲେ। ନୋରିସଙ୍କ ଟିମ୍‌ମେଟ ଡାନିଏଲ ରିକାର୍ଡୋ ଓ ଆଷ୍ଟନ ମାର୍ଟିନର ଲାନ୍ସ ଷ୍ଟ୍ରୋଲ୍ ୬ଷ୍ଠ ଓ ୭ମରେ ରହିଥିଲେ। ପିଏରେ ଗାସ୍‌ଲି (ଆଲ୍‌ଫା ଟୌରି), କିମି ରାଇକୋନେନ (ଆଲ୍‌ଫା ରୋମିଓ) ଓ ଏଷ୍ଟିବାନ ଓକନ (ଆଲ୍‌ପାଇନ୍) ଯଥାକ୍ରମେ ୮ମ, ୯ମ ଓ ୧୦ମ ହୋଇଥିଲେ। ରବିବାର ରେସ୍ ଆରମ୍ଭରେ ବର୍ଷା ହୋଇଥିଲା। ବିଭିନ୍ନ କାରଣରୁ ଭାଲଟେରି ବୋଟାସ, ସେବାଷ୍ଟିଆନ ଭେଟେଲ, ଜର୍ଜ ରସେଲ ଓ ନିକୋଲାସ ଲତିଫି ରେସ୍ ଶେଷ କରିପାରି ନ ଥିଲେ।



ମ୍ୟାକ୍ସ ଭର୍ଷ୍ଟାପେନ୍

# ମୟଙ୍କ-ରାହୁଲଙ୍କ ଶତକୀୟ ଭାଗୀଦାରି

**ମୁମ୍ବାଇ, ୧୮।୪**

ଓପନିଂ ଯୋଡ଼ିରେ ମୟଙ୍କ ଅଗ୍ରୱାଲ ଓ ଲୋକେଶ ରାହୁଲଙ୍କ ଦ୍ରୁତ ଶତକୀୟ ଭାଗୀଦାରି ବଳରେ ପଞ୍ଜାବ କିଙ୍ଗ୍ସ ରବିବାର ଅନୁଷ୍ଠିତ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ ମ୍ୟାଚରେ ୨୦ ଓଭରରେ ୪ ଉଇକେଟ ହରାଇ ୧୯୫ ରନ କରିଛି।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଦିଲ୍ଲୀ ଅଧିନାୟକ ରିଷଭ ପନ୍ତ। ମାତ୍ର ମୟଙ୍କ ଅଗ୍ରୱାଲ ଏବଂ ଅଧିନାୟକ ଲୋକେଶ ପ୍ରଥମ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ପଞ୍ଜାବ ପାଇଁ ମୂଳଦୂଆ ଦୃଢ଼ କରିଥିଲେ। ପ୍ରଥମ ଉଇକେଟରେ ୭୬ ବଲ୍‌ରୁ ୧୨୨ ରନ ସଂଗ୍ରହ ହେବା ପରେ ପାର୍ଟନରଶିପ୍ ଭାଙ୍ଗିଥିଲେ ଦିଲ୍ଲୀର ଦ୍ରୁତ ବୋଲର ଲୁକମାନ ମାରିୱାଲା। ପ୍ରଥମ ୨ ମ୍ୟାଚରେ ଫେଲ୍ ମାରିଥିବା ମୟଙ୍କ ଏଠାରେ ଆକ୍ରମଣର ନେତୃତ୍ୱ ନେଇ ୩୬ ବଲ୍‌ରୁ ୭ ଚୌକା ଓ ୪ ଛକା ସହାୟତାରେ ୬୯ ରନ କରିଥିବାବେଳେ ମାରିୱାଲାଙ୍କ ବୋଲିଂରେ ସୁଇପର କଭରରେ ଶିଖର ଧାୱନଙ୍କୁ କ୍ୟାଚ ଦେଇଥିଲେ। ଏହାପରେ ରାହୁଲ ମଧ୍ୟ ଅଧିକ ସମୟ ଟିକି ନ ଥିଲେ। ସେ ୫୧ ବଲ୍‌ରୁ ୭ ଚୌକା ଓ ୨ ଛକା ସହାୟତାରେ ୬୧ ରନ କରି କାଗିଶୋ ରାବାଡ଼ାଙ୍କ ଶିକାର ହୋଇଥିଲେ। ଦୁଇ ସେଟ୍ ବ୍ୟାଟ୍ସମ୍ୟାନ ଆଉଟ ହେବାରୁ କ୍ରିସ୍ ଗେଲ୍ ଓ ଦୀପକ ହୁଡାଙ୍କ ଦାୟିତ୍ୱ ବଢ଼ିଥିଲା। ମାତ୍ର ଗେଲ୍ ୯ ବଲ୍‌ରୁ ୧୧ ରନ କରି କ୍ରିସ୍ ୱୋକ୍ସଙ୍କ ବଲ୍‌ରେ ଆଉଟ ହୋଇଥିଲେ। ନିକୋଲସ ପୁରନ ମଧ୍ୟ ୯ ରନର ଯୋଗଦାନ ଦେଇଥିଲେ। ତେବେ ହୁଡା ୧୩ ବଲ୍‌ରୁ ୨୨(୨ ଛକା) ଏବଂ ଶାହରୁଖ ଖାଁ ୫ ବଲ୍‌ରୁ ୧୫ (୨ ଚୌକା, ୧ଛକା) ରନରେ ଅପରାଜିତ ରହିବାରୁ ପଞ୍ଜାବ ଇନିଂସ ୨୦ ଓଭରରେ ୧୯୫/୪ରେ ପହଞ୍ଚିଥିଲା। ଦିଲ୍ଲୀର କ୍ରିସ୍ ୱୋକ୍ସ, ଲୁକ୍‌ମାନ ମାରିୱାଲା, କାଗିଶୋ ରାବାଡ଼ା ଓ ଆଭେଶ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଏହି ମ୍ୟାଚ ପାଇଁ ଦିଲ୍ଲୀ ଦଳରେ ୨ଟି ପରିବର୍ତ୍ତନ କରାଯାଇଥିଲା। ଅଜିଙ୍କ୍ୟ ରାହାନେ ଓ ଟମ୍ କୁରାନଙ୍କ ସ୍ଥାନରେ ଲୁକମାନ ମାରିୱାଲା ଓ ଷ୍ଟିଭ୍ ସ୍ମିଥ୍‌ଙ୍କୁ ସାମିଲ କରାଯାଇଥିଲା। ସେହିପରି ପଞ୍ଜାବ ଦଳରେ ମୁରୁଗାନ ଅଶ୍ୱିନଙ୍କ ସ୍ଥାନରେ ଜଲଜ ସକ୍ସେନାଙ୍କୁ ନିଆଯାଇଥିଲା। ବରୋଦାର ମାରିୱାଲା ଓ ମଧ୍ୟପ୍ରଦେଶର ସକ୍ସେନାଙ୍କ ପାଇଁ ଏହାଥିଲା ପ୍ରଥମ ଆଇପିଏଲ ମ୍ୟାଚ।



ମୟଙ୍କ ଅଗ୍ରୱାଲ ଓ ଲୋକେଶ ରାହୁଲ।

## ସଂକ୍ଷିପ୍ତ ସ୍କୋର

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୯୫/୪(ମୟଙ୍କ ଅଗ୍ରୱାଲ-୬୯, ଲୋକେଶ ରାହୁଲ-୬୧, କ୍ରିସ୍ ୱୋକ୍ସ-୧/୪୨, ଲୁକମାନ ମାରିୱାଲା-୧/୩୨, କାଗିଶୋ ରାବାଡ଼ା-୧/୪୩, ଆଭେଶ ଖାଁ-୧/୩୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ | ୩ | ୩ | ୦ | ୬ | +୦.୭୫୦ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୨ | ୧ | ୪ | +୦.୩୬୭ |
| ଚେନ୍ନାଇ ସୁପରକିଙ୍ଗ୍ସ | ୨ | ୧ | ୧ | ୨ | +୦.୬୧୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୧ | ୧ | ୨ | +୦.୧୯୫ |
| ରାଜସ୍ଥାନ ରୟାଲ୍ସ | ୨ | ୧ | ୧ | ୨ | +୦.୦୫୨ |
| ନାଇଟ ରାଇଡର୍ସ | ୩ | ୧ | ୨ | ୨ | -୦.୬୩୩ |
| ପଞ୍ଜାବ କିଙ୍ଗ୍ସ | ୨ | ୧ | ୧ | ୨ | -୦.୯୦୯ |
| ସନ୍‌ରାଇଜର୍ସ | ୩ | ୦ | ୩ | ୦ | -୦.୪୮୩ |

# ମୁମ୍ବାଇ ବିଜୟୀ

**ଚେନ୍ନାଇ, ୧୮।୪**

ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ୧୩ ରନରେ ସନରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ସ୍ଥାନୀୟ ଚେପକ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ନବମ ମୁକାବିଲାରେ ହାଇଦ୍ରାବାଦ ବିଜୟ ହାସଲ କରିବାର ସମ୍ଭାବନା ସୃଷ୍ଟି କରିଥିଲେ ମଧ୍ୟ ମିଡ୍‌ଲ ଅର୍ଡର ଓ ଟେଲ ଏଣ୍ଡରଙ୍କ ବିଫଳତା ଯୋଗୁ ପୁଣି ଥରେ ମ୍ୟାଚ୍ ହାତଛଡ଼ା କରିଛି। ଏଥିସହ ହାଇଦ୍ରାବାଦ ତା'ର ପ୍ରଥମ ୩ଟି ମ୍ୟାଚ୍ ହାରି ହ୍ୟାଟ୍ରିକ ପରାଜୟ ବରଣ କରିଛି। ଟସ୍ ଜିତି ମୁମ୍ବାଇ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟ ହରାଇ ୧୫୦ ରନ କରିଥିଲା। ଜବାବରେ ହାଇଦ୍ରାବାଦ ୧୯.୪ ଓଭରରେ ୧୩୭ ରନକରି ଅଲଆଉଟ ହୋଇଥିଲା। ଦଳର ୭ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ।

## ସଂକ୍ଷିପ୍ତ ସ୍କୋର

**ମୁମ୍ବାଇ ଇଣ୍ଡିଆନ୍ସ:** ୨୦ ଓଭରରେ ୧୫୦/୫ (ଡିକକ୍- ୪୦, ପୋଲାର୍ଡ- ୩୫*, ରୋହିତ- ୩୨, କିଷନ- ୧୨, ସୂର୍ଯ୍ୟକୁମାର- ୧୦, ମୁଜିବ- ୨/୨୯, ଶଙ୍କର- ୨/୧୯, ଖଲିଲ- ୧/୨୪)। **ସନରାଇଜର୍ସ ହାଇଦ୍ରାବାଦ:** ୧୯.୪ ଓଭରରେ ୧୩୭ ଅଲଆଉଟ (ବେୟାରଷ୍ଟୋ- ୪୩, ୱାର୍ନର- ୩୬, ଶଙ୍କର- ୨୮, ରାହୁଲ ଚହର- ୩/୧୯, ବୋଲ୍ଟ- ୩/ ୨୮, ବୁମ୍ରା- ୧/୧୪, କ୍ରୁନାଲ- ୧/୩୦)।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ